


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-304 ◆SUNDAY ◆03 MAY 2026 ◆PAGE-12+4 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୦୪ ◆ରବିବାର ◆୦୩ ମେ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


### ବ୍ୟାଙ୍କକୁ କଙ୍କାଳ ବୋହିନେବା ଘଟଣାରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

# ସହାନୁଭୂତିଶୀଳ ହେଉ ବ୍ୟାଙ୍କ ସେବା

**ଉପାନ୍ତ ଆଦିବାସୀ ଅଞ୍ଚଳରେ 'ସହୃଦୟ ବ୍ୟାଙ୍କିଙ୍ଗ ପ୍ରଶାସନ' ବ୍ୟବସ୍ଥା ସ୍ଥାପନ ଉପରେ ଗୁରୁତ୍ୱାରୋପ**

**ଆର୍‌ବିଆଇ ନିୟମର ଆଳ ଦେଖାଇ ଅମାନୁଷିକ ଆଚରଣକୁ ଯଥାର୍ଥ ଦର୍ଶାଉଛନ୍ତି ବ୍ୟାଙ୍କ କର୍ତ୍ତୃପକ୍ଷ**

**ନିୟମାବଳୀ ନାଗରିକମାନଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ; ସେମାନଙ୍କୁ ଅପମାନିତ କରିବାକୁ ନୁହେଁ**

**ଜିତୁ ମୁଣ୍ଡା ଘଟଣାରେ ତୁରନ୍ତ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ଦାବିକଲେ ବିରୋଧୀଦଳ ନେତା**



■ ଭୁବନେଶ୍ୱର, ୨।୫ (ସମିସ): କେନ୍ଦୁଝରରେ ଆଦିବାସୀ ଜିତୁ ମୁଣ୍ଡାଙ୍କ ସହ ଘଟିଥିବା ଉଦ୍‌ବେଗଜନକ ଏବଂ ଲଜ୍ଜାକର ଘଟଣାକୁ ନେଇ ଦେଶବିଦେଶରେ ଓଡ଼ିଶାକୁ ବଦନାମ ମୁଣ୍ଡାଇବାକୁ ପଡ଼ିଲାଣି। ବିଭିନ୍ନ ମହଲରେ ଏପରି ଘଟଣାକୁ ନେଇ କ୍ଷୋଭ ପ୍ରକାଶ ପାଉଥିବା ବେଳେ ଦୂରଦୂରାନ୍ତରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ବିଭିନ୍ନ ମହଲରେ ଜୋର୍‌ଦାର୍ ଦାବି ହେଉଛି। ଏହିକ୍ରମରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭାରତୀୟ ରିଜର୍ଭ ବ୍ୟାଙ୍କ ନିୟମାବଳୀର ଆଳ ଦେଖାଇ ସଂପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଅମାନୁଷିକ ଆଚରଣକୁ ଯଥାର୍ଥ ବୋଲି ଦର୍ଶାଇବାକୁ ଯେପରି ଚେଷ୍ଟା କରୁଛନ୍ତି, ତାହାକୁ ନେଇ ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ଦୂରଦୂରାନ୍ତର ଆଦିବାସୀ ଅଞ୍ଚଳରେ ଏକ ସହୃଦୟ ବ୍ୟାଙ୍କିଙ୍ଗ ପ୍ରଶାସନ ବ୍ୟବସ୍ଥା ଗଢ଼ିବାକୁ ନବୀନ ଚିଠିରେ ଦାବି କରିଥିବା ବେଳେ ଏପରି ସ୍ତବ୍ଧ କରିଦେବା ଭଳି ▶ପୃଷ୍ଠା-୭

### ୮ ତାରିଖ ଯାଏଁ କାଳବୈଶାଖୀ

# ଦ୍ୱିତୀୟ ସପ୍ତାହରେ ଲଘୁଚାପ

**ବାତ୍ୟା ପାଇଁ ପାଣିପାଗ ଅନୁକୂଳ**

**ବାତ୍ୟା ସମ୍ପର୍କରେ ଆଇଏମ୍‌ଡି ଦେଇନାହିଁ କୌଣସି ସୂଚନା**

■ଭୁବନେଶ୍ୱର,୨।୫ (ସମିସ): ରାଜ୍ୟରେ ଆସନ୍ତା ୮ ତାରିଖ ଯାଏଁ କାଳବୈଶାଖୀର ପ୍ରଭାବ ଜାରି ରହିବ। ମେ' ଦ୍ୱିତୀୟ ସପ୍ତାହ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଥିପାଇଁ ପାଗ ଅନୁକୂଳ ରହିଥିବା ନେଇ ଆକଳନ କରିଛନ୍ତି ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ର ନାଥ ପଶୁପାଳକ। ସେ କହିଛନ୍ତି ଯେ ବର୍ତ୍ତମାନର ପାଣିପାଗ ମଡେଲ ଅନୁସାରେ ବଙ୍ଗୋପସାଗରରେ ଏକ ସକ୍ରିୟ ପରିବେଶ ସୃଷ୍ଟି ହେଉଛି। ଏହି ସମୟରେ ସମୁଦ୍ର ପୃଷ୍ଠର ତାପମାତ୍ରା ପ୍ରାୟ ୩୦-୩୧ ଡିଗ୍ରୀ ସେଲସିୟସ ରହୁଥିବାରୁ ଏହା ବାତ୍ୟା ସୃଷ୍ଟି ପାଇଁ ଅତ୍ୟନ୍ତ ଅନୁକୂଳ ଅଟେ। ସଦ୍ୟତମ ମଡେଲ ଅନୁସାରେ ଲଘୁଚାପ ସୃଷ୍ଟି ହେବ। ▶ପୃଷ୍ଠା-୭

### ମହାନଦୀ ଜଳ ବିବାଦ ଶୁଣାଣି

# ପୁଣି ଘୁଞ୍ଚିଲା ତାରିଖ

**ଓଡ଼ିଶା ଓ ଛତିଶଗଡ଼ ଦାଖଲ କଲେ ଜଳ ଉପଲବ୍ଧତା ସଂଗୃହୀତ ତଥ୍ୟ**

**୩ଟି ପ୍ରସଙ୍ଗରେ ବର୍ଷାଧିକ କାଳ ଆଲୋଚନା ପରେ ସହମତି**

**ଆସନ୍ତା ୩୦ରେ ପରବର୍ତ୍ତୀ ଶୁଣାଣି**

■ ଭୁବନେଶ୍ୱର, ୨।୫ (ସମିସ): ଶନିବାର ମହାନଦୀ ଜଳ ବିବାଦର ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ଟ୍ରିବ୍ୟୁନାଲରେ ଅନୁଷ୍ଠିତ ହୋଇଛି। ଏହି ଶୁଣାଣିରେ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ପକ୍ଷରୁ ମହାନଦୀରେ ଉଭୟ ମୌସୁମୀ ଓ ଅଣମୌସୁମୀ ଋତୁରେ କେତେ ଜଳ ଉପଲବ୍ଧ ହେଉଛି, ସେନେଇ ଉଭୟ ରାଜ୍ୟର ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଦ୍ୱାରା ଯୁଗ୍ମ ସ୍ୱାକ୍ଷରିତ ହୋଇଥିବା ରିପୋର୍ଟ ଦାଖଲ କରାଯାଇଛି। ଏହି ରିପୋର୍ଟକୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଥିବା ମଧ୍ୟ ଜଣାପଡ଼ିଛି। ଏହାପରେ ଟ୍ରିବ୍ୟୁନାଲ ଆସନ୍ତା ଶୁଣାଣିକୁ ୩୦ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଅପରପକ୍ଷେ ଆଜିର ଶୁଣାଣିରେ ଉଭୟ ରାଜ୍ୟ ଦାଖଲ କରିଥିବା ତଥ୍ୟ ବିବାଦର ସମାଧାନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଜଳ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଦୀର୍ଘଦିନ ଧରି ମହାନଦୀରେ ଜଳ ସଂଗୃହୀତ ପରିମାଣ ନେଇ ସହମତି ଆସିପାରୁନଥିବା ବେଳେ, ଦୁଇରାଜ୍ୟ ଏନେଇ ସହମତି ପ୍ରକାଶ କରିବା ଏକ ଭଲ ସଙ୍କେତ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଉଭୟ ରାଜ୍ୟରେ ମହାନଦୀ ବିବାଦ ମୋଟ ୪୬ଟି ପ୍ରସଙ୍ଗ ଉପରେ ପର୍ଯ୍ୟବସିତ ଥିଲା। ▶ପୃଷ୍ଠା-୭

### ପ୍ରକାଶ ପାଇଲା ମାଟ୍ରିକ ଫଳାଫଳ

# ପାସ୍ ହାର ୯୫.୩୩%

- ପୁଣି ଛାତ୍ରଙ୍କୁ ପଛରେ ପକାଇ ବାଜି ମାରିଲେ ଛାତ୍ରୀ
- ଶୀର୍ଷରେ ଗଜପତି, ଗଞ୍ଜାମ; ସବୁଠୁ ପଛରେ କେନ୍ଦୁଝର
- ୩୩୧୦ ସ୍କୁଲରେ ଶତ ପ୍ରତିଶତ, ୩ଟି ସ୍କୁଲରେ ଫଳ ଶୂନ
- ଜୁଲାଇ ପ୍ରଥମ ସପ୍ତାହରେ ସପ୍ଲିମେଣ୍ଟାରୀ ପରୀକ୍ଷା

■ କଟକ, ୨।୫ (ସମିସ): ଶନିବାର ପ୍ରକାଶ ପାଇଛି ୨୦୨୬ବର୍ଷର ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ୍) ପରୀକ୍ଷାଫଳ। କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଏହି ଫଳାଫଳ ଘୋଷଣା କରାଯାଇଛି। ଚଳିତବର୍ଷ ପୁଣିଥରେ ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ରେଗୁଲାର ପାସ୍ ହାର ୯୫.୩୩ ପ୍ରତିଶତ ରହିଥିବା ବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୫୯.୮୨ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ମଧ୍ୟମା ପରୀକ୍ଷାରେ ୮୭.୩ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି। ଏଥର ମାଟ୍ରିକ୍ ପରୀକ୍ଷା (ରେଗୁଲାର)ରେ ମୋଟ ୫ଲକ୍ଷ ୪୪ ହଜାର ୬୭୦ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଥିବା ବେଳେ ୮ହଜାର ୩୬୪ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ୫ ଲକ୍ଷ ୩୬ହଜାର ୩୦୬ ଜଣ ପରୀକ୍ଷା ଦେଇଥିବା ବେଳେ ୫ ଲକ୍ଷ ୧୯ ହଜାର ୨୫୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ବର୍ଷ ପରୀକ୍ଷା ଦେଇଥିବା ୨ଲକ୍ଷ ୭୩ ହଜାର ୯୧୭ ଜଣ ଛାତ୍ରୀଙ୍କ ମଧ୍ୟରୁ ୨ଲକ୍ଷ ୬୩ ହଜାର ୩୬୧ ▶ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



■ଭୁବନେଶ୍ୱର, ୨।୫ (ସମିସ): ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, "ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା। ପରୀକ୍ଷାଫଳ ନିର୍ବିଶେଷରେ, ବିଚଳିତ ନ ହୋଇ ଦୃଢ଼ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବା ପାଇଁ ମୁଁ ସମସ୍ତଙ୍କୁ ଆହ୍ୱାନ କରୁଛି। ଆମ ବିଦ୍ୟାର୍ଥୀମାନଙ୍କର ସଂକଳ୍ପ ଓ ନିଷ୍ଠା ହିଁ ଆଗାମୀ ଦିନରେ ଏକ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ। ସମସ୍ତଙ୍କର ମଙ୍ଗଳ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।"




**ରଥଖଳାରୁ...**

# ତୁମ୍ବରେ ଅର ସଂଯୋଗ ଜାରି



ପୁରୀ, ୨।୫ (ସମିସ): ରଥଯାତ୍ରା ପାଇଁ ଚାଲିଛି ତିନିରଥ ନିର୍ମାଣ। ରଥଖଳା ଏବେ ବେଶ୍ ଚଳଚଞ୍ଚଳ। ଶୁକ୍ରବାର ସିଙ୍ଗଡ଼ା ବାଡ଼ିଆ ଅନୁକୂଳ ହୋଇଥିଲା। ତୁମ୍ବରେ ଅର ସଂଯୋଗକୁ ପାରମ୍ପରିକ ଭାଷାରେ ସିଙ୍ଗଡ଼ା ବାଡ଼ିଆ କୁହାଯାଏ। ଭୋଇ ସେବକମାନେ ମା' ଚର୍ଚ୍ଚିକାଙ୍କ ନିକଟରେ ମାଜଣା କରି ଶ୍ରୀଫଳ, ବିରିପିଠା, ସୁଆରପିଠା ସମର୍ପଣ କରିଥିଲେ। ଏହାପରେ ଭୋଇ ସର୍ଦ୍ଦାର ରବି ଭୋଇ ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରି ତିନିରଥର ୩ଟି ତୁମ୍ବରେ ଅର ଯୋଡ଼ି ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଅନୁକୂଳ କରିଛନ୍ତି।

ଶନିବାର ମଧ୍ୟ ସିଙ୍ଗଡ଼ା ବାଡ଼ିଆ ସହ ଅନ୍ୟାନ୍ୟ କାମ ଜାରି ରହିଛି। ନିହଣ, ମୁଗୁର ଓ ବାରିସି ମାଡ଼ ଧ୍ୱନିରେ ଗୁଞ୍ଜରିତ ହେଉଛି ରଥଖଳା। ରଥ ତିଆରିରେ ନିମଗ୍ନ ରହିଛନ୍ତି ଏହା ସହିତ ସମ୍ପୃକ୍ତ ସେବକ। ପୂର୍ବରୁ ସମସ୍ତ ୪୨ଟି ତୁମ୍ବ ବୋଳା ସରିବା ସହ ସୂତା ବାଡ଼ିଆ ଶେଷ ହୋଇଥିଲା। ଏବେ ତୁମ୍ବରେ ଅର ସଂଯୋଗ କରାଯାଉଛି। ଭଉଁରୀରେ ଚକଡେରା ନୀତି ଥିବାରୁ ଏହାକୁ ଦୃଷ୍ଟିରେ ରଖି ୬ଟି ଚକ କାମ ଶେଷ କରିବାକୁ ଲାଗିପଡ଼ିଛନ୍ତି ମହାରଣା ସେବକ। ଅନ୍ୟପକ୍ଷରେ, ରଥଖଳାରେ କୋଣଗୁଜ କାଠ ଚଉପଟ କରାଯାଉଛି। ରୂପକାର ସେବକମାନେ କୋଣଗୁଜରେ ନୃସିଂହ ବିରାଳ ରୂପ ଖୋଦେଇ କାମ ଜାରି ରଖିଛନ୍ତି। ଶୁକ୍ରବାର ଭୋଇ ସେବକମାନେ ଯନ୍ତାଗାଡ଼ରେ ତୁମ୍ବ ଆଣି ରଖିଥିଲେ। ତୁମ୍ବ, ଅର, କୋରାମୁଣ୍ଡା (କାଠ ତିଆରି ହାତୁଡ଼ି) କୁ ଚନ୍ଦନ, ସିନ୍ଦୂର ଦେଇ ପୂଜାର୍ଚ୍ଚନା କରିଥିଲେ। ପରେ ଶ୍ରୀଫଳ ଭାଙ୍ଗି ତୁମ୍ବରେ ଗୋଟିଏ ପରେ ଗୋଟିଏ ଅର ସଂଯୋଗ କରି କୋରାମୁଣ୍ଡାରେ ଭୋଇ ସେବକମାନେ ପ୍ରହାର କରିଥିଲେ। ଏହାସହ ତୁମ୍ବ ଏବଂ ଅରକୁ ସଲଗ୍ନ କରି ଅରକଣ୍ଟା ବାଡ଼ିଆ ଯାଇଥିଲା। ପ୍ରତି ତୁମ୍ବରେ ୩୨ଟି ବିନ୍ଧ ଓ ୧୬ଟି ଅର ସଂଯୋଗ ହୋଇଥାଏ। ଅନ୍ୟପକ୍ଷରେ ରଥଖଳାରେ ଏବେ ମହାରଣାମାନେ ଗୁଜ, କୁତୁକା, ଜଳଯନ୍ତ୍ର, ତିଖ ଗୁଜ ନିର୍ମାଣ କରୁଛନ୍ତି। ସେହିପରି ଦୋଳବେଦୀ କୋଣ କମାର ଶାଳରେ କମାର ସେବକମାନେ ଅରକଣ୍ଟା କରିବା ସହ ପଦାରୀ ବଳା ତିଆରି କରୁଛନ୍ତି।

**ବୈଷ୍ଣୋଦେବୀ ମନ୍ଦିରରେ କଳାକନା ବୁଲାଇଲେ ଦୁର୍ବୃତ୍ତ**

# ୪୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟିନେଲେ

ନୟାଗଡ଼/ଓଡ଼ଗାଁ,୨।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ତଥା ଶରଣକୁଳ ଥାନା ଶରଧାପୁର ପଞ୍ଚାୟତ ଜାମୁକୋଣସ୍ଥିତ ପ୍ରସିଦ୍ଧ ମା' ବୈଷ୍ଣୋଦେବୀ ମନ୍ଦିରରୁ ଗୁରୁବାର ବିଳମ୍ବିତ ରାତିରେ ବଡ଼ ଧରଣର ଚୋରି ହୋଇଛି। ଚୋରମାନେ ମନ୍ଦିରରୁ ସୁନାହାର, ମୁକୁଟ ଓ ଚାନ୍ଦିର ଚାନ୍ଦୁଆ ସମେତ ପ୍ରାୟ ୪୦ଲକ୍ଷରୁ

**ସାଇଣ୍ଟିଫିକ୍ ଟିମ ଓ ଡଗ୍ ସ୍କ୍ୱାଡ୍‌ର ଛାନଭିନ୍**

**ବନ୍ଦ ଥିଲା ସିସିଟିଭି, ଶୋଇଥିଲେ ଜଗୁଆଳ**

ଅଧିକ ଟଙ୍କାର ସମ୍ପତ୍ତି ଲୁଟି ନେଇଛନ୍ତି। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହେବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ ଓ ଆଇଆଇସି ସୁଜିତ କୁମାର ଦାସଙ୍କ ନେତୃତ୍ୱରେ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍-ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଛନ୍ତି।



ଚୋରମାନେ ମନ୍ଦିର ଗମ୍ଭୁଜ ତାଲା ଭାଙ୍ଗି ଭିତରକୁ ପ୍ରବେଶ କରି ତିନିଟି ସୁନା ମୁକୁଟ, ତିନିଟି ସୁନାହାର ଓ ତିନିଟି ଚାନ୍ଦିର ଚାନ୍ଦୁଆ ଚୋରି କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଗୁରୁବାର ରାତିରେ କାଳବୈଶାଖୀ ଝଡ଼ବର୍ଷା ଯୋଗୁଁ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ହୋଇଥିଲା। ରାତି ପ୍ରାୟ ୧୦ଟା ପରେ ଇନଭର୍ଟର୍ ପାୱାର ସରିଯାଇଥିଲା। ମନ୍ଦିରରେ ଜେନେରେଟର୍ ଥିଲେ ମଧ୍ୟ ତାହା ବ୍ୟବହାର କରାଯାଇ ନ ଥିଲା। ଅନ୍ଧାରର ସୁଯୋଗ ନେଇ ଚୋରମାନେ ରାତି ପ୍ରାୟ ସାଢ଼େ ୧ଟା ବେଳେ ଚୋରି କରିଥିବା ଅନୁମାନ କରାଯାଉଛି।

ଅନ୍ୟପଟେ, ପୂର୍ବବର୍ଷାରେ ସିସିଟିଭି କ୍ଷତିଗ୍ରସ୍ତ ହୋଇଥିବାରୁ ସୁରକ୍ଷା ପାଇଁ ଏହାର ସୁଇଚ୍ ବନ୍ଦ କରାଯାଇଥିଲା। ପରେ ତାହାକୁ ଚାଲୁ କରାଯାଇନଥିବାରୁ ଚୋରି ସମ୍ପର୍କିତ କୌଣସି ଭିଡିଓ ଫୁଟେଜ୍ ମିଳିନାହିଁ। ଝଡ଼ ସମୟରେ ଜଗୁଆଳିଙ୍କ ଅସାବଧାନତା ମଧ୍ୟ ଘଟଣାକୁ ସହଜ କରିଥିବା ଚର୍ଚ୍ଚା ହେଉଛି। ଜଗୁଆଳି ଶୋଇପଡ଼ିବା ଘଟଣା ଅଧିକ ସନ୍ଦେହ ସୃଷ୍ଟି କରୁଛି।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ମନ୍ଦିରରେ ନିରବଚ୍ଛିନ୍ନ ବିଦ୍ୟୁତ୍ ବ୍ୟବସ୍ଥା, ସିସିଟିଭି ଓ ସଶସ୍ତ୍ର ସୁରକ୍ଷା ବ୍ୟବସ୍ଥାର ଅଭାବ ଏହି ଘଟଣାକୁ ଆମନ୍ତ୍ରଣ କରିଛି। ଘନ ଜଙ୍ଗଲ ଓ ପାହାଡ଼ଘେରା ଏହି ଅଞ୍ଚଳ ପୂର୍ବରୁ 'ଚୋରଖୋଲ' ଭାବେ ପରିଚିତ ଥିବାରୁ ଅଧିକ ସତର୍କତା ଆବଶ୍ୟକ ଥିଲା ବୋଲି କୁହାଯାଉଛି। ଜମ୍ମୁ-କଶ୍ମୀରର କାଟ୍‌ରାସ୍ଥିତ ବୈଷ୍ଣୋଦେବୀ ମନ୍ଦିର ଢାଞ୍ଚାରେ ନିର୍ମିତ ଏହି ମନ୍ଦିର ଏକ ପ୍ରମୁଖ ପର୍ଯ୍ୟଟନ ଓ ଧାର୍ମିକ କେନ୍ଦ୍ର ଭାବେ ପରିଚିତ। ପ୍ରତିଦିନ ଏଠାରେ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବା ବେଳେ ଏଭଳି ଘଟଣା ଭକ୍ତଙ୍କ ମନରେ ଗଭୀର ଆଘାତ ସୃଷ୍ଟି କରିଛି। ପୁଲିସ ମନ୍ଦିର ସେବାୟତ ଓ କର୍ମଚାରୀଙ୍କୁ ପଚରାଉଚରା କରୁଥିବା ବେଳେ ବିଦ୍ୟୁତ୍ ବିଭ୍ରାଟ ସମ୍ପର୍କରେ ପୂର୍ବରୁ ଜାଣିଥିବା କୌଣସି ଦୁର୍ବୃତ୍ତ ଏହି ଘଟଣା ଘଟାଇ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

# କୁଆଁରିଆ ଡ୍ୟାମ୍‌ରେ ଡଙ୍ଗା ବୁଡ଼ି ୨ ମୃତ

ନୟାଗଡ଼/ଗଣିଆ, ୨।୫(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା କୁଆଁରିଆ ଡ୍ୟାମ୍‌ରେ ଡଙ୍ଗା ବୁଡ଼ି ଦୁଇଜଣଙ୍କ ମୃତ୍ୟୁ ହୋଇଛି। କାଳବୈଶାଖୀ ଜନିତ ବର୍ଷା-ପବନ ଯୋଗୁଁ ଡଙ୍ଗା ଓଲଟି ପଡ଼ିବାରୁ ଦୁଇଜଣ ନିଖୋଜ ହୋଇଥିଲେ। ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଦ୍ୱୟ ହେଲେ, ଦଶପଲ୍ଲା ଥାନା ସରିଗଣ୍ଡା ପଞ୍ଚାୟତ ଓଡ଼ଶର ଗ୍ରାମର ପ୍ରଦୀପ ପ୍ରଧାନ(୪୦) ଓ ତାଙ୍କ ସାଙ୍ଗ ଅଭୟ ଖମାରୀ (୩୬)। ଉଭୟ ମାଛ ଧରିବାକୁ ଜଳଭଣ୍ଡାର ଭିତରକୁ ଯାଇଥିବା ବେଳେ କାଳବୈଶାଖୀ ହୋଇଥିଲା। ଅଚାନକ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ଜୋର୍‌ରେ ପବନ ବୋହିଥିଲା। ଏହି ସମୟରେ ଜଳଭଣ୍ଡାର ଭିତରେ ଥିବା ୧୫ରୁ ଊର୍ଦ୍ଧ୍ୱ ମାଛଧରାଳି ସଂଘର୍ଷ କରି କୂଳକୁ ଆସିଥିବା ବେଳେ ପ୍ରଦୀପ ଓ ଅଭୟ ବିଫଳ ହୋଇଥିଲେ। ପବନରେ ଡଙ୍ଗା ଗଣ୍ଡ ଭିତରକୁ ଚାଲିଯାଇ ଓଲଟି ପଡ଼ିବାରୁ ଉଭୟ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଓଡ୍ରାଫ୍, ଦମକଳବାହିନୀ ଖୋଜାଖୋଜି କରି ସକାଳେ ପ୍ରଦୀପଙ୍କ ମୃତଦେହ ଉଦ୍ଧାର କରିଥିବା ବେଳେ ଅପରାହ୍ଣରେ ଅଭୟଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଦଶପଲ୍ଲା ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ଉଭୟଙ୍କ ମୃତଦେହ ଦଶପଲ୍ଲା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

**ନିଶା ନେଲା ଜୀବନ**

# ଶିଳପୁଆରେ ଛେଚି ବୃଦ୍ଧ ବାପାକୁ ହତ୍ୟା

ଆଠଗଡ଼, ୨।୫ (ସମିସ):ଆଠଗଡ଼ ଥାନା ଅନ୍ତର୍ଗତ ରଘୁନାଥପାଟଣା ଅସବର୍ଣ୍ଣ ସାହିରେ ଶନିବାର ଏକ ହୃଦୟ ବିଦାରକ ଘଟଣା ଘଟିଛି। ମଦ୍ୟପାନକୁ କେନ୍ଦ୍ର କରି ଜଣେ ପୁଅ ନିଜ ଜନ୍ମ କଲା ବାପାକୁ ନିର୍ମମ ଭାବେ ହତ୍ୟା କରିଛି। ମୃତକ ହେଲେ, ୭୭ ବର୍ଷୀୟ ବୃଦ୍ଧ ବିକଳ ନାଏକ।

ସୂଚନାନୁଯାୟୀ, ଅଭିଯୁକ୍ତ ପୁଅ ବିଭୂତି ନାଏକ (୪୦) ଏବଂ ବିକଳ ଗ୍ରାମ ନିକଟସ୍ଥ ଏକ ଚୋରା ମଦ ଭାଟିରୁ ମଦ୍ୟପାନ କରି ଘରକୁ ଫେରିଥିଲେ। ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ



ବିଭୂତି ପାଖରେ ଥିବା ଏକ ଶିଳପୁଆରେ ବିକଳଙ୍କୁ ଆକ୍ରମଣ କରିଥିଲା। ବିକଳ ଗୁରୁତର ହୋଇଥିଲେ। ଗ୍ରାମବାସୀମାନେ ବିଭୂତିକୁ କାବୁ କରି ପୁଲିସକୁ ଖବର ଦେଇଥିଲେ। ଏହାସହ ଗୁରୁତର ବିକଳଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଠଗଡ଼ ଥାନା ଅଧିକାରିଣୀ ସୁମତି କୁମାରୀ ମହାନ୍ତିଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଛି। ମୃତକଙ୍କ ପତ୍ନୀ ତଥା ଅଭିଯୁକ୍ତର ମା' ପ୍ରମିଳା ନାଏକଙ୍କ ଏତଲାକୁ ଭିତ୍ତି କରି ପୁଲିସ୍ ନମ୍ବର ୧୮୨/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ବ୍ୟବଚ୍ଛେଦ ପରେ ବିକଳଙ୍କ ଶବକୁ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ଆଠଗଡ଼-ତିଗିରିଆ ଓ କାଙ୍କି ବ୍ଲକ୍‌ର ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଏଠାରେ ପ୍ରଶାସନିକ ନଜର କମ୍ ରହୁଛି। ଫଳରେ ଅଞ୍ଚଳରେ ବେଆଇନ ଗଞ୍ଜେଇ ଓ ଦେଶୀ ମଦ କାରବାର ବୃଦ୍ଧି ପାଉଛି, ଯାହା ଶାନ୍ତିଶୃଙ୍ଖଳା ବିପର୍ଯ୍ୟସ୍ତ କରିବା ସହ ଏଭଳି ଜଘନ୍ୟ ଅପରାଧକୁ ଜନ୍ମ ଦେଉଛି। ପ୍ରଶାସନ ପକ୍ଷରୁ ଏହି ଚୋରା ନିଶା କାରବାର ଉପରେ ରୋକ୍ ଲଗାଇବାକୁ ସାଧାରଣରେ ଦାବି ହେଉଛି।

**ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲା**

# ୮ ଜଣଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା

ଭୁବନେଶ୍ୱର,୨।୫(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ସମନ୍‌କୁ ବେଖାତିର୍। ଏହି ଠକେଇ ସମ୍ପର୍କରେ ବହୁ ଲୋକଙ୍କୁ ସିବିଆଇ ପଚରାଉଚରା କରିବାକୁ କାର୍ଯ୍ୟାଳୟକୁ ଡକାଉଛି; ହେଲେ ସମନ୍‌କୁ ବେଖାତିର କରି ସେମାନେ ଆସିବାକୁ ନାରାଜ। ଏଣୁ ସିବିଆଇ ସେମାନଙ୍କ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ୮ ଅଭିଯୁକ୍ତଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଛି। ଏହି ଅଭିଯୁକ୍ତମାନେ ହେଲେ ଅନ୍ୱେଶ ନାୟକ, ଆଶିଷ କୁମାର, ବଳରାମ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ଗୋବିନ୍ଦ ତ୍ରିପାଠୀ, ଗୋପାଳ କୃଷ୍ଣ ଦାସ, ଗୋପୀ ରମଣ ଏବଂ ସଞ୍ଜୟ କୁମାର। ଏମାନଙ୍କ ମଧ୍ୟରେ ୫ଜଣ ଓଡ଼ିଆ ଥିଲା ବେଳେ ଆଉ ୩ଜଣ ବିହାର ରାଜ୍ୟର ବୋଲି ଜଣାପଡ଼ିଛି। ଅଭିଯୁକ୍ତମାନଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫ ପରୱାନା ଜାରି କରାଯିବା ପରେ ସିବିଆଇ ଏମାନଙ୍କୁ ଗିରଫ କରି କୋର୍ଟଙ୍କ ସମ୍ମୁଖରେ ହାଜର କରାଇବ। ଏହାପରେ ପଚରାଉଚରା କରିବ ବୋଲି ଜଣାପଡ଼ିଛି।

ଜାମିନ୍ ବିହୀନ ଗିରଫ ପରୱାନା ଜାରି କରାଯାଇଥିବା ବ୍ୟକ୍ତିମାନେ ଏହି ଠକେଇରେ ମଧ୍ୟସ୍ଥ ଭାବେ ଅପରେଟ୍ କରୁଥିଲେ। ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ଅନ୍ୟ ଅଭିଯୁକ୍ତ ଏବଂ ପରୀକ୍ଷାର୍ଥୀଙ୍କୁ ଜେରା ବେଳେ ଏମାନଙ୍କ ନାମ ସାମ୍ନାକୁ ଆସିଥିଲା। ଅଣଓଡ଼ିଆମାନେ ରାଜ୍ୟ

**ଜେରା ପାଇଁ ସିବିଆଇରେ ହାଜର ହେଉନାହାନ୍ତି ଅଭିଯୁକ୍ତ**

ବାହାରେ ରହି ଶଙ୍କର ଏବଂ ତାଙ୍କ ଗ୍ୟାଙ୍ଗ୍‌କୁ ସମସ୍ତ ପ୍ରକାର ସହଯୋଗ କରୁଥିଲା ବେଳେ ଓଡ଼ିଶା ଲୋକେ ଦୀଘା ମଡ୍ୟୁଲ୍ ଏବଂ ଆନ୍ଧ୍ର ପ୍ରଦେଶ ମଡ୍ୟୁଲକୁ ଅପରେଟ୍ କରିବାରେ ସହଯୋଗ କରିଥିଲେ। କିଛିଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଥିବା ନେଇ ସିବିଆଇ ପ୍ରମାଣ ପାଇଥିବା ସୂଚନା ମିଳିଛି।

ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ପ୍ରଥମେ ବ୍ରହ୍ମପୁର ପୁଲିସ ପରେ କ୍ରାଇମବ୍ରାଞ୍ଚ ଏବଂ ଶେଷରେ ସିବିଆଇ ଏହାର ତଦନ୍ତ ଭାର ହାତକୁ ନେଇଥିଲା। ଚାକିରି ବିକ୍ରି ଲିଙ୍କ୍‌ରେ କିଛି ରାଜ୍ୟ ବାହାର ସ୍କାମ୍‌ଷ୍ଟରଙ୍କୁ ସିବିଆଇ ଗିରଫ କରିଥିଲା। ସିବିଆଇ ଏକାଧିକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ରେଡ୍ କରିଥିଲା। କିନ୍ତୁ ରାଜ୍ୟ ବାହାରେ ଅପରେଟ୍ କରୁଥିବା ବଡ଼ ମାଛ ଏପର୍ଯ୍ୟନ୍ତ ସିବିଆଇ ଜାଲରେ ପଡ଼ି ନାହାନ୍ତି। ତେଣୁ ସିବିଆଇ ହାତକୁ ମାମଲା ଗଲାପରେ ସେତେଟା ଲୋକଙ୍କ ଦୃଷ୍ଟି ଆକର୍ଷଣ ହୋଇ ପାରିଲା ନାହିଁ। ସିବିଆଇର ଶିଥିଳ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏବେ ଅଭିଯୁକ୍ତମାନେ ସିବିଆଇକୁ ଖାତିର କରୁ ନାହାନ୍ତି। ଯାହାଫଳରେ ଏମାନେ ସମନ୍‌କୁ ଏଭଳି ଅବମାନନା କରୁଛନ୍ତି ବୋଲି ଆଲୋଚନା ହେଉଛି।

ସୂଚନାଯୋଗ୍ୟ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ମାଷ୍ଟରମାଇଣ୍ଡ ତଥା ପଞ୍ଚସପ୍ତର ମାଲିକ ଶଙ୍କର ପୃଷ୍ଟି, ମଧ୍ୟସ୍ଥ ମୁନ୍ନା ମହାନ୍ତି ଏବଂ ତାଙ୍କ ସହଯୋଗୀଙ୍କ ସମେତ ସିଲିକନ୍ ଟେକ୍ ଲ୍ୟାବ୍‌ର ସିଇଓ ସୁରେଶଙ୍କ ନାୟକଙ୍କୁ ଗିରଫ କରାଯାଇଥିଲା। ଏହାବ୍ୟତିତ ବହୁ ସଂଖ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ହେଲେ କିଛି ଅଭିଯୁକ୍ତଙ୍କୁ ଜାମିନ୍ ମିଳି ସାରିଲାଣି। ମୁନ୍ନା ମହାନ୍ତିଙ୍କୁ କିଛିଦିନ ତଳେ ଜାମିନ୍ ମିଳିଛି।

**ମାଓ ଡମ୍ପରେ ଚଢ଼ଉ ବେଳେ ଆଇଇଡି ବିସ୍ଫୋରଣ**

# ୪ ଯବାନ ସହିଦ



ମାଲକାନଗିରି,୨।୫(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେର୍ ଜିଲ୍ଲାରେ ମାଓ ଡମ୍ପରେ ଚଢ଼ଉ ବେଳେ ଆଇଇଡି ବିସ୍ଫୋରଣରେ ୪ ଯବାନ ସହିଦ ହୋଇଛନ୍ତି। ଇନ୍ସପେକ୍ଟର୍ ସୁଖରାମ ଭାଟି, କନଷ୍ଟେବଲ କୃଷ୍ଣ କୋମରା ଓ କନଷ୍ଟେବଲ ସଞ୍ଜୟ ଗଡ଼ପାଲେ ଘଟଣାସ୍ଥଳରେ ସହିଦ ହୋଇଥିବା ବେଳେ କନଷ୍ଟେବଲ ପରମାନନ୍ଦ କୋମରା ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ସହିଦ ହୋଇଛନ୍ତି। ବସ୍ତର୍ ରେଞ୍ଜ ପୁଲିସ୍ ମହାନିରୀକ୍ଷକ ସୁନ୍ଦରରାଜ ପଟ୍ଟିଲିଙ୍ଗମଙ୍କ ସୂଚନାନୁଯାୟୀ, କିଛି ମାସ ମଧ୍ୟରେ ବସ୍ତର୍ ରେଞ୍ଜରେ ପୁଲିସ୍ ଏବଂ ସୁରକ୍ଷା ବାହିନୀ ଦ୍ୱାରା ପୂର୍ବରୁ ଲୁଚାଇ ରଖାଯାଇଥିବା ଶହଶହ ଆଇଡି ବୋମା ଉଦ୍ଧାର ଏବଂ ନିଷ୍କ୍ରିୟ କରାଯାଇଛି। ଆତ୍ମସମର୍ପଣ କରିଥିବା ମାଓ କ୍ୟାଡର୍‌ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଏବଂ ପ୍ରାପ୍ତ ଅନ୍ୟାନ୍ୟ ଗୁଇନ୍ଦା ସୂଚନା ଆଧାରରେ ଆଜି ମଧ୍ୟ କୋରୋସିକୋଡାରେ ତଲାସି ଅଭିଯାନ କରାଯାଇଥିଲା। ଏହି ସମୟରେ ଜଙ୍ଗଲ ମଧ୍ୟରେ ଠାବ ଏକ ମାଓ ଡମ୍ପରେ ଚଢ଼ଉ ବେଳେ ହଠାତ୍ ବିସ୍ଫୋରଣ ଘଟିଥିଲା। ଏଥିରେ ୪ଯବାନ ସହିଦ ହୋଇଥିଲେ।

# ତଦନ୍ତ ବେଳେ ଦୁଇ ମହିଳା ଏସ୍‌ଆଇଙ୍କୁ ଆକ୍ରମଣ

କୋମନା, ୨।୫ (ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ଡୁମେରବାହାଲ ଗାଁରେ କର୍ତ୍ତବ୍ୟରତ ଦୁଇ ମହିଳା ପୁଲିସ୍ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅଧିକାରୀଦ୍ୱୟ ହେଲେ, କୋମନା

**୨ ଗିରଫ**

ଥାନାର ସବ୍-ଇନ୍ସପେକ୍ଟର୍ ମିନତି ବଡ଼ନାୟକ ଓ ରଜନୀ ଦୀପ। ଏହି ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ବୃନ୍ଦାବନ ମହାନନ୍ଦ ଓ ମହେନ୍ଦ୍ର ଜଗତ।

ସୂଚନାନୁସାରେ, ଏକ ମାମଲାର ତଦନ୍ତ ପାଇଁ ସବ୍-ଇନ୍ସପେକ୍ଟର୍ ମିନତି ଓ ରଜନୀ ଡୁମେରବାହାଲ ଗାଁକୁ ଯାଇଥିଲେ। ତଦନ୍ତ ବେଳେ ଗାଁର କିଛି ବ୍ୟକ୍ତି ବାଧା ସୃଷ୍ଟି କରିବା ସହ ପୁଲିସ ଅଧିକାରୀଦ୍ୱୟଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣରେ ଦୁହେଁ ଆହତ ହୋଇଥିଲେ। ଆକ୍ରମଣ ଖବର ପାଇବା ପରେ କୋମନା ଥାନାର ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗାଁରେ ଚଢ଼ଉ କରିଥିଲେ। ଆକ୍ରମଣରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ବୃନ୍ଦାବନ ମହାନନ୍ଦ



ଓ ମହେନ୍ଦ୍ର ଜଗତଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି।

ନୂଆପଡ଼ା ଅତିରିକ୍ତ ଏସ୍‌ପି ରଞ୍ଜିତ ନାୟକ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ କର୍ତ୍ତବ୍ୟରେ ବାଧା ଦେବା ସହ ପୁଲିସ ଉପରେ ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ। ଘଟଣାର ମୁଖ୍ୟ ଅଭିଯୁକ୍ତ ପାସା ମହାନନ୍ଦ ବର୍ତ୍ତମାନ ଫେରାର୍ ଅଛନ୍ତି। ତାଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ଆହୁରି ଜୋରଦାର କରିଛି।

# କାଳବୈଶାଖୀ ନେଲା ୪ ଜୀବନ

ରାଉରକେଲା/ବଣାଇଁ/ପଞ୍ଚୁପାଣ୍ଡବ/ଡେରାବିଶ/ବ୍ରହ୍ମବରଦା/ ପାତ୍ରପୁର/ ପାରଳାଖେମୁଣ୍ଡି, ୨।୫(ସମିସ): କାଳବୈଶାଖୀ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ତାଣ୍ଡବ ରଚିଛି। କାଳବୈଶାଖୀ ଜନିତ ବର୍ଷା-ପବନ ଯୋଗୁଁ ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହେବା ସହ ୪ଜଣଙ୍କ ଜୀବନ ଯାଇଛି। ଏହାସହ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆହତ ହୋଇଛନ୍ତି।

ସୂଚନାନୁଯାୟୀ, କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ହେମନ୍ତ ପରିଡ଼ାଙ୍କ ସ୍ତ୍ରୀ ପ୍ରିୟତମା ପରିଡ଼ା (୪୮)ଙ୍କ ଆଜି ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଘର ପାଖରେ ଠିଆ ହୋଇଥିବା

- **ଗଛ ପଡ଼ି ୩ ଓ କାନ୍ଥ ଭୁଶୁଡ଼ି ଜଣେ ମୃତ**
- **ଅଷ୍ଟପ୍ରହର ବେଳେ ଭୁଶୁଡ଼ିଲା କାନ୍ଥ;୩୦ ଆହତ**

ବେଳେ କାଳବୈଶାଖୀ ଜନିତ ପବନରେ ଗୋଟିଏ ନଡ଼ିଆ ଗଛ ତାଙ୍କ ଉପରେ ପଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ପରିବାରଲୋକ ତାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟକୁ ପଠାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି, ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅର୍ନ୍ତଗତ ଜନକ ପଞ୍ଚାୟତସ୍ଥିତ ବଡ଼ବାଲିକୁଦା ଗ୍ରାମରେ କାଳବୈଶାଖୀ ଯୋଗୁଁ ଏକ ତାଳଗଛ ଉପୁଡ଼ି ଜଣେ ଯୁବଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହିଗ୍ରାମର ବଙ୍କିମ ଜେନାଙ୍କ ପୁଅ ଅଜିତ ଜେନା(୩୬)। ଆଜି ଅପରାହ୍ଣରେ ଅଜିତ ନିଜ ପୋଟଳ ବିଲକୁ ଔଷଧ ପକାଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ହଠାତ୍ ବର୍ଷା-ପବନ ମାଡ଼ି ଆସିବାରୁ ସେ ତାଳଗଛ ତଳେ ଆଶ୍ରୟ ନେଇଥିଲେ। କିନ୍ତୁ ପବନରେ ତାଳଗଛ ମଝିରୁ ଭାଙ୍ଗି ଯାଇଥିଲା। ଫଳରେ ଗଛ ତଳେ ଚାପି ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ଅଜିତ୍‌ଙ୍କ ପତ୍ନୀ ମାନସିକ ଭାରସାମ୍ୟ ହରାଇ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ପାତ୍ରପୁର ବ୍ଲକ୍‌ରେ ମଧ୍ୟ କାଳବୈଶାଖୀ ଜଣଙ୍କ ଜୀବନ ନେଇଛି। ମୃତକ ହେଲେ, ଖରଣୀପଡ଼ା ଗ୍ରାମର ରାଜେନ୍ଦ୍ର ମହାରଣାଙ୍କ ଦ୍ୱିତୀୟ ପୁତ୍ର ସିପୁନ ମହାରଣା (୨୪)। ସିପୁନ ଓ ତାଙ୍କ ଭାଇ ଆଜି ରାତି ପ୍ରାୟ ୮ଟାରେ ଗାଁ ନିକଟ ଈଶ୍ୱର ମନ୍ଦିର ପାଖ ନିଜର କୁକୁଡ଼ା ଫାର୍ମକୁ ଯାଇଥିବା ବେଳେ ହଠାତ ଝଡ ତୋଫାନ ହୋଇଥିଲା। ଏଥିରେ ନୂତନ ଭାବେ ତିଆରି ହୋଇଥିବା କାନ୍ଥଟି ସିପୁନଙ୍କ ଉପରେ ପଡ଼ିଯାଇଥିଲା। ପରିବାରଲୋକେ ତାଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାଯାଇଛି।

ସେହିପରି ଗଜପତି ଜିଲ୍ଲା ଗୋଷାଣି ବ୍ଲକ୍ ଅନ୍ତର୍ଗତ ବାଘଶାଳା ଗ୍ରାମରେ ଥିବା ଏକ ଦୋକାନ ଉପରେ ଏକ ବିରାଟ ଗଛ ପଡ଼ିବାରୁ ସେଠାରେ ଆଶ୍ରୟନେଇଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ସେହି ଗ୍ରାମର କେ.ମନ୍ମଥ ରାଓ। ଏଥିରେ ଦୋକାନୀ ଏ. ଶ୍ରୀନିବାସ ରାଓ ମଧ୍ୟ ଗୁରୁତର ଆହତ ହୋଇଛନ୍ତି।

ଅନ୍ୟ ଏକ ଘଟଣାକ୍ରମେ, ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ବ୍ଲକ ବନେଇକେଲା ଅଧୀନ ଗିଲି ଗାଁରେ ଅଷ୍ଟପ୍ରହରୀ ଚାଲିଥିବା ବେଳେ କାଳବୈଶାଖୀରେ ଏକ କାନ୍ଥ ଭୁଶୁଡ଼ି ପଡ଼ିବାରୁ ୩୦ଗ୍ରାମବାସୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସମସ୍ତଙ୍କୁ ବଣାଇଁ ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସଙ୍କଟାପନ୍ନ ୫ଜଣଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଆଜି ଗାଁରେ ଅଷ୍ଟପ୍ରହର ନାମଯଜ୍ଞ ଚାଲିଥିବା ବେଳେ ହଠାତ୍ କାଳବୈଶାଖୀ ମାଡ଼ି ଆସିଥିଲା। ଲୋକେ ସେଠାରେ ଥିବା ଏକ ମାଟି କାନ୍ଥକୁ ଆଶ୍ରା କରି ଠିଆ ହୋଇଥିବା ବେଳେ ପବନରେ ଉକ୍ତ କାନ୍ଥଟି ଭାଙ୍ଗି ପଡ଼ିଥିଲା।

# ବିଦ୍ୟୁତ୍ ଆଘାତରେ ମାଆ-ପୁଅ ମୃତ



ଦେବଗଡ଼, ୨।୫ (ସମିସ): ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଲା ଥାନା ସଦର ମହକୁମାରେ ବିଦ୍ୟୁତ୍ ଆଘାତରେ ମା'-ପୁଅଙ୍କ ମୃତ୍ୟୁ ଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, କୁଣ୍ଢେଇଗୋଲା ଗ୍ରାମର ନିରଞ୍ଜନ ଭୂତିଆଙ୍କ ସ୍ତ୍ରୀ ଉପବାସୀ (୪୫) ଓ ଶିଶୁପୁତ୍ର ମନପ୍ରୀତ (୭)। ଆଜି ଅପରାହ୍ଣରେ ଏହି ଅଘଟଣ ଘଟିଛି। ଘର ସାମ୍ନାରେ ଥିବା କୂଅରେ ପାଣି ମୋଟରରେ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଅସାବଧାନତାବଶତଃ ମା'-ପୁଅ ଆସି ଯାଇଥିଲେ। ଘଟଣାସ୍ଥଳରେ ଦୁହେଁ ସଂଜ୍ଞାହୀନ ହୋଇପଡ଼ିଥିଲେ। ପରିବାରଲୋକ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି କୁଣ୍ଢେଇଗୋଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷାଣା କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇ କୁଣ୍ଢେଇଗୋଲା ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ୍ କହିଛି।

# ଗୋଚର ଜମିକୁ ପଟ୍ଟା କରି ସଂସ୍ଥାକୁ ବିକିଦେଲେ

ନୟାହାଟ, ୨।୫(ସମିସ): ଗୋଚର ଜମିକୁ ପଟ୍ଟା କରି ଏକ ବେସରକାରୀ ସଂସ୍ଥା ହାତକୁ ଟେକିଦେଲେ ସରକାର। ପୁରୀ ଜିଲ୍ଲା ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଳାଙ୍ଗ ପଞ୍ଚାୟତ ବରିମୁଣ୍ଡ ଗ୍ରାମରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି। ରାଜ୍ୟ ସରକାର ଗୋ-

**ହାଇକୋର୍ଟରେ ମାମଲା ରୁଜୁ**

ସୁରକ୍ଷା ପାଇଁ ଯତ୍ନବାନ ବୋଲି ଡିଣ୍ଡିମ ପିଟୁଥିବା ବେଳେ ଗୋଚର ଜମିକୁ ଏକ ସଂସ୍ଥା ହାତକୁ ଟେକିଦେବା ସରକାରଙ୍କ ଅସଲ ଚରିତ୍ରକୁ ପଦାରେ ପକାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର କମଳକାନ୍ତ ବେଉରା ଡିଡବ୍ଲୁପିସି ୮୪୫୯/୨୦୨୬ରେ ଏକ ମାମଲା ରୁଜୁ କରିଛନ୍ତି।

ଶନିବାର ବାଲିକପିଳେଶ୍ୱରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିମୁଣ୍ଡ ଗ୍ରାମବାସୀ ଓ ହାଇକୋର୍ଟ ଆଇନଜୀବୀ ସୁରେଶ କୁମାର ପଣ୍ଡା ଯୋଗଦେଇ ଏ ସଂପର୍କରେ ବିସ୍ତୃତ ତଥ୍ୟ ରଖିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ହେଲା, ବରିମୁଣ୍ଡ ରାଜସ୍ୱ ନିରୀକ୍ଷକ ସର୍କଲ ଅଧୀନରେ ବରିମୁଣ୍ଡ ଗ୍ରାମରେ ଥିବା ଖାତା ନମ୍ବର ୩୩୦, ପ୍ଲଟ୍ ନମ୍ବର ୬୪, ୬୫ ଓ ୫୯ରେ



ଥିବା ୮୪ଡେସିମିଲ ଗୋଚର ଜମିକୁ ପଟ୍ଟା କରି ଏକ ବେସରକାରୀ ସଂସ୍ଥା ହାତକୁ ଟେକି ଦିଆଯାଇଛି। ସରକାର ଯଦି ଏହି ଗୋଚର ଜମିକୁ ପୂର୍ବାବସ୍ଥାକୁ ନ ଆଣନ୍ତି, ଆବଶ୍ୟକ ପଡ଼ିଲେ ସୁପ୍ରିମ୍‌କୋର୍ଟରେ ଦ୍ୱାରସ୍ଥ ହେବୁ। ଏହି ସାମ୍ବାଦିକ ସମ୍ମିଳନୀରେ ଗ୍ରାମର କମଳକାନ୍ତ ବେଉରା, ନଟବର ପ୍ରଧାନ, ପ୍ରତାପ ରାଉତ, ଦିବ୍ୟସିଂହ ସ୍ୱାଇଁ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଜୟ କୁମାର ସ୍ୱାଇଁ, ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ମହିଳାଙ୍କୁ ରାତି ବିତାଇବାକୁ ଡାକିବା ଘଟଣା

# ପୂର୍ବତନ ଖଣ୍ଡପଡ଼ା ଏସ୍‌ଡିପିଓ ନିଲମ୍ବିତ

ନୟାଗଡ଼/ଖଣ୍ଡପଡ଼ା,୨।୫(ସମିସ): ମହିଳାଙ୍କୁ ରାତି ବିତାଇବାକୁ ଡାକିବା ଅଭିଯୋଗରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାର ପୂର୍ବତନ ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କୁ ରାଜ୍ୟ ଗୃହ ମନ୍ତ୍ରାଳୟ ନିଲମ୍ବନ କରିଛି। ଏପ୍ରିଲ ୨୯ ତାରିଖ ଚିଠି ନଂ ୧୪୭୭୦ରେ ଏହି ନିର୍ଦ୍ଦେଶ ଦିଆଯାଇଛି। ତାଙ୍କୁ ସେଣ୍ଟ୍ରାଲ୍ ରେଞ୍ଜ ଆଇଜିଙ୍କ କାର୍ଯ୍ୟାଳୟରେ ହାଜିରା ଦେବାକୁ ନିର୍ଦ୍ଦେଶ ରହିଛି।

ଏସ୍‌ଡିପିଓ ଶ୍ରୀ ପ୍ରଧାନ ଫତେଗଡ଼ ଗ୍ରାମର ରଶ୍ମିତା କହଁରଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚେଷ୍ଟା କରିବା ସହ ରାତି ବିତାଇବାକୁ ଡାକିବା ଘଟଣାକୁ ନେଇ ତାଙ୍କ ନାମରେ ଗତ ୨୦ତାରିଖ ଫତେଗଡ଼ ଥାନାରେ ମାମଲା ରୁଜୁ ହୋଇଥିଲା। ରଶ୍ମିତାଙ୍କ ଅଭିଯୋଗ ଆଧାରରେ ପୁଲିସ ୧୧୮/୨୬ରେ ମାମଲା ରୁଜୁ କରିଥିଲା। ଏହାସହ ପୀଡ଼ିତାଙ୍କ ନାମରେ ସୋସିଆଲ ମିଡିଆରେ ଅପପ୍ରଚାର କରୁଥିବା ନେଇ୧୨୮/୨୬ରେ ମଧ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଏସ୍‌ଡିପିଓଙ୍କୁ ପ୍ରଥମେ ଖଣ୍ଡପଡ଼ାରୁ ପ୍ରତ୍ୟାହାର କରାଯାଇଥିଲା। ତାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ, ଏସ୍‌ଡିପିଓ ଶ୍ରୀ ପ୍ରଧାନ କାର୍ଯ୍ୟରେ ଯୋଗ ନ ଦେଇ ଛୁଟି ଦରଖାସ୍ତ ପଠାଇ ନିଖୋଜ ହୋଇଯାଇଥିଲେ। ନୟାଗଡ଼ ଜିଲ୍ଲା ପୁଲିସ୍ ଦୁଇ ଦୁଇଟି ମାମଲାର



ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ କୌଣସି ପଦକ୍ଷେପ ନେଉନଥିବା ବେଳେ ଗୃହ ବିଭାଗ ତାଙ୍କୁ ନିଲମ୍ବନ କରିଛନ୍ତି।

ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳର ଅନେକ ଯୁବକଙ୍କୁ ଏସ୍‌ଡିପିଓ ହଇରାଣ କରିବା, ମିଛ ମାମଲାରେ ଗିରଫ କରିବା ଭଳି ପୂର୍ବରୁ ଅନେକ ଅଭିଯୋଗ ରହି ଆସିଛି। ଏବେ ରଶ୍ମିତାଙ୍କ ସହ ଘଟିଥିବା ଘଟଣାର ଫୋନ୍ ବାର୍ତ୍ତାଳାପ, ହ୍ୱାଟସ୍-ଆପ୍ ଚାଟ୍ ଭାଇରାଲ ହେବା ପରେ ଏସ୍‌ଡିପିଓଙ୍କ କଳଙ୍କିତ ଚେହେରା ସାମ୍ନାକୁ ଆସିଛି।

ରଶ୍ମିତାଙ୍କ ଅଭିଯୋଗ ଅନୁଯାୟୀ, ଏକ ମାମଲାର ସମାଧାନ କରିବା ବାହାନାରେ ଏସ୍‌ଡିପିଓ ତାଙ୍କୁ ହୋଟେଲକୁ ଡକାଇବା, ବାହାରକୁ ଯାଇ ଗପିବା ଆଦି ବିଭିନ୍ନ ବାହାନା ଦେଖାଇ ମାନସିକ ଚାପ ମଧ ସୃଷ୍ଟି କରିଛନ୍ତି। ତାଙ୍କ ସ୍ୱାମୀକୁ କୌଣସି ମାମଲାରେ ଗିରଫ କରିବାକୁ ଧମକ ଦେଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଛନ୍ତି। ରଶ୍ମିତାଙ୍କୁ ଏସ୍‌ଡିପିଓ ଶାଢ଼ି ଖୋଲିବା ଅବସ୍ଥାରେ ଫଟୋ ମାଗିବା ସହ ବାରମ୍ବାର ତାଙ୍କ ସହ ଦୈହିକ ସମ୍ପର୍କ ରଖିବା ପାଇଁ ବାଧ କରୁଥିବା ସେ ଅଭିଯୋଗ କରିଛନ୍ତି। ଏପରିକି, ଏସ୍‌ଡିପିଓ ପରୋକ୍ଷରେ ତାଙ୍କ ସହ ରାତି ବିତାଇବା ପାଇଁ ଡାକିଥିବାର ଏକ ଅଡିଓ କ୍ଲିପ୍ ମଧ ମହିଳାଙ୍କଠାରୁ ମିଳିଛି। ଯେଉଁଥିରେ ଏସ୍‌ଡିପିଓ ଅଟୋରେ ଆସି ରାତିରେ ରହିବାକୁ କହୁଥିବା ଏବଂ ସମ୍ପର୍କ ରଖିଲେ କିଛି ଅସୁବିଧା ହେବ କି ବୋଲି ପ୍ରଶ୍ନ କରିଥିବା ଶୁଣାଯାଇଛି। କେବେ ପୂର୍ବତନ ଏସ୍‌ଡିପିଓ ମଦନ ମୋହନ ଗିରଫ ହେବେ, ତାକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ଏସ୍‌ଡିପିଓ ଜାମିନ ପାଇଁ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିବା ସୂଚନା ମିଳିଛି।

### ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ମଇ ଦିବସ ପାଳିତ

# ସର୍ବନିମ୍ନ ମଜୁରି ୮୦୦ ଟଙ୍କା ଦାବିକଲେ ନବୀନ




**ବିଜେପି ସରକାରରେ ଶ୍ରମିକ କଲ୍ୟାଣ ଯୋଜନାଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ ହେଉନି**

**ଆଶା, ଅଙ୍ଗନୱାଡ଼ି, ମିଶନ ଶକ୍ତି କର୍ମୀ ଓ କୃଷି ମିତ୍ରଙ୍କର ଦାବି ପୂରଣ କରନ୍ତୁ ସରକାର**

ଭୁବନେଶ୍ୱର,୨।୫(ସମିସ): ରାଜ୍ୟରେ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ୮୦୦ ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବର୍ତ୍ତମାନର ବଜାର ପରିସ୍ଥିତି ପରିପ୍ରେକ୍ଷୀରେ ଏହି ବୃଦ୍ଧି ଜରୁରୀ ହୋଇ ପଡିଛି ବୋଲି ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଆୟୋଜିତ ମଇ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ପଟ୍ଟନାୟକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଭୁବନେଶ୍ୱରସ୍ଥିତ ବିଜୁ ଶ୍ରମିକ ସାମ୍ମୁଖ୍ୟ ମୁଖ୍ୟାଳୟରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ନବୀନ ପ୍ରବାଦ ପୁରୁଷ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ସେ କହିଥିଲେ ଯେ ବିଜୁ ବାବୁ ଥିଲେ ଶ୍ରମିକମାନଙ୍କର ବନ୍ଧୁ। ସର୍ବନିମ୍ନ ମଜୁରିରେ ଐତିହାସିକ ବୃଦ୍ଧି କରିବା ସହିତ ସେ ମହିଳାମାନଙ୍କୁ ମଧ ସମାନ ମଜୁରି ଦେଇ ସାମାଜିକ ତଥା ଆର୍ଥିକ ସାମ୍ୟତା ଆଣିଥିଲେ। ବିଜୁ ବାବୁ ତଥା ବିଜୁ ଜନତା ଦଳ ସରକାର ସମୟରେ ହିଁ ଶ୍ରମିକମାନଙ୍କ କଲ୍ୟାଣ ଓ ସାମାଜିକ ନିରାପତ୍ତା ପାଇଁ ସବୁଠାରୁ ଅଧିକ କାମ ହୋଇଥିଲା। କିନ୍ତୁ ଏବେ ବିଜେପି ସରକାର ସମୟରେ ଶ୍ରମିକ କଲ୍ୟାଣ ଯୋଜନାଗୁଡିକୁ ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଉ ନାହିଁ। ସେହିପରି ପରିବହନ ଓ ନିର୍ମାଣ ଶ୍ରମିକମାନଙ୍କ ପାଇଁ ଗଠିତ କଲ୍ୟାଣ ବୋର୍ଡଗୁଡିକ ସମ୍ପୂର୍ଣ୍ଣ ଭାବରେ ସ୍ଥାଣୁ ହୋଇଯାଇ ଥିବାରୁ ସେଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଶ୍ରୀ ପଟ୍ଟନାୟକ ଦାବି କରିଥିଲେ। ମିଶନ ଶକ୍ତି କର୍ମୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, କୃଷି ମିତ୍ର, ପ୍ରାଣୀ ମିତ୍ର ଓ ବ୍ୟାଙ୍କ ମିତ୍ର ପରି ଯୋଜନା ଭିତ୍ତିକ କର୍ମଚାରୀମାନେ ନିରନ୍ତର ସେବା ପ୍ରଦାନ କରି ଆସୁଥିବା ବେଳେ ସେମାନଙ୍କୁ ସେମାନଙ୍କ ହକ୍ ଦେବା ପାଇଁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ଦୃଢ଼ ଦାବି ଜଣାଇଥିଲେ। ବିଜୁ ଜନତା ଦଳ ସବୁବେଳେ ଶ୍ରମିକମାନଙ୍କ ସହିତ ରହିଛି ଏବଂ ଆଗାମୀ ଦିନରେ ସେମାନଙ୍କ ହକ୍ ପାଇଁ ଲଢ଼େଇ ଜାରୀ ରଖିବ ବୋଲି ସେ ଘୋଷଣା କରିଥିଲେ।

ବିଜୁ ଶ୍ରମିକ ସାମ୍ମୁଖ୍ୟର ସଭାପତି ପ୍ରଫୁଲ୍ଲ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, କଟକ ମହାନଗର ନିଗମର ମେୟର ସୁବାସ ସିଂ ପ୍ରମୁଖ ଉଦ୍‌ବୋଧନ ଦେଇ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ।

# ଜନଗଣନା ସାରି ଫେରିଲେ; ଘରେ ଟଳିପଡ଼ିଲେ ଶିକ୍ଷକ

ଭଦ୍ରକ/ବାସୁଦେବପୁର, ୨।୫(ସମିସ): ଜନଗଣନା ବେଳେ ଟଳି ପଡ଼ିଲେ ଆଉ ଜଣେ ଶିକ୍ଷକ। ମୃତ ଶିକ୍ଷକ ହେଲେ, ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅଧୀନ ଆର୍ଡୁଂ ଗାଁର ବଳରାମ ବିଦ୍ଧାଣି। ସେ ଚାନ୍ଦବାଲି ବ୍ଲକ୍ ଗାରଦପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ



**ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଜୀବନ ନେଲା**

କାର୍ଯ୍ୟରତ ଥିଲେ। ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଯୋଗୁଁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା ଏବଂ ଏହି କାରଣରୁ ତାଙ୍କର ମୃତ୍ୟୁ ହୋଇଛି ବୋଲି ପରିବାରଲୋକ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ବଳରାମ ଗୁରୁବାର ଜନଗଣନା କାର୍ଯ୍ୟ ସାରି ଘରକୁ ଫେରିଥିଲେ। ସେଦିନ ରାତିରେ ସେ ପ୍ରବଳ ଅସୁସ୍ଥ ଅନୁଭବ କରିଥିଲେ। ସକାଳୁ ପରିବାରଲୋକ ତାଙ୍କୁ ଚିକିତ୍ସା ଲାଗି ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାସୁଦେବପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ହେବା ପରେ ତାଙ୍କ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବଳରାମଙ୍କ ମୃତ୍ୟୁରେ ବାସୁଦେବପୁର ଓ ଚାନ୍ଦବାଲି ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

### ଏନ୍‌ଇପି କାର୍ଯ୍ୟାନ୍ୱୟନ ପାଇଁ ଜାତୀୟ କର୍ମଶାଳା

# ଦେଶକୁ 'ନଲେଜ୍ କ୍ୟାପିଟାଲ୍' କରିବ ଜାତୀୟ ଶିକ୍ଷା ନୀତି

ଭୁବନେଶ୍ୱର, ୨।୫(ସମିସ): ଭାରତକୁ ବିଶ୍ୱର 'ନଲେଜ୍ କ୍ୟାପିଟାଲ୍' ଭାବେ ପ୍ରତିଷ୍ଠିତ କରିବା ପାଇଁ ଜାତୀୟ ଶିକ୍ଷା ନୀତି ଏକ ମହତ୍ ମିଶନ। ପିଲାମାନଙ୍କୁ ପୁସ୍ତକ ଜ୍ଞାନ ମଧ୍ୟରେ ସିମିତ ନ ରଖି ଶିଳ୍ପାୟନ ପାଇଁ ପ୍ରସ୍ତୁତ କରିବାକୁ ଗୁରୁତ୍ୱାରୋପ କରାଯାଉଛି। ଏହାସହ ଛାତ୍ରଛାତ୍ରୀମାନେ ବିଶ୍ୱସ୍ତରରେ ପ୍ରତିଯୋଗିତା କରିବା ପାଇଁ ଦକ୍ଷତା ବିକାଶ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଜାତୀୟ ଶିକ୍ଷା ନୀତି (ଏନ୍‌ଇପି-୨୦୨୦)ର କାର୍ଯ୍ୟାନ୍ୱୟନ ପାଇଁ ଆଜି ଲୋକସେବା ଭବନରେ ଅନୁଷ୍ଠିତ ଦୁଇ ଦିନିଆ ଜାତୀୟ ସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହାସହ ଓଡ଼ିଶାର ଶୈକ୍ଷିକ ପରିବେଶରେ ଏକ "ବୈପ୍ଳବିକ ପରିବର୍ତ୍ତନ' ପାଇଁ ଆହ୍ୱାନ ଦେବା ସହ ଓଡ଼ିଶାକୁ ଦେଶର "ଜ୍ଞାନର ପେଣ୍ଠସ୍ଥଳୀ' ଭାବେ ଗଢ଼ିତୋଳିବାକୁ ଏକ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି।




ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଶିକ୍ଷାକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଚଳିତ ଆର୍ଥିକ ବର୍ଷରେ ଶିକ୍ଷା କ୍ଷେତ୍ର ପାଇଁ ୪୧,୨୭୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗ୍ରାମାଞ୍ଚଳ ଓ ସହର ମଧ୍ୟରେ ଶୈକ୍ଷିକ ପାର୍ଥକ୍ୟ ଦୂର କରିବା ପାଇଁ ପ୍ରତି ପଞ୍ଚାୟତରେ "ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ', ସାମାଜିକ ନ୍ୟାୟ ଏବଂ ସମାନତାକୁ ଗୁରୁତ୍ୱ ଦେଇ ଉଚ୍ଚଶିକ୍ଷା କ୍ଷେତ୍ରରେ ଏସ୍‌ଇବିସି ବର୍ଗର ପିଲାଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ, ଅନୁସୂଚିତ ଜନଜାତି ପିଲାଙ୍କ "ଡ୍ରପ୍-ଆଉଟ୍' ରୋକିବା ପାଇଁ "ଶହୀଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା' ପରି ଅନନ୍ୟ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେହିପରି ମାତୃଭାଷାରେ ଶିକ୍ଷାଦାନ ପାଇଁ ବୈଷୟିକ ଏବଂ ଉଚ୍ଚଶିକ୍ଷା ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଚଳନ କରିବାକୁ ଇଗ୍ନୋ ସହ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଛି। ଏହି ସମସ୍ତ ପଦକ୍ଷେପ ଓଡ଼ିଶାକୁ ଆଗାମୀ ଦିନରେ ଦେଶର ଶ୍ରେଷ୍ଠ "ଜ୍ଞାନ ଭିତ୍ତିକ ସମାଜ' ଭାବେ ଗଢ଼ିତୋଳିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ଉଚ୍ଚ ପ୍ରଶଂସା କରି କହିଛନ୍ତି ଯେ, ସମଗ୍ର ଦେଶରେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ସଂସ୍କୃତି ଓ ଶିକ୍ଷାର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ଆଦିକବି ସାରଳା ଦାସ, ବ୍ୟାସକବି ଫକୀରମୋହନ ଓ ସନ୍ଥକବି ଭୀମ ଭୋଇଙ୍କ ଭଳି ମହାପୁରୁଷଙ୍କ ଦର୍ଶନ ଓଡ଼ିଶାକୁ ଏକ ସଭ୍ୟ ସମାଜ ଭାବେ ବିଶ୍ୱ ଦରବାରରେ ପରିଚିତ କରିଛି। ସେହିପରି ଓଡ଼ିଶାର ପ୍ରାୟ ୭୦ ପ୍ରତିଶତ ଜନସଂଖ୍ୟା ୪୪ ବର୍ଷ ବୟସ ମଧ୍ୟରେ। ଅର୍ଥାତ୍ ନବସୃଜନ ପାଇଁ ରାଜ୍ୟରେ ଏକ ବିରାଟ ସୁଯୋଗ ରହିଛି। ଶିକ୍ଷା ଡିଗ୍ରୀ ମଧ୍ୟରେ ସୀମିତ ନରହି ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧିର ମାଧ୍ୟମ ପାଲଟିଛି। ବର୍ତ୍ତମାନ ରାଜ୍ୟର ଜିଇଆର୍ ୨୩ ପ୍ରତିଶତ ଥିବାବେଳେ ୨୦୩୬ ସୁଦ୍ଧା ଜାତୀୟ ହାର (୨୯%) ଠାରୁ ଅଧିକ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ରୋଡମ୍ୟାପ ଉପସ୍ଥାପନ କରିଛନ୍ତି। ବିଭାଗୀୟ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ କରିଥିବାବେଳେ ବିଭାଗୀୟ ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଶିକ୍ଷାବିତଙ୍କ ସମେତ କୁଳପତିମାନେ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିରେ ଠିକା ଶ୍ରମିକ ମୃତ

ରାଉରକେଲା, ୨।୫ (ସମିସ): ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ପୁଣି ଏକ ଦୁର୍ଘଟଣା ଅକାଳରେ ଜଣେ ଠିକା ଶ୍ରମିକଙ୍କ ଜୀବନ ନେଇଛି। ମୃତ ଶ୍ରମିକ ହେଲେ, ପ୍ରକାଶ ସ୍ୱାଇଁ (୫୪)। ସେ ଆର୍‌ଏସ୍‌ପିର କାଲ୍‌ସିନିଂ ପ୍ଲାଣ୍ଟ-୨ରେ କାର୍ଯ୍ୟରତ ଠିକାସଂସ୍ଥା ପ୍ରଧାନ ଏଣ୍ଟରପ୍ରାଇଜେସ୍‌ରେ ଠିକା ଶ୍ରମିକ ଭାବେ କାମ କରୁଥିଲେ। ଆଜି ସେ ବି. ସିଫ୍ଟରେ କାମ କରୁଥିବା ବେଳେ ଅପରାହ୍ଣ

- ଦୁଇ ଅଧିକାରୀ ନିଲମ୍ବିତ
- ସ୍ଥାୟୀ ନିଯୁକ୍ତି, କ୍ଷତିପୂରଣ ଦାବି

ପ୍ରାୟ ସାଢ଼େ ୪ଟାରେ ହଠାତ୍ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ କାରଣ ଜାଣିବା ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇଛି। ତାଙ୍କ ଘର ସାରନଗରୀର ତଳ ବାଲିଯୋଡ଼ି ଅଞ୍ଚଳରେ ବୋଲି ଜଣାପଡ଼ିଛି। ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମା ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ନିୟମ ଅନୁଯାୟୀ ତାଙ୍କ ପରିବାରକୁ ଆବଶ୍ୟକ କ୍ଷତିପୂରଣ ମିଳିବ ବୋଲି କହିଛନ୍ତି। ଏହି ଘଟଣାରେ ଆର୍‌ଏସ୍‌ପିର ଦୁଇ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ସେପଟେ, ଏହି ଘଟଣା ପ୍ରଚାରିତ ହେବା ପରେ ରାଉରକେଲା କଣ୍ଟ୍ରାକ୍ଟର ଓରକର୍ସ ୟୁନିଅନ୍ (ସିଆଇଟିୟୁ) ଆଇଜିଏଚ୍‌ରେ ପହଞ୍ଚି ମୃତ ଶ୍ରମିକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ସେଲ୍‌ରେ ସ୍ଥାୟୀ ନିଯୁକ୍ତି, ପର୍ଯ୍ୟାପ୍ତ ଆର୍ଥିକ କ୍ଷତିପୂରଣ ଓ ଇଏସ୍‌ଆଇ, ଇପିଏଫ୍‌ରୁ ମାସିକ ପେନସନ, ଏହି ଅର୍ଥ ନ ପାଇବା ପର୍ଯ୍ୟନ୍ତ ଠିକା ସଂସ୍ଥାରୁ ମାସିକ ଦରମା ମୃତ ଶ୍ରମିକର ପରିବାରକୁ ପ୍ରଦାନ କରିବାକୁ ଦାବି କରାଯାଇଛି।

# ଦହିବରା ଖାଇ ଜଣେ ମୃତ; ୧୫୦ ଅସୁସ୍ଥ

ଦଶରଥପୁର/କୟାଁଗୋଲା, ୨।୫ (ସମିସ): ଦଶରଥପୁର ବ୍ଲକରେ ବିଷାକ୍ତ ଦହିବରା ଖାଇ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫୦ରୁ ଊର୍ଦ୍ଧ୍ୱ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତ ମହିଳା ହେଲେ, ପାଟପୁର ଗ୍ରାମ ନିଆରୀ ସାହିର ସୁନ୍ଦରୀ ଜେନା (୭୫)। ପାଟପୁର, ଚମ୍ପେଇପାଳ, କଟିକଟା, କଳିଙ୍ଗପୁର, ଓଡ଼େଇ, ପଞ୍ଚରାସାହି ଓ ବନ୍ଧସାହି ଆଦି ଗ୍ରାମର ଲୋକେ ଗୁରୁତର ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୫ ମହିଳା ଓ ୫ ଶିଶୁଙ୍କୁ



ମିଶାଇ ୩୫ରୁ ଊର୍ଦ୍ଧ୍ୱ ଅସୁସ୍ଥଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ବାକି ଅସୁସ୍ଥ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି।

ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ଜିଲ୍ଲାପାଳ ଅମ୍ବର କୁମାର କର, ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ସ୍ଥିତିର ସମୀକ୍ଷା କରିଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସବୁଠୁ ଅଧିକ ପ୍ରଭାବିତ ପାଟପୁର ଗ୍ରାମରେ ଅସ୍ଥାୟୀ କ୍ୟାମ୍ପ ଖୋଲି ସ୍ଥିତି ନିୟନ୍ତ୍ରଣ ପାଇଁ ଉଦ୍ୟମ ଜାରି ରଖିଛନ୍ତି।

ସୂଚନା ମୁତାବକ, ଗତକାଲି ସକାଳ ପ୍ରାୟ ସାଢ଼େ ୯ଟାରେ ଦଶରଥପୁର ପଞ୍ଚାୟତ ତୁଳାଟିଆ ସାହିର ଜଣେ ଦହିବରା ବେପାରୀ ଜୟନ୍ତରା ପଞ୍ଚାୟତ ପାଟପୁର, ଜୁନିଦା ଗ୍ରାମକୁ ଯାଇଥିଲେ। ସ୍ଥାନୀୟ ଅଞ୍ଚଳର ବୟସ୍କ, ଶିଶୁ ଓ ମହିଳାମାନେ ତାଙ୍କଠାରୁ ଦହିବରା ଖାଇଥିଲେ। ପରେ ବନ୍ଧସାହି, କଟିକଟା, ଚମ୍ପେଇପାଳ, କଳିଙ୍ଗପୁର ଗ୍ରାମବାସୀ ମଧ ତାଙ୍କଠାରୁ ଦହିବରା ଖାଇଥିଲେ। ସନ୍ଧ୍ୟାରେ ଦହିବରା ଖାଇଥିବା ଏସବୁ ଗ୍ରାମର ଅନେକ ବ୍ୟକ୍ତିଙ୍କ ପେଟଯନ୍ତ୍ରଣା ସହ ବାନ୍ତି ଓ ତରଳ ଝାଡ଼ା, ଜ୍ୱର ହୋଇଥିଲା। ରାତି ହେଉହେଉ ଅସୁସ୍ଥଙ୍କ ସଂଖ୍ୟା ୧୦୦ ପାର୍ ହୋଇଯାଇଥିଲା। ଜଣଙ୍କ ପରେ ଜଣେ ଅସୁସ୍ଥ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ।

ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସବୁଠୁ ଅଧିକ ପ୍ରଭାବିତ ପାଟପୁର ଗ୍ରାମରେ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ଖୋଲି ଗ୍ରାମବାସୀଙ୍କ ଚିକିତ୍ସା ଆରମ୍ଭ କରିଛି। ମଙ୍ଗଳପୁର ସିଏଚ୍‌ସିରେ ଚିକିତ୍ସାଧୀନ ଥିବା ବ୍ଲକ ଅଧୀନ ଜୟନ୍ତରା ପଞ୍ଚାୟତ ନିଆରୀ ସାହିର ଅସୁସ୍ଥ ସୁନ୍ଦରୀ ଜେନାଙ୍କ ମୃତ୍ୟୁକୁ ନେଇ ସିଏଚ୍‌ସି ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ ମଧ ଡାକ୍ତର ତାଙ୍କୁ କାହିଁକି ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କଲେ ନାହିଁ ବୋଲି ପରିବାରଲୋକେ ଅଭିଯୋଗ କରିଥିଲେ।

ଅପରପକ୍ଷେ ଜିଲ୍ଲାପାଳ ଶ୍ରୀ କର କହିଛନ୍ତି ଯେ ସମସ୍ତ ଅସୁସ୍ଥଙ୍କ ପାଇଁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ଦହିବରା ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ନମୁନା ପରୀକ୍ଷା ରିପୋର୍ଟ ଆସିଲେ ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ସେହିପରି ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ସମାଜସେବୀ କର୍ଣ୍ଣାଟ କେଶରୀ ଦାସଙ୍କ ସମେତ ବ୍ଲକର ବହୁ ସରପଞ୍ଚ ଓ ସମିତି ସଭ୍ୟ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଅସୁସ୍ଥମାନଙ୍କୁ ଭେଟିବା ସହ ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଥିଲେ।

# ଜଙ୍ଗଲ ଭିତରେ ଶିକାରୀକୁ ଗୁଳି କରି ହତ୍ୟା



ତୁମୁଡ଼ିବନ୍ଧ, ୨।୫ (ସମିସ): ଶିକାର କରିବାକୁ ଯାଇ ସହଯୋଗୀ ଗୁଳିରେ ଚାଲିଗଲା ଜୀବନ। କନ୍ଧମାଳ ଜିଲ୍ଲା ବେଲଘର ସାପେରି ଗ୍ରାମରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ବେଲଘର ପଞ୍ଚାୟତ ତୁଆକେଳା ଗ୍ରାମର କାମଦେବ ମାଝୀ (୩୩)। ତାଙ୍କର ପିଠି, ଅଣ୍ଟା ଏବଂ ଛାତିରେ ଗୁଳି ବାଜିଥିବା ବେଳେ ତାହା ସାଥୀ ମଧୁସୂଦନ ମାଝିଙ୍କ ବନ୍ଧୁକରୁ ଫୁଟିଥିବା ଜଣାପଡ଼ିଛି। ବେଲଘର ଥାନା ଅଞ୍ଚଳରେ ଥିବା କାଡ଼ାପାନା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏହି ଘଟଣା ଘଟିଛି। ଏହି ଘଟଣାରେ ବେଲଘର ଥାନା ପୁଲିସ କାମଦେବଙ୍କ ଦୁଇ ସହଯୋଗୀ ମଧୁସୂଦନ ଓ ଲିଟୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

**୨ ଗିରଫ**

ସୂଚନାନୁଯାୟୀ, କାମଦେବ ଗୁମ୍ମା ପଞ୍ଚାୟତ ସାପେରି ଗ୍ରାମରେ ବିବାହ କରିଥିଲେ। ବିବାହ ପରେ ସେ ଦୀର୍ଘ ବର୍ଷ ହେବ ଶଶୁର ଘରେ ରହି ଆସୁଥିଲେ। ଗତକାଲି କାମଦେବ ଓ ତାଙ୍କର ଦୁଇ ସହଯୋଗୀ ମଧୁସୂଦନ ଓ ଲିଟୁ ଦୁଇଟି ଦେଶୀ ବନ୍ଧୁକ ଓ ଗୋଟିଏ ଟାଙ୍ଗିଆ ଧରି ପାଖ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ଜଙ୍ଗଲ ଭିତରେ ସେମାନଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହେବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ମଧୁସୂଦନ ଓ ଲିଟୁ ମିଳିତ ଭାବେ କାମଦେବକୁ ଗୁଳି କରି ହତ୍ୟା କରିଥିବା ତାଙ୍କ ସ୍ତ୍ରୀ ଟୁମୁକି ଅଭିଯୋଗ କରିଛନ୍ତି।

ଏନେଇ ବେଲଘର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ପରେ ହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ବେଲଘର ଥାନା ଅଧିକାରୀ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟବସ୍ଥା ନଥିବା ହେତୁ ଶବକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।




ADITYA BIRLA
HINDALCO

**DIPLOMA TRAINEES/DIPLOMA ENGINEERS REQUIRED**

Leading Aluminium Manufacturing Company, **Hindalco Industries Limited**, is inviting applications from eligible Diploma candidates, domiciled in Odisha in the following categories for its manufacturing plants and projects in Sambalpur Cluster, Odisha

**Category-1**-2025 Pass out Batch/2026 Passing out Batch (subject to fulfilling the desired criteria)
**Category-2**-Early career professionals (1-4 years relevant industry experience only)

**Specialization: Mech/Elec/Elect & Inst/Metallurgy/Chem**

**Criteria:** Minimum 60% aggregate marks (or equivalent CGPA, as per the issuing institution's conversion norms) in 10th standard and Diploma. (3 years full time Diploma from recognized Polytechnics/Institutes), Hindalco reserves the right to assess equivalence of CGPA/Percentage.

**Age:** Up to 25 years (relaxable for candidates with relevant experience, as per company policy and applicable law)

Candidates with relevant experience and matching criteria may send their CV to
**hindalco.hiring@adityabirla.com**

**Last date of Application 12th May 2026**

Applications submitted through any other mode will not be accepted. Only shortlisted candidates will be contacted for further rounds. Incomplete applications or those not meeting eligibility criteria will be rejected.

**Important Notes:**

- Selection would be through written test (domain knowledge and aptitude) followed by personal interview.
- Final selection will be subject to medical fitness and background verification, carried out in accordance with applicable law and with the candidate's consent. Personal data submitted by candidates will be processed solely for recruitment purposes, in accordance with applicable data protection laws.
- By applying, candidates consent to the processing of their personal data for recruitment-related purposes.
- The Company reserves the right to modify, cancel or withdraw this recruitment process, in whole or in part, without assigning any reason.
- Hindalco does not charge any fees at any stage of the recruitment process.
- Engagement, designation and terms (including trainee / probationary status, if any) will be governed by the appointment letter and as per company norms.
- Hindalco is an equal opportunity employer.

# ହାଇପରସୋନିକ୍ ମିସାଇଲ୍‌ର ସଫଳ ପରୀକ୍ଷଣ



ବାଲେଶ୍ୱର, ୨।୫(ସମିସ): ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆଜି ଏକ ବଡ଼ ସଫଳତା ହାସଲ ହୋଇଛି। ଚାନ୍ଦିପୁର ପ୍ରତିରକ୍ଷା କେନ୍ଦ୍ରରୁ ଦୂରଗାମୀ ହାଇପରସୋନିକ୍ ଆଣ୍ଟି-ସିପ୍ ମିସାଇଲ୍‌ର ଫେଜ୍-୨ ପରୀକ୍ଷଣ ସଫଳତାର ସହ କରାଯାଇଛି। ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ ଦ୍ୱାରା ନିର୍ମିତ ଏହି ସ୍ୱଦେଶୀ କ୍ଷେପଣାସ୍ତ୍ର ଶତ୍ରୁପକ୍ଷର ଯୁଦ୍ଧ ଜାହାଜକୁ ଧ୍ୱଂସ କରିବାରେ ସମ୍ପୂର୍ଣ୍ଣ ସକ୍ଷମ। ପରୀକ୍ଷଣ ସମୟରେ ମିସାଇଲ୍‌ଟି ନିଜର ପୂର୍ବ ନିର୍ଦ୍ଧାରିତ ପଥରେ ଗତି କରି ସଫଳତାର ସହ ଲକ୍ଷ୍ୟ ଭେଦ କରିଥିଲା। ମିସାଇଲର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି, ପ୍ରାୟ ୧୫୦୦କିଲୋମିଟର ଦୂରରେ ଥିବା ଲକ୍ଷ୍ୟଭେଦ କରିପାରିବ। ଅତ୍ୟଧିକ ବେଗ ଯୋଗୁଁ ଏହାକୁ ଶତ୍ରୁପକ୍ଷର ରାଡାର୍ ବା ପ୍ରତିରକ୍ଷା ପ୍ରଣାଳୀ ଠାବ କରିବା ଅସମ୍ଭବ। ସମୁଦ୍ର ମଧ୍ୟରେ ସ୍ଥିର ବା ଗତିଶୀଳ ଯୁଦ୍ଧ ଜାହାଜକୁ ସଠିକ୍ ଭାବେ ନଷ୍ଟ କରିବା ପାଇଁ ଏହା ଡିଜାଇନ୍ କରାଯାଇଛି। ଏହି ସଫଳତା ସହ ଭାରତ ବର୍ତ୍ତମାନ ବିଶ୍ୱର ସେହି ଅଳ୍ପ କେତେକ ଦେଶ ମଧ୍ୟରେ ସାମିଲ ହୋଇଛି, ଯେଉଁମାନଙ୍କ ପାଖରେ ହାଇପରସୋନିକ୍ ପ୍ରଯୁକ୍ତିବିଦ୍ୟା ରହିଛି। ଏହି ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ ଓ ଭାରତୀୟ ନୌସେନାର ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ରାଜ୍ୟର ଶ୍ରେଷ୍ଠ ପଞ୍ଚାୟତ ପୋଟିଲିମା

# ଦୁଇ ମହିଳା ସରପଞ୍ଚ ଓ ସମିତି ସଭ୍ୟଙ୍କୁ ସମ୍ବର୍ଦ୍ଧିତ କଲେ ନବୀନ

ଭୁବନେଶ୍ୱର, ୨।୫ (ସମିସ): କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରାଳୟ ଦ୍ୱାରା ସମସ୍ତ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରି ହିଞ୍ଜିଳି ବ୍ଲକର ପୋଟିଲିମା ପଞ୍ଚାୟତ ରାଜ୍ୟର ଶ୍ରେଷ୍ଠ ପଞ୍ଚାୟତ ରୂପେ ବିବେଚିତ ହୋଇଛି। ସେହିପରି ବେଲଗାଁ ପଞ୍ଚାୟତ ପାନୀୟ ଜଳଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ମଧ୍ୟ ପୁରସ୍କୃତ ହୋଇଛି। ଏହି ଅବସରରେ ବିରୋଧୀଦଳ ନେତା ତଥା ହିଞ୍ଜିଳିକାଟୁ ବିଧାୟକ ନବୀନ ପଟ୍ଟନାୟକ ଶନିବାର ଉଭୟ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ଶୁକ୍ରବାର ନବୀନ ନିବାସରେ ପୋଟିଲିମା ସରପଞ୍ଚ ରଞ୍ଜିତା କୁମାରୀ ଦାସ, ସମିତିସଭ୍ୟା ଆରତୀ ନାୟକ, ବେଲଗାଁ ସରପଞ୍ଚ ଲକ୍ଷ୍ମୀ ସାହୁ ଓ ସମିତି ସଭ୍ୟା ଲିଲି ପଣ୍ଡାଙ୍କୁ ଏହି ଉଲ୍ଲେଖନୀୟ ସଫଳତା ଲାଗି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ।

ପ୍ରାୟ ୬ ହଜାର ଲୋକସଂଖ୍ୟା ବିଶିଷ୍ଟ ପୋଟିଲିମା ପଞ୍ଚାୟତରେ ସମସ୍ତଙ୍କ ପାଇଁ ପକ୍କା ଘର ହୋଇପାରିଥିବା ସହ ସମସ୍ତ ଯୋଗ୍ୟ ବରିଷ୍ଠ ନାଗରିକ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଶିଶୁ ଓ ମାତୃ ମୃତ୍ୟୁହାର ଶୂନ ପ୍ରତିଶତ ଥିବା ବେଳେ ଶତପ୍ରତିଶତ ଟିକାକରଣ ହୋଇଛି। ୨୮ ଜଣ ଏସ୍‌ଏଚଜି ମହିଳା ୪ ଗୋଟି ପୋଖରୀରେ ମାଛଚାଷ କରି ବାର୍ଷିକ ୬.୫ଟନ୍ ମାଛ ଉତ୍ପାଦନ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ମିଶନ୍ ଶକ୍ତି ଜରିଆରେ ପଞ୍ଚାୟତର ୬୫ଟି



ସ୍ୱୟଂସହାୟକ ଗୋଷ୍ଠୀ ବ୍ୟାଙ୍କ ସହାୟତାରେ ଆତ୍ମନିର୍ଭର ହୋଇପାରିଛନ୍ତି। ଉଭୟ ପଞ୍ଚାୟତର ମହିଳା ନିର୍ବାଚିତ ପ୍ରତିନିଧିମାନେ ଆଜି ସମ୍ବର୍ଦ୍ଧିତ ହେଲା ପରେ ଖୁସିବ୍ୟକ୍ତି କରିବା ସହ ଏହି ସଫଳତା ପାଇଁ ନବୀନ ବାବୁଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ବିଜେଡିର ଆସିକା ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁଙ୍କ ସମେତ ହିଞ୍ଜିଳି ବ୍ଲକ୍ ସଭାପତି ଦୁର୍ଗା ପ୍ରସନ୍ନ ମହାନ୍ତି, ଦେବାନନ୍ଦ ମହାପାତ୍ର, ରାମକୃଷ୍ଣ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଦୁଇ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଶଙ୍ଖ ଭବନ ଠାରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଏହି ଅବସରରେ ବିରୋଧୀ ଦଳ ନେତାଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ର, ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ମିହିର ରାୟ, ଇପ୍ସିତା ସାହୁ, ଆଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ଦୁଷ୍କର୍ମ ପୀଡ଼ିତାଙ୍କ ଗର୍ଭପାତ ମାମଲା

# 'ବିକଳ୍ପ ବ୍ୟବସ୍ଥା' ଉପରେ ଜବାବ ତଲବ କଲେ ହାଇକୋର୍ଟ

କଟକ, ୨।୫ (ସମିସ): ଏକ ସମ୍ବେଦନଶୀଳ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଜଣେ ୧୬ ବର୍ଷୀୟା ନାବାଳିକା ଦୁଷ୍କର୍ମ ପୀଡ଼ିତାଙ୍କ ଗର୍ଭପାତ ପାଇଁ ଥିବା ବିକଳ୍ପ ବୈଜ୍ଞାନିକ ପଦ୍ଧତି ସମ୍ପର୍କରେ ରିପୋର୍ଟ ମାଗିଛନ୍ତି। ପୂର୍ବରୁ ଗଠିତ ମେଡିକାଲ ବୋର୍ଡ ପକ୍ଷରୁ ଦିଆଯାଇଥିବା ମତାମତ ଅନୁଯାୟୀ, ପୀଡ଼ିତାଙ୍କ ଗର୍ଭ ୩୦ ସପ୍ତାହରୁ ଅଧିକ ହୋଇସାରିଥିବାରୁ ଏହି ସମୟରେ ଗର୍ଭପାତ କଲେ ନାବାଳିକାଙ୍କ ଜୀବନ ପ୍ରତି ବିପଦ ରହିଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ବୋର୍ଡ ଏଥିପାଇଁ ଅନୁମତି ନ ଦେବାକୁ ମତ ରଖିଥିଲେ। ମାତ୍ର, ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରମାକାନ୍ତ ଷଡ଼ଙ୍ଗୀ କୋର୍ଟରେ ଏକ ନୂତନ ବୈଜ୍ଞାନିକ ବିକଳ୍ପ ପ୍ରସ୍ତାବ ରଖିଛନ୍ତି।

### କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ହାଜର ହେବାକୁ ନିର୍ଦ୍ଦେଶ

ଜଷ୍ଟିସ୍ ବି.ପି ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଚାଲିଥିବା ଏହି ଶୁଣାଣି ସମୟରେ ଆବେଦନକାରୀଙ୍କ ଓକିଲ ଦର୍ଶାଇଥିଲେ ଯେ 'ଇଣ୍ଟ୍ରା କାର୍ଡିଆକ ଇଞ୍ଜେକ୍ସନ' ମାଧ୍ୟମରେ ମା'ର ଜୀବନ ପ୍ରତି ବିପଦ ସୃଷ୍ଟି ନ କରି ଗର୍ଭରେ ଥିବା ଭ୍ରୂଣର ଜୀବନ ଶେଷ କରାଯାଇପାରିବ। ଏହି ବ୍ୟବସ୍ଥା ଦ୍ୱାରା ନାବାଳିକାଙ୍କ ସ୍ୱାସ୍ଥ୍ୟବସ୍ଥା ଅପରିବର୍ତ୍ତିତ ରହିବ କି ନାହିଁ ଏବଂ ଏହି ପ୍ରକ୍ରିୟା ବ୍ୟବହାର କରାଯାଇପାରିବ କି ନାହିଁ, ସେନେଇ ସ୍ପଷ୍ଟୀକରଣ ରଖିବାକୁ କୋର୍ଟ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ହାଇକୋର୍ଟ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ଏବଂ ମେଡିକାଲ ବୋର୍ଡ କିମ୍ବା ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ସହ ଆଲୋଚନା କରି ଏକ ସଠିକ୍ ମତାମତ ପ୍ରଦାନ କରିବାକୁ କହିଛନ୍ତି। ଗର୍ଭପାତ ବ୍ୟତୀତ ମା'ର ଜୀବନ ପ୍ରତି ସଙ୍କଟ ସୃଷ୍ଟି ନକରି ଆଉ କ'ଣ ବିକଳ୍ପ ରାସ୍ତା ରହିଛି, ସେନେଇ ମଧ୍ୟ ଅବଗତ କରିବାକୁ କୁହାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ' ୪ ତାରିଖରେ ହେବାକୁ ଥିବା ବେଳେ ସେହିଦିନ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଭର୍ଚୁଆଲ ମାଧ୍ୟମରେ ଉପସ୍ଥିତ ରହି ନିଜର ପକ୍ଷ ରଖିବେ। ଉଲ୍ଲେଖଯୋଗ୍ୟ, ପୀଡ଼ିତାଙ୍କ ପରିବାର ପକ୍ଷରୁ ଗର୍ଭପାତ ପାଇଁ ଅନୁମତି ମଗାଯାଇଥିଲେ ହେଁ ସମୟ ଅତିକ୍ରାନ୍ତ ହୋଇଯାଇଥିବାରୁ ଏହା ଏକ ଜଟିଳ ଆଇନଗତ ଓ ଚିକିତ୍ସାଗତ ସମସ୍ୟା ଭାବେ ଉଭା ହୋଇଛି।

# ମହିଳାଙ୍କ ମନରେ ସାହସ ଏବଂ ଆତ୍ମବିଶ୍ୱାସ ଭରିବ 'ଶକ୍ତିଶ୍ରୀ ଆପ୍'

## ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୫(ସମିସ): ଏଣିକି ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଏବଂ ମହିଳା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ ହେବ। ଏଥିପାଇଁ 'ଶକ୍ତିଶ୍ରୀ ଆପ୍'କୁ ଆଜି ଲୋକାର୍ପଣ କରାଯାଇଛି। ଲୋକସେବା ଭବନରେ ଅନୁଷ୍ଠିତ ଏନ୍‌ଇପି ଜାତୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ଏହାର ଲୋକାର୍ପଣ କରିଛନ୍ତି। ମହିଳା ସଶକ୍ତିକରଣ ଏବଂ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଆପ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ତଥା ଉଚ୍ଚ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ମହିଳା ଏବଂ ଛାତ୍ରୀ କୌଣସି ଅଘଟଣ ଘଟିଲେ ତତ୍‌କ୍ଷଣାତ୍ ରିପୋର୍ଟ କରିପାରିବେ। ସମସ୍ତ ଅଭିଯୋଗ ଗୁପ୍ତ ରହିବା ସହ ତ୍ୱରିତ ସହାୟତା ଯୋଗାଇ ଦିଆଯିବ। ସେହିପରି ଏହି ଆପରେ ସୁରକ୍ଷା, ଆଇନ ଅଧିକାର ଓ ଜୀବନ କୌଶଳ ସମ୍ପର୍କରେ ଶିକ୍ଷଣୀୟ ଭିଡ଼ିଓ ଉପଲବଧ ହେବ। ସାହସ, ଧୈର୍ଯ୍ୟ ଓ ପରିବର୍ତ୍ତନର ପ୍ରେରଣାଦାୟୀ କାହାଣୀ ସହିତ ଆଗାମୀ କାର୍ଯ୍ୟକ୍ରମ, କର୍ମଶାଳା ଓ କ୍ୟାମ୍ପସ କାର୍ଯ୍ୟକଳାପ ଆଦି ସମ୍ପର୍କରେ ମଧ୍ୟ ଅବଗତ ହୋଇପାରିବେ। ଏହି ଆପ ମହିଳାଙ୍କ ମନରେ ସାହସ ଏବଂ ଆତ୍ମବିଶ୍ୱାସ ଭରିବା ସହ ୨୪ ଘଣ୍ଟିଆ ଆଲର୍ଟ ସିଷ୍ଟମ ପ୍ରଦାନ କରିବ।

# ଧାରଣା ଦେଲେ ୨୦୦୦ ପଞ୍ଚାୟତର ଲକ୍ଷାଧିକ କେନ୍ଦୁପତ୍ର ତୋଳାଳି, କର୍ମଚାରୀ



ଭୁବନେଶ୍ୱର,୨।୫(ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନକ୍ରମେ ଶନିବାର ରାଜ୍ୟର ଅଧିକାଂଶ କେନ୍ଦୁପତ୍ର ଡିଭିଜନ୍‌ରେ ପ୍ରାୟ ୨୦୦୦ ପଞ୍ଚାୟତ କାର୍ଯ୍ୟାଳୟର ସମ୍ମୁଖରେ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଲକ୍ଷାଧିକ ତୋଳାଳି, ସିଜନାଲ କର୍ମଚାରୀ ଏବଂ ବନ୍ଧେଇ ଶ୍ରମିକମାନେ ସରକାରୀ ଅବହେଳା ଏବଂ ପ୍ରତାରଣା ବିରୋଧରେ କଳାବ୍ୟାଜ୍ ପରିଧାନ କରି ଗଣଧାରଣାରେ ସାମିଲ ହୋଇଛନ୍ତି। ଏହାସହ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ହଜାର ହଜାର ଦସ୍ତଖତ ସମ୍ବଳିତ ଚରମ ଦାବିପତ୍ର ଦେଇଛନ୍ତି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି ଏକ ପ୍ରେସ୍ ବିବୃତିରେ ଏହି ସୂଚନା ଦେଇଛନ୍ତି।



ପୁରୀ ଆକାଶରେ କଳାହାଣ୍ଡିଆ ମେଘ (ଫଟୋ:ଅନିଲ)

# ମାଧବ କୌଶିକଙ୍କର ଦୁଇଟି ଗଳ୍ପ ପୁସ୍ତକର ଓଡିଆ ଅନୁବାଦ ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର,୨।୫(ସମିସ): ଭାରତୀୟ ବିଦ୍ୟାଭବନଠାରେ ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ମାଧବ କୌଶିକଙ୍କର ଦୁଇଟି ଗଳ୍ପ ପୁସ୍ତକ ଓଡିଆ ଅନୁବାଦ ଲୋକାର୍ପିତ ହୋଇଛି। ରେବା ପଟ୍ଟନାୟକଙ୍କ ଦ୍ୱାରା ଅନୁଦିତ ପୁସ୍ତକ "ହୁଲୁସ୍ଥୁଲ୍' ଏବଂ ଅନୁରୂପା ସିଂହଙ୍କ ଦ୍ୱାରା ଅନୁଦିତ ପୁସ୍ତକ "ମାଧବ କୌଶିକଙ୍କ ନିର୍ବାଚିତ ଗଳ୍ପ' ଦ୍ୱୟର ଲୋକାର୍ପଣ ଉତ୍ସବରେ ମାଧବ କୌଶିକଙ୍କ ସହିତ ସାହିତ୍ୟିକ ଦାଶ ବେନହୁର, କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡିଆ ଆବାହକ ଡ. ଗୌରହରି ଦାସ, ଡ. ଭଗବାନ ଜୟସିଂହ, ଡ. ଅଜୟ ସ୍ୱାଇଁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଉଭୟ ଲେଖିକା ପାରମିତା ଶତପଥି ଏବଂ ଗାୟତ୍ରୀବାଳା ପଣ୍ଡାଙ୍କୁ ପକ୍ଷୀଘର ପ୍ରକାଶନୀ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଦିତ ଦୁଇଟି ପୁସ୍ତକ ଲୋକାର୍ପଣ ସମାରୋହରେ ଡ. ଅରବିନ୍ଦ ରାୟ, ଡ. ମିହିର ସାହୁ, ଅନୁବାଦିକା ଡ. ଶକୁନ୍ତଳା ବଳିୟାରସିଂହ, କ୍ଷୀରୋଦ ପରିଡ଼ା, କ୍ଷୀରୋଦ ଦାସ, କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡିଆ ଉପଦେଷ୍ଟା କବି ଅରୁଣ ସାହୁ, ଗୋଲାପ ମଞ୍ଜରୀ କର, ଡ. କାର୍ତ୍ତିକ ସ୍ୱାଇଁ, ପୁଷ୍ପାଞ୍ଜଳି କର, ହିମାଂଶୁ ପରିଡ଼ା, କବି ରକ୍ଷକ ନାୟକ, କବି ଦୁର୍ଗା ଷଡ଼ଙ୍ଗୀ, ଡ. ଅଜୟ ମହାପାତ୍ର, ଅଶୋକ ପୁହାଣ ପ୍ରମୁଖ ସାହିତ୍ୟିକ ଉପସ୍ଥିତ ରହିଥିଲେ। ପକ୍ଷୀଘର ପ୍ରକାଶନୀର ସଂପାଦକ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପକ୍ଷୀଘର ପ୍ରକାଶନୀର ପ୍ରକାଶିକା ବବିତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଆନ୍ତର୍ଜାତିକ ଶ୍ରମିକ ଦିବସ-୨୦୨୬ ସମାରୋହ

# ୫୪୧ କୋଟି ଟଙ୍କାର ସହାୟତା ସହ ୬ହଜାର ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ

ଭୁବନେଶ୍ୱର,୨।୫(ସମିସ): ଶ୍ରମିକମାନେ ମାନବ ସଭ୍ୟତାର ପ୍ରକୃତ ନିର୍ମାତା ଏବଂ ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ତ୍ୟାଗ ଆମ ଦେଶ ତଥା ରାଜ୍ୟକୁ ଆଗକୁ ବଢ଼ିବାରେ ସହାୟକ ହେଉଛି। ତେଣୁ ସେମାନଙ୍କୁ ଉଚିତ ପାରିଶ୍ରମିକ ପ୍ରଦାନ ସହିତ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ନ୍ୟାୟୋଚିତ ଅଧିକାର, ସାମାଜିକ ସୁରକ୍ଷା

### ୫ ଜଣଙ୍କୁ 'ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ'

ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଆମ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ପଡିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଶୁକ୍ରବାର ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଶ୍ରମିକ ସମାଜର ଅକ୍ଳାନ୍ତ ପରିଶ୍ରମ ଓ ତ୍ୟାଗକୁ ଗଭୀର ସମ୍ମାନ ଜଣାଇ ଶ୍ରମିକ ଦିବସର ଐତିହାସିକ ପ୍ରସଙ୍ଗକୁ ସ୍ମରଣ କରିବା ସହ ଏହି ଦିନ ଶ୍ରମିକମାନଙ୍କ ଏକତା, ସଂଘର୍ଷ ଓ ଅଧିକାରର ପ୍ରତୀକ ଭାବେ ପରିଚିତ ବୋଲି କହିଥିଲେ।

ଓୟୁଏଟି କୃଷି ଶିକ୍ଷା ସଦନ ପରିସରରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ସମାରୋହରେ ବ୍ୟାପକ ଶିଳ୍ପାୟନ ଜରିଆରେ ଆଗାମୀ ଦିନରେ ଦାଦନ ସମସ୍ୟା ଦୂର ହେବ। ଆମ ରାଜ୍ୟର ଶ୍ରମଜୀବୀମାନେ ରାଜ୍ୟ ଭିତରେ କାମ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଶ୍ରମିକମାନଙ୍କ ପାଇଁ ପରିବର୍ତ୍ତନଶୀଳ ମହଙ୍ଗା ଭତ୍ତା ଦୈନିକ ୧୦ଟଙ୍କା ବୃଦ୍ଧି ଘୋଷଣା କରିଥିଲେ। ଏହା



ଅପ୍ରେଲ ୧ ତାରିଖରୁ ପିଛିଲା ଭାବରେ ଲାଗୁ ହେବ। ଫଳରେ ଅଣକୁଶଳୀ ଶ୍ରମିକମାନଙ୍କ ପାଇଁ ଦୈନିକ ମଜୁରି ୪୭୨ ଟଙ୍କା, ଅର୍ଦ୍ଧକୁଶଳୀଙ୍କ ପାଇଁ ୫୨୨ ଟଙ୍କା, କୁଶଳୀଙ୍କ ପାଇଁ ୫୭୨ ଟଙ୍କା ଏବଂ ଉଚ୍ଚକୁଶଳୀଙ୍କ ପାଇଁ ୬୨୨ ଟଙ୍କାକୁ ବୃଦ୍ଧି ପାଇବ।

ସେହିପରି ମୁଖ୍ୟମନ୍ତ୍ରୀ ୧୩୦ କୋଟି ଟଙ୍କା ବ୍ୟୟ ଅଟକଳରେ ଡିଭିଜନାଲ ଶ୍ରମ ଆୟୁକ୍ତ ଓ ସହକାରୀ ଶ୍ରମ ଅଧିକାରୀମାନଙ୍କ ପାଇଁ ୫୦ଟି ନୂତନ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ସହ ଶ୍ରମିକ ନେତାମାନଙ୍କ ଅବଦାନକୁ ସମ୍ମାନ ଜଣାଇ ୫ ଜଣ ବିଶିଷ୍ଟ ଶ୍ରମିକ ନେତାଙ୍କୁ 'ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ' ପ୍ରଦାନ କରିଥିଲେ। ଏହାସହ ବିଭିନ୍ନ ବର୍ଗର ଶ୍ରମିକମାନଙ୍କୁ ପରିଚୟ ପତ୍ର ଏବଂ ଶିକ୍ଷା, ବିବାହ ଓ ମୃତ୍ୟୁକାଳୀନ ସହାୟତା ରାଶି ମଧ୍ୟ ପ୍ରଦାନ କରାଯାଇଥିଲା। ରାଜ୍ୟରେ ୬୦୦୦ ଯୋଗ୍ୟ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରିବା ସହିତ ହିତାଧିକାରୀମାନଙ୍କୁ ବିଭିନ୍ନ ସହାୟତା ବାବଦରେ ୧୫୦କୋଟି ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ରମ ଆୟୁକ୍ତ ଇନ୍ଦ୍ରମଣୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରମିକ ଦିବସରେ ବାଣିଜ୍ୟିକ ଏଲପିଜି ଦରବୃଦ୍ଧି

# ଲୋକଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ଲଦୁଛନ୍ତି ସରକାର: ବିଜେଡି

ଭୁବନେଶ୍ୱର, ୨।୫(ସମିସ): ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର୍ ଦରରେ ୯୯୩.୩ ଟଙ୍କା ଓ ୫ଲିଟର୍ ସିଲିଣ୍ଡର୍‌ରେ ୨୬୧ ଟଙ୍କା ବୃଦ୍ଧିକୁ ଦୃଢ଼ ନିନ୍ଦା କରିଛି ବିଜେଡି। ଏହାକୁ ଅନ୍ୟାୟପୂର୍ଣ୍ଣ ଓ ସମ୍ବେଦନହୀନ ପଦକ୍ଷେପ ବୋଲି ଦଳ କହିଛି। ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଏବଂ ବରିଷ୍ଠ ସାଧାରଣ ସମ୍ପାଦିକା ରଞ୍ଜିତା ସାହୁ କହିଛନ୍ତି ଯେ ଏଲ୍‌ପିଜି ଦର ଅଚାନକ ଭାବେ ବଢ଼ି ୩୦୭୧.୫୦ ଟଙ୍କାରେ ପହଞ୍ଚିଛି। ଏହା ସର୍ବକାଳୀନ ରେକର୍ଡ। ଗତ ୪ମାସରେ ୬ଥର ଦରବୃଦ୍ଧି ହୋଇଛି। ଏହା ୧୫୬୮ରୁ ବଢ଼ି ୩୦୭୧.୫୦ ଟଙ୍କାରେ ପହଞ୍ଚିଛି।

ଶ୍ରୀମତୀ ଛୁରିଆ କହିଛନ୍ତି ଯେ ଏଲପିଜି ଦର ଗୋଟିଏ ଦିନରେ ୯୯୩ଟଙ୍କା ବୃଦ୍ଧି ପାଇ ରେକର୍ଡ ସୃଷ୍ଟି କରିଛି। ଅନ୍ତର୍ଜାତୀୟ ଶ୍ରମିକ ଦିବସରେ ଯେଉଁମାନେ ଶ୍ରମଦାନ କରି ଦେଶର ଉନ୍ନତିରେ ଅବଦାନ ଦେଇଥାନ୍ତି, ସେମାନଙ୍କୁ ସମ୍ମାନ ଦେବା ପରିବର୍ତ୍ତେ ସରକାର ଏହି ଦିନରେ ଗ୍ୟାସ ଦରବୃଦ୍ଧିରୂପୀ ଉପହାର ଦେଇଛନ୍ତି, ଯାହା ଅତ୍ୟନ୍ତ ଦୁଃଖଦ। ଶ୍ରମିକମାନଙ୍କୁ ସମ୍ମାନ କରିବା ପରିବର୍ତ୍ତେ ସେମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ଭାର ଲଦି ଦିଆଯାଇଛି। ବାଣିଜ୍ୟିକ ଏଲପିଜି ସିଲିଣ୍ଡର୍‌ରେ ୯୯୩.୩ ଟଙ୍କା ବୃଦ୍ଧି ଛୋଟ ବ୍ୟବସାୟ, ରେସ୍ତୋରାଁ, ଚା' ଦୋକାନ ଏବଂ ହୋଟେଲ ଶିଳ୍ପ ଉପରେ ଗୁରୁତର ପ୍ରଭାବ ପକାଇବ। ଖର୍ଚ୍ଚ ବଢ଼ିବା ସହ ଗ୍ରାହକମାନଙ୍କ ପାଇଁ ମୂଲ୍ୟ ବୃଦ୍ଧି ହେବ। ସାଧାରଣ ଲୋକମାନେ




ବ୍ୟବହାର କରୁଥିବା ୫ଲିଟର ସିଲିଣ୍ଡରରେ ମଧ୍ୟ ୨୬୧ଟଙ୍କା ବୃଦ୍ଧି ହୋଇଛି, ଯାହା ପରିବାରର ବଜେଟ୍ ଉପରେ ଅଧିକ ଚାପ ସୃଷ୍ଟି କରୁଛି।

ସରକାର ପର୍ଯ୍ୟଟନ ଉନ୍ନତିର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଗ୍ୟାସ ଦରବୃଦ୍ଧି ଫଳରେ ପର୍ଯ୍ୟଟନ ଅଞ୍ଚଳର ହୋଟେଲ ଓ ଛୋଟ ବ୍ୟବସାୟଗୁଡ଼ିକ ଚଳାଇବା କଷ୍ଟକର ହେଉଛି। ଏହି ଦରବୃଦ୍ଧି ଫଳରେ ଖାଦ୍ୟ ମୂଲ୍ୟ ବଢ଼ିବା ସହିତ ପର୍ଯ୍ୟଟନ ମଧ୍ୟ ପ୍ରଭାବିତ ହେବ। ସାଧାରଣ ଲୋକମାନେ ଦୈନନ୍ଦିନ ଆବଶ୍ୟକତା ପୂରଣ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାର ବାରମ୍ବାର ଦରବୃଦ୍ଧି ମାଧ୍ୟମରେ ସାଧାରଣ ଲୋକଙ୍କ ଉପରେ ଆର୍ଥିକ ଭାର ବଢ଼ାଉଛନ୍ତି। ଏହା ଗରିବ ବିରୋଧୀ ନୀତି।

ସେହିପରି ରଞ୍ଜିତା ସାହୁ କହିଥିଲେ ଯେ ନିରନ୍ତର ଏଲ୍‌ପିଜି ଦରବୃଦ୍ଧି ଫଳରେ ଦରଦାମ ବଢ଼ିଛି ଏବଂ ପରିବାର ସଞ୍ଚୟ ହ୍ରାସ ପାଇଛି। ଆବଶ୍ୟକ ଜିନିଷ ଏବେ ଅନେକଙ୍କ ପାଇଁ କ୍ରୟ କରିବା ସହଜ ହେଉନାହିଁ। ବିଶେଷକରି ମହିଳାମାନେ ଓ ଆର୍ଥିକ ଭାବେ ପଛୁଆ ଶ୍ରେଣୀ ଉପରେ ଅଧିକ ଚାପ ପଡୁଛି। ସରକାର ଆତ୍ମନିର୍ଭର ଭାରତ ଓ ମେକ୍-ଇନ୍-ଇଣ୍ଡିଆ ଭଳି ନାରା ଦେଉଥିବା ବେଳେ ବାସ୍ତବରେ ଦେଶ ଦିନକୁ ଦିନ ତଳକୁତଳ ଯାଉଛି ଏବଂ ନାଗରିକଙ୍କ ଉପରେ ଖର୍ଚ୍ଚ ବଢ଼ୁଛି। ବିଜୁ ଜନତା ଦଳ କେନ୍ଦ୍ର ସରକାରଙ୍କୁ ତୁରନ୍ତ ଦରଦାମ ନିୟନ୍ତ୍ରଣ, ଏଲପିଜି ଦରବୃଦ୍ଧି ପ୍ରତ୍ୟାହାର ଏବଂ ସାଧାରଣ ଲୋକଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି କରୁଛି ବୋଲି ସେ କହିଛନ୍ତି।

## ଇପିଏଫ ପେନସନ ବୃଦ୍ଧି ପ୍ରସଙ୍ଗ

# ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ଇପିଏଫ୍ ପେନ୍‌ସନର୍ସ ସଂଘ

ଭୁବନେଶ୍ୱର, ୨।୫ (ସମିସ): ପେନସନ୍ ବୃଦ୍ଧି ପ୍ରସଙ୍ଗକୁ ନେଇ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଛି ଇପିଏଫ୍ ପେନ୍‌ସନର୍ସ ସଂଘ। ଏହି ପରିପ୍ରେକ୍ଷୀରେ, ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ରାଜ୍ୟ କମିଟି ଡାକରାରେ ୩୦ ଜିଲ୍ଲା କମିଟି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ମାରକପତ୍ର ପଠାଇଛନ୍ତି। ଓଡ଼ିଶା ସମେତ ସାରା ଦେଶରେ ଥିବା ୭୮ ଲକ୍ଷ ଇପିଏଫ ପେନସନ୍‌ଭୋଗୀଙ୍କ ଲାଗି କେନ୍ଦ୍ର ସରକାର ସେପ୍ଟେମ୍ବର ୨୦୧୪ରୁ ମାସିକ ସର୍ବନିମ୍ନ ପେନସନ ୧୦୦୦ ଟଙ୍କା ଲାଗୁ କରିଛନ୍ତି। ଦୁଃଖର ବିଷୟ ଯେ ୩୫ଲକ୍ଷରୁ ଊର୍ଦ୍ଧ୍ୱ ପେନସନଭୋଗୀ ମାସିକ ଏକ ହଜାର ଟଙ୍କାରୁ କମ ପେନସନ ପାଉଛନ୍ତି। ପେନସନ୍ ସହ ଦରଦାମ ବୃଦ୍ଧିର ଭରଣା ପାଇଁ ମହଙ୍ଗା ଭତ୍ତା ମଧ୍ୟ ମିଳୁ ନାହିଁ। ସର୍ବନିମ୍ନ ୯୦୦୦ ଟଙ୍କା ପେନସନ ସହ ମହଙ୍ଗା ଭତ୍ତା ଦେବା ଏବଂ ସମସ୍ତ ଇପିଏଫ୍ ପେନସନଭୋଗୀଙ୍କୁ ନିଃଶୁଳ୍କ ଚିକିତ୍ସା ସେବା ଯୋଗାଇଦେବା ଦାବି କରି ଓଡ଼ିଶା ସମେତ ସାରା ଦେଶର ଇପିଏଫ୍ ପେନସନର୍ସ ସଂଗଠନଗୁଡ଼ିକ ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ଶ୍ରମମନ୍ତ୍ରୀଙ୍କ ନିକଟରେ ଦୀର୍ଘ ୧୦ ବର୍ଷ ହେବ ଦାବି କରି ଆସୁଥିଲେ ମଧ୍ୟ ଅର୍ଥାଭାବର ଆଳ ଦେଖାଇ କେନ୍ଦ୍ର ସରକାର ପେନସନ ବୃଦ୍ଧି କରୁନାହାନ୍ତି। ଫଳରେ, ଏହି ବର୍ଗର ବରିଷ୍ଠ ନାଗରିକମାନେ ପରିଣତ ବୟସରେ ଉପଯୁକ୍ତ ଖାଦ୍ୟ ଓ ଔଷଧ ଅଭାବରୁ ଦୁର୍ଦ୍ଦଶାମୟ ଜୀବନ ବିତାଉଛନ୍ତି। ଏଣୁ ଇପିଏଫ୍ ପେନସନଭୋଗୀ ବରିଷ୍ଠ ନାଗରିକମାନଙ୍କର ପେନସନ ବୃଦ୍ଧି ସମସ୍ୟାର ସମାଧାନ ପାଇଁ ରାଷ୍ଟ୍ରପତିଙ୍କୁ ନିବେଦନ କରାଯାଇଛି ବୋଲି ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ଖୋର୍ଦ୍ଧା ଜିଲ୍ଲା କମିଟି ସଭାପତି ପ୍ରଫୁଲ୍ଲ କୁମାର ଦାସ କହିଛନ୍ତି।



# ଗୋପାଳପୁର-ବାଲିକୁଦା ଓଭରବ୍ରିଜ୍‌ରେ ବଡ଼ ବଡ଼ ଖାଲ

କଟକ, ୨।୫(ସମିସ)



▶ ମରାମତି ନାଁରେ ଚାଲିଛି ପ୍ରହସନ
▶ ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି ନିମ୍ନମାନର ନିର୍ମାଣ

କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର-ବାଲିକୁଦା ରେଳ ଓଭରବ୍ରିଜ ଏବେ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ମାତ୍ର ବର୍ଷେ ପୂର୍ବରୁ କାର୍ଯ୍ୟକ୍ଷମ ହୋଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ସେତୁର ବିପର୍ଯ୍ୟସ୍ତ ଅବସ୍ଥା ଏବେ ବିଭାଗୀୟ କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏହି ଓଭରବ୍ରିଜର ଆରମ୍ଭ ସ୍ଥଳ ଅର୍ଥାତ ଗୋପାଳପୁର ଶନି ମନ୍ଦିର ନିକଟରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲ ଏବେ ଦୈନିକ ଦୁର୍ଘଟଣାର କାରଣ ସାଜିଛି। ବିଶେଷକରି ବର୍ଷା ଦିନେ ଏହି ଖାଲଗୁଡ଼ିକରେ ପାଣି ଜମି ରହୁଥିବାରୁ ରାତି ସମୟରେ ବାଇକ ଆରୋହୀ ଓ ଅନ୍ୟ ଛୋଟ ଯାନବାହନଗୁଡ଼ିକ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ଓଭରବ୍ରିଜଟି ଏକ ପ୍ରମୁଖ ସଂଯୋଗକାରୀ ପଥ ଭାବେ ବ୍ୟବହୃତ ହେଉଛି। ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଶହ ଶହ ଭାରିଯାନ ଏହି ରାସ୍ତା ଦେଇ ନନ୍ଦନକାନନ, ବାରଙ୍ଗ, ବାଙ୍କୀ ଓ ଖୋର୍ଦ୍ଧା ଅଭିମୁଖେ ଯାଉଛନ୍ତି। ଭୁବନେଶ୍ୱରର ଟ୍ରାଫିକ ଭିଡ଼ କମାଇବା ପାଇଁ କଟକ ଦିଗରୁ ଆସୁଥିବା ମାଲବୋଝେଇ ଟ୍ରକଗୁଡ଼ିକୁ ମଧ୍ୟ ଗୋପାଳପୁର ସର୍ଭିସ ରୋଡ୍ ଦେଇ ଏହି ବ୍ରିଜ୍ ମାଧ୍ୟମରେ ଛଡ଼ାଯାଉଛି। ଏତେ ସଂଖ୍ୟକ ଯାନବାହନ ଚଳାଚଳ କରୁଥିଲେ ସୁଦ୍ଧା ସେତୁର ରକ୍ଷଣାବେକ୍ଷଣ ଦିଗରେ କର୍ତ୍ତୃପକ୍ଷ ଚରମ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରତି ତିନି ଚାରି ମାସରେ ଥରେ ଏଠାରେ ମରାମତି କାମ କରାଯାଉଛି, କିନ୍ତୁ ନିମ୍ନମାନର ସାମଗ୍ରୀ ବ୍ୟବହାର ଯୋଗୁଁ ଅଳ୍ପ କିଛି ଦିନରେ ରାସ୍ତା ପୁଣି ପୂର୍ବ ଅବସ୍ଥାକୁ ଫେରିଆସୁଛି। ରାସ୍ତାର ଦୁର୍ଦ୍ଦଶା ସହିତ ଓଭରବ୍ରିଜ ଉପରେ ଜମି ରହୁଥିବା ବାଲି ଅନ୍ୟ ଏକ ବିପଦ ସୃଷ୍ଟି କରୁଛି। ନିୟମିତ ସଫେଇ ଅଭାବରୁ ବାଲି ଉପରେ ଗାଡ଼ି ସ୍ଲିପ୍ କରିବା ଭୟ ରହୁଛି। ଅଭିଯୋଗ ହେଉଛି ଯେ, ଏହି ସ୍ଥାନଟି ଏବେ ବିଭାଗ ପାଇଁ ଏକ 'ରୋଜଗାରିଆ ପୁଅ' ପାଲଟିଛି, ଯେଉଁଠି ବାରମ୍ବାର ମରାମତି ନାଁରେ ଅର୍ଥ ହରିଲୁଟ ହେଉଛି ଅଥଚ ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ। ଉଭୟ ସେତୁ ଏବଂ ସଂଯୋଗକାରୀ ରାସ୍ତାର ଅବସ୍ଥା ଏବେ ଅତ୍ୟନ୍ତ ବିପଜ୍ଜନକ ହୋଇ ରହିଥିବାରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ବାଙ୍କୀ ପୂର୍ତ୍ତ ବିଭାଗ ତୁରନ୍ତ ଏଥିପ୍ରତି ଧ୍ୟାନ ଦେଇ ଏକ ସ୍ଥାୟୀ ମରାମତି କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ଗୋପାଳ ଘୋଷଙ୍କ ତୈଳଚିତ୍ର ଉନ୍ମୋଚିତ



**କଟକ, ୨।୫(ସମିସ):** ଓଡ଼ିଆ ଚଳଚ୍ଚିତ୍ର ଜଗତର କିମ୍ବଦନ୍ତୀ ପୁରୁଷ ତଥା ବିଶିଷ୍ଟ ନିର୍ମାତା ଓ ଅଭିନେତା ଗୋପାଳ ଘୋଷଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ତାଙ୍କର ଏକ ତୈଳଚିତ୍ର ଉନ୍ମୋଚିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ କଟକ-ବାରବାଟୀ ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସ ଉଦ୍‌ଘାଟିକା ଭାବେ ଯୋଗଦେଇଥିଲେ। 'ଶ୍ରୀଜଗନ୍ନାଥ', 'ଆମରି ଗାଁ ଝିଅ' ଓ 'ଶ୍ରୀଲୋକନାଥ' ଭଳି କାଳଜୟୀ ଚଳଚ୍ଚିତ୍ରରେ ଗୋପାଳ ଘୋଷଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ସୁରେନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ କୁନା ତ୍ରିପାଠୀ ଏବଂ ସମ୍ମାନନୀୟ ବକ୍ତା ଭାବେ ଡ. ସତ୍ୟ ରାୟ ଯୋଗଦେଇ ସ୍ୱର୍ଗତ ଘୋଷଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗୋପାଳ ଘୋଷ ସ୍ମୃତି କମିଟି ପକ୍ଷରୁ କଳାକାର ସରସ୍ୱତୀ ଦେବୀ, ଡକ୍ଟର କାଳୀ ପ୍ରସାଦ ମିଶ୍ର, ଅମରେନ୍ଦ୍ର ସିଂ ଓ ବିଜୟ କୁମାର ନିଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ରହ୍ମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଏବଂ ଶଶିକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ଶିବାଶିଷ କର, ବ୍ରହ୍ମାନନ୍ଦ ମହାନ୍ତି ଓ ଦିଲ୍ଲୀପ କୁମାର ଦାସଙ୍କ ସମେତ ଅନ୍ୟାନ୍ୟ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବରେ ସ୍ୱର୍ଗତ ଘୋଷଙ୍କ ଦୁଇ ପୁତ୍ର ବିଶ୍ୱଜିତ୍ ଓ ଇନ୍ଦ୍ରଜିତ୍ ଉପସ୍ଥିତ ଥିଲେ।

## ଗାତରେ ପଡ଼ି ଯୁବକଙ୍କ ମୃତ୍ୟୁ

### ବାଦାମବାଡ଼ି ଥାନାରେ ଏତଲା: ପୁଲିସର ତଦନ୍ତ ଜାରି

**କଟକ, ୨।୫(ସମିସ):** ବାଦାମବାଡ଼ି ଥାନା ନିକଟରେ ଥିବା ସିଏମ୍‌ସି ଶୌଚାଳୟ ନିକଟରେ ଗେଲ୍ ଇଣ୍ଡିଆ ଗ୍ୟାସ୍ ପାଇପ୍ ଲାଇନ ନେବା ପାଇଁ ଖୋଳିଥିବା ଗର୍ତ୍ତରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗତକାଲି ବିଳମ୍ବିତ ରାତିରେ ଯୁବକ ଜଣକ ରଙ୍ଗରୁଟ୍‌ରେ ବାଦାମବାଡ଼ି ଛକରୁ ଅରୁଣୋଦୟ ମାର୍କେଟ ଆଡକୁ ଆସୁଥିବା ବେଳେ ଏହି ଅଘଟଣ ଘଟିଛି। ମୃତକଙ୍କ ନାଁ ବାବିନ୍ଦ୍ର ଗ୍ରହଚାର୍ଯ୍ୟ ହୋଇଥିବା ବେଳେ ତାଙ୍କ ଘର ଶଙ୍କରପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି। ମୃତକଙ୍କ ଭାଇ ମହେନ୍ଦ୍ର ଗ୍ରହଚାର୍ଯ୍ୟ ଆଜି ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣା ସଂକ୍ରାନ୍ତରେ ବାବଦମବାଡ଼ି ଥାନା ଅଧିକାରୀ ଅଜୟ କୁମାର ରାଉଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଜଣେ ଲୋକ ଗତକାଲି ବିଳମ୍ବିତ ରାତିରେ ଥାନାରେ ଦୁର୍ଘଟଣା ସଂକ୍ରାନ୍ତରେ ଖବର ଦେଇଥିଲା। ଏହାପରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବାବିନ୍ଦ୍ରଙ୍କୁ ଗାତରୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ପଠାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ।

ସୂଚନା ଅନୁସାରେ, ଗେଲ୍ ଇଣ୍ଡିଆ ଥାନା ନିକଟସ୍ଥ ଶୌଚାଳୟ କଡ଼ରେ ଏକ ବିରାଟ୍ ଗାତ ଖୋଳିଥିବା ବେଳେ ଏହାର ଚାରିପଟେ କୌଣସି ଅସ୍ଥାୟୀ ଗାର୍ଡୱାଲ୍ ଲଗାଇ ନ ଥିଲା। କୌଣସି ସୂଚନା ଫଳକ ମଧ୍ୟ ରଖାଯାଇ ନ ଥିଲା। ବାଦାମବାଡ଼ି ଭଳି ଜନବହୁଳ ଛକ ନିକଟରେ ଏଭଳି ଗାତ ଖୋଳି ପକାଇ ରଖାଯିବା ଯୋଗୁଁ ଏଭଳି ଅଘଟଣ ଘଟିଛି। ଏହି ଦୁର୍ଘଟଣାରେ ଜଣେ ଯୁବକ ପ୍ରାଣ ହରାଇଥିବା ବେଳେ ଗେଲ୍ ଇଣ୍ଡିଆ କମ୍ପାନୀ କୌଣସି ସହାୟତା ପ୍ରଦାନ କରିବା ଦୂରର କଥା, ଘଟଣାସ୍ଥଳ ପରିଦର୍ଶନ କରି ନ ଥିବାର ଅଭିଯୋଗ ଉଠିଛି। ଯଦି ଖୋଳାଯାଇଥିବା ଗାତ ଚାରିପଟେ ଅସ୍ଥାୟୀ ସୁରକ୍ଷାବାଡ଼ ରହିଥାଆନ୍ତା, ତେବେ ବାବିନ୍ଦ୍ରଙ୍କ ଜୀବନ ଯାଇ ନ ଥାଆନ୍ତା ବୋଲି ସ୍ଥାନୀୟ ଜନସାଧାରଣ କହିଛନ୍ତି। ଗତକାଲି ବାବିନ୍ଦ୍ର ରଙ୍ଗରୁଟ୍‌ରେ ଟିଭିଏସ୍ ମୋଟର ସାଇକେଲ(ଓଆର୍-୦୫ଏଏକ୍ସ ୦୮୯୫) ନେଇ ଯାଉଥିବା ବେଳେ ସାମ୍ନାରେ ଗାତ ଖୋଳାଯାଇଥିବା ଜାଣି ପାରି ନ ଥିଲେ। ଯାହାଫଳରେ ସେ ଗାତ ଭିତରେ ପଡ଼ିଯାଇଥିଲେ। ଗାତରେ ପାଣିଥିବା ବେଳେ ସେ ତା'ଭିତରୁ ଉଠି ପାରି ନ ଥିଲେ। ଦୀର୍ଘ ସମୟ ଗାତ ଭିତରେ ଛଟପଟ ହୋଇଥିବା ବେଳେ ପାଣି ମଧ୍ୟ ପିଇଯାଇଥିଲେ। ପୁଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ବେଳକୁ ସେ ଗୁରୁତର ହୋଇପଡ଼ିଥିଲେ। ଏହା ପରେ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ପୋଖରୀରୁ ମୃତଦେହ ଉଦ୍ଧାର

**କଟକ, ୨।୫(ସମିସ):** ସାଆନ୍ତ ସାହି ସ୍ଥିତ ଏକ ପୋଖରୀରେ ବୁଡିଯାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ମଙ୍ଗଳାବାଗ ଥାନା ଥୋରିଆ ସାହିର ସୁଧୀର ମୁଖୀ (୩୮)। ମୃତଦେହକୁ ପୋଖରୀରୁ ଉଦ୍ଧାର ପରେ ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାର ଜିମା ଦିଆଯାଇଛି। ଆଜି ଦିନ ପ୍ରାୟ ସାଢେ ୧୨ଟା ବେଳେ ସାଆନ୍ତ ସାହିର ଏକ ପୋଖରୀରେ ଜଣେ ବୁଡିଯାଇଥିବା ନେଇ ଅଗ୍ନିଶମକୁ ସୂଚନା ମିଳିଥିଲା। ଏହି ସୂଚନା ପାଇବା ମାତ୍ରେ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରରୁ ଗୋଟିଏ ଟିମ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ପ୍ରାୟ ୧ ଘଣ୍ଟା ଖୋଜାଖୋଜି କରିବା ପରେ ପୋଖରୀରୁ ଜଣକୁ ବାହାର କରାଯାଇଥିଲା। ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ଖବର ପାଇ ପୁରୀଘାଟ ଥାନା ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ତାଙ୍କ ପରିଚୟ ଜାଣିବା ପାଇଁ ଉଦ୍ୟମ କରିଥିଲା। କିଛି ସମୟ ମଧ୍ୟରେ ଯୁବକଙ୍କ ପରିଚୟ ସୁଧୀର ମୁଖୀ ବୋଲି ସ୍ପଷ୍ଟ ହୋଇଥିଲା। ସେ ପାଖ ଅଞ୍ଚଳରେ ବୁଲାବୁଲି କରିଥାନ୍ତି। ଆଜି ଦିନ ୧୨ଟା ବେଳେ ସୁଧୀର ଉକ୍ତ ପୋଖରୀ କୂଳରେ ବସିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ମାତ୍ର କିଛି ସମୟ ପରେ ତାଙ୍କୁ ସେଠାରେ ଦେଖିବାକୁ ନ ମିଳିବାରୁ ଲୋକଙ୍କର ସନ୍ଦେହ ହେବାରୁ ଅଗ୍ନିଶମକୁ ଖବର ଦେଇଥିଲେ। ସୁଧୀର ଜଣେ ମାନସିକ ରୋଗୀ ବୋଲି ପୁଲିସ ସୂଚନା ଦେଇଛି। ଏନେଇ ପୁରୀଘାଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଅଚିହ୍ନା ମୃତଦେହ ଉଦ୍ଧାର

**କଟକ, ୨।୫(ସମିସ):** ବାଦାମବାଡ଼ି ଥାନା ଅନ୍ତର୍ଗତ ଖାନନଗର ବୁରୁଜ ପାର୍କ ପାଖରୁ ଜଣେ ବ୍ୟକ୍ତିଙ୍କର ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ପରିଚୟ ଜଣାପଡ଼ିନାହିଁ। ବାଦାମବାଡି ଥାନା ପୁଲିସ ମୃତଦେହର ବ୍ୟବଚ୍ଛେଦ କରାଇ ଏସସିବି ଶବଗୃହରେ ରଖିଛି। ସ୍ଥାନୀୟ ଲୋକ ବୁରୁଜ ପାର୍କ ପାଖରେ ଥିବା ମା' ଜଳେଶ୍ୱରୀଙ୍କ ମନ୍ଦିର ପାଖରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ଖବର ପାଇ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ପାଖରୁ ଚିହ୍ନଟ କଲା ଭଳି କୌଣସି ଜିନିଷ ମିଳି ନ ଥିଲା। ମୃତକଙ୍କ ବୟସ ୫୫ରୁ ୬୦ ବର୍ଷ ମଧ୍ୟରେ ହେବ। ସେ ଏକ କଳା ରଙ୍ଗର ପ୍ୟାଣ୍ଟ ଓ ଖଇରିଆ ରଙ୍ଗର ଗଞ୍ଜି ପିନ୍ଧିଛନ୍ତି। ପରିଚୟ ଜାଣିବା ପାଇଁ ବିଭିନ୍ନ ଥାନାକୁ ଫଟୋ ପଠାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ଆସନ୍ତା ୭୨ ଘଣ୍ଟା ପର୍ଯ୍ୟନ୍ତ ସଂରକ୍ଷଣ କରି ରଖାଯିବ। ଏହା ମଧ୍ୟରେ କେହି ପରିଚିତ ଲୋକ ଆସି ପହଞ୍ଚିଲେ ତାଙ୍କୁ ମୃତଦେହ ହସ୍ତାନ୍ତର କରାଯିବ। ନଚେତ ପୁଲିସ ଶେଷକୃତ୍ୟ ସମ୍ପନ୍ନ କରିବ ବୋଲି ଥାନା ଅଧିକାରୀ ଅଜୟ ରାଉଳ ସୂଚନା ଦେଇଛନ୍ତି।

## ରେଳ ଷ୍ଟେସନରୁ ଲୁଟେରା ଗିରଫ

**କଟକ, ୨।୫(ସମିସ):** ଟ୍ରେନରେ ଯାତ୍ରୀଙ୍କୁ ଲୁଟପାଟ କରୁଥିବା ଜଣେ ଯୁବକକୁ ଆରପିଏଫ ସ୍କ୍ୱାଡ୍ ଗିରଫ କରିଛି। ଅଭିଯୁକ୍ତ ଜଣକ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିକଟର କାର୍ତ୍ତିକ ଭୋଇ(୨୦)। ଆଜି ପୂର୍ବାହ୍ନରେ ନିୟୁଜଲପାଇଗୁଡି-ତ୍ରିଚି ଅମ୍ରିତ ଭାରତ ଏକ୍ସପ୍ରେସ କଟକ ରେଳ ଷ୍ଟେସନର ୪ନଂ ପ୍ଲାଟଫର୍ମରେ ପହଞ୍ଚିଥିଲା। ଉକ୍ତ ଟ୍ରେନରୁ କାର୍ତ୍ତିକ ଓହ୍ଲାଇ ପ୍ଲାଟଫର୍ମରେ ସନ୍ଦେହଜନକ ଭାବେ ବୁଲୁଥିବା ଦେଖି ଆରପିଏଫ କର୍ମଚାରୀ ତା' ପାଖକୁ ଯିବାବେଳେ ସେ ଦୌଡିଥିଲା। ତାକୁ ଗୋଡ଼ାଇ କାବୁ କରି ତଲାସୀ ନେବାରୁ ୨ଟି ଦାମୀ ମୋବାଇଲ ମିଳିଥିଲା। ପଚରାଉଚରା କରିବାରୁ ସେ ବିନା ଟିକଟରେ ଟ୍ରେନ ଚଢିବା ସହିତ ଲୁଟପାଟ କରୁଥିବା ଜଣାପଡ଼ିଲା। ଉକ୍ତ ଦୁଇଟି ଦାମୀ ମୋବାଇଲକୁ ସେ ଦୁଇ ଭିନ୍ନ ରେଳ ଯାତ୍ରୀଙ୍କ ଠାରୁ ଚୋରାଇଥିବା ସ୍ୱୀକାର କରିଥିଲା। ଏହାପରେ ଜବତ ମୋବାଇଲ ସହ ଅଭିଯୁକ୍ତ କାର୍ତ୍ତିକକୁ ଜିଆରପି ଜିମା ଦିଆଯିବା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି।

## ମହାନଦୀ ପାଣି ପାଇଁ ଗଡ଼ଗଡ଼ିଆରେ ପ୍ରତିବାଦ



**କଟକ, ୨।୫(ସମିସ):** ମହାନଦୀ ଜଳ ବିବାଦର ସମାଧାନ ଏବଂ ଓଡ଼ିଶାର ହକ୍ ପାଇଁ 'ମହାନଦୀ ବଞ୍ଚାଅ ଆନ୍ଦୋଳନ' ପକ୍ଷରୁ କଟକର ଗଡ଼ଗଡ଼ିଆ ଘାଟଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ମହାନଦୀ ଟ୍ରିବୁନାଲରେ ଆଜି ଶୁଣାଣି ଥିବା ବେଳେ ଉଭୟ ଓଡ଼ିଶା ଓ ଛତିଶଗଡ଼ ଦୀର୍ଘ ୮ ବର୍ଷ ମଧ୍ୟରେ ଆବଶ୍ୟକୀୟ ତଥ୍ୟ ଦାଖଲ କରି ନ ଥିବାରୁ ଟ୍ରିବୁନାଲ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାକୁ ଦାୟିତ୍ୱହୀନତାର ଚରମ ନିଦର୍ଶନ ବୋଲି ଅଭିହିତ କରି ଆନ୍ଦୋଳନକାରୀମାନେ ତୁରନ୍ତ ଏକ ଅନ୍ତରୀଣ ରାୟ ପ୍ରକାଶ କରିବାକୁ ଏବଂ ଛତିଶଗଡ଼ର କଲମା ବ୍ୟାରେଜରୁ ପାଣି ଛାଡ଼ିବାକୁ ନିର୍ଦ୍ଦେଶ ଦେବା ପାଇଁ ଦାବି କରିଛନ୍ତି। ଅଣ-ମୌସୁମୀ ସମୟରେ ମହାନଦୀରେ ଉତ୍କଟ ଜଳ ସଙ୍କଟ ଯୋଗୁଁ ଓଡ଼ିଶାରେ ଜଳସେଚନ ଓ ପିଇବା ପାଣି ପାଇଁ ହାହାକାର ସୃଷ୍ଟି ହୋଇଥିବା ବେଳେ ଶାଖା ନଦୀଗୁଡ଼ିକ ମଧ୍ୟ ଶୁଖିଗଲାଣି।

**ଅନ୍ତରୀଣ ରାୟ ଓ ଛତିଶଗଡ଼କୁ ତାଗିଦ୍ କରିବାକୁ ଦାବି**

ଏହି ଜଟିଳ ସମସ୍ୟାର ସମାଧାନ ପାଇଁ ରାଜ୍ୟର ଝାରସୁଗୁଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ବୌଦ୍ଧ ସମେତ ବିଭିନ୍ନ ସ୍ଥାନରେ ଧାରଣା ଦିଆଯାଇଛି। କଟକରେ କ୍ଲାପ୍ ଆଇନ ସହାୟତା ଅନୁଷ୍ଠାନର ସଭାପତି ଡ. ବିକାଶ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁଗ୍ମ ଆବାହକ ବାସୁଦେବ ଭଟ୍ଟ, ମନୋଜ ଜେନା ଓ ପ୍ରସନ୍ନ ବିଷୋୟୀଙ୍କ ସମେତ ବହୁ ସାମାଜିକ କର୍ମକର୍ତ୍ତା ଯୋଗଦେଇ କେନ୍ଦ୍ର ସରକାର ଓ ଟ୍ରିବୁନାଲଙ୍କ ନିକଟରେ ଚୂଡ଼ାନ୍ତ ରାୟ ପ୍ରଦାନ କରିବାକୁ ଦାବି କରିଛନ୍ତି।

## ରେଭେନ୍ସା କଲିଜିଏଟ ସ୍କୁଲର ଶତ ପ୍ରତିଶତ ସଫଳତା



**କଟକ, ୨।୫(ସମିସ):** ଶନିବାର ପ୍ରକାଶିତ ଚଳିତ ବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ରେଭେନ୍ସା କଲିଜିଏଟ ସ୍କୁଲର ଶତ ପ୍ରତିଶତ ଫଳାଫଳ ହୋଇଛି। ଏଥିରେ ଏ-୧ରେ ୫ ଜଣ ଛାତ୍ରଛାତ୍ରୀ ତଥା ଏ-୨ରେ ୨୫ ଜଣ ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ଅନ୍ୟ ସମସ୍ତ ଛାତ୍ରଛାତ୍ରୀ ବିଭିନ୍ନ ଗ୍ରେଡରେ ପାସ୍ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶ୍ରୀ ପ୍ରଗତି ପଣ୍ଡା, ବରିଷ୍ଠ ଶିକ୍ଷୟିତ୍ରୀ ସଂଘମିତ୍ରା ପଟ୍ଟନାୟକ, ବିଶ୍ୱନାଥ ମିଶ୍ର, ପରେଶ୍ ମଲ୍ଲ, ମଧୁସ୍ମିତା ମହାନ୍ତି, ଡ଼ଃ ପୁଷ୍ପାଞ୍ଜଳି ବେହେରା, ସନ୍ତୋଷ ସ୍ୱାଇଁ, ପ୍ରଣବ ବେହେରା, ସ୍ୱାଗତ ଜେନା ପ୍ରମୁଖ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶା ଜନତା କଂଗ୍ରେସର କର୍ମୀ ସମ୍ମିଳନୀ




**କଟକ, ୨।୫(ସମିସ):** ଓଡ଼ିଶା ଜନତା କଂଗ୍ରେସ ପାର୍ଟିର କଟକ ନଗର ୱାର୍ଡ ନଂ-୭ କର୍ମୀ ସମ୍ମିଳନୀ ସ୍ଥାନୀୟ ଦେଉଳସାହିଠାରେ ବରିଷ୍ଠ ନେତା ବୀରେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ କଟକ ମହାନଗର ନିଗମ ନିର୍ବାଚନରେ ଦଳ କିଭଳି ଶ୍ରେଷ୍ଠ ପ୍ରଦର୍ଶନ କରିବ, ସେଥିପାଇଁ ଏକ ସୁଚିନ୍ତିତ ରଣକୌଶଳ ପ୍ରସ୍ତୁତ କରିବା ସହ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ଆଲୋଚନା କରିଥିଲେ। ସେହିପରି ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ଦଳର ବିଚାରଧାରାକୁ ଘରେ ଘରେ ପହଞ୍ଚାଇବାରେ ମହିଳା କର୍ମୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବରିଷ୍ଠ ନେତ୍ରୀ ସୁଷମା ଦାସ ମହିଳାମାନଙ୍କୁ ଦଳର ମେରୁଦଣ୍ଡ ଭାବେ ଅଭିହିତ କରିଥିବା ବେଳେ ଯୁବ ନେତା ଦିଲ୍ଲୀପ କୁମାର ମହାନ୍ତି ଯୁବକମାନଙ୍କୁ ସକ୍ରିୟ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେଉଳସାହି ସଭାପତି ପାବର୍ତ୍ତୀ ଚରଣ ଦାସ, ସମ୍ପଦ ପରିଜା, ସେକ ଅଲ୍ଲୀ ବକ୍ସ, ଅକ୍ଷୟ ଆଚାର୍ଯ୍ୟ, ଦେବାଶିଷ ରାୟ, ହରିହର ଦଳେଇ, ଜିତେନ୍ଦ୍ର ନାୟକ, ପିନାକୀ ଦତ୍ତ ଓ ସୋନୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**ସଂଗଠନ ସୁଦୃଢ଼ କରିବାକୁ ମହମ୍ମଦ ମୋକିମଙ୍କ ଆହ୍ୱାନ**

## କିଶୋର ଜେନାଙ୍କୁ 'ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ' ପ୍ରଦାନ



**କଟକ, ୨।୫(ସମିସ):** ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ବିଶିଷ୍ଟ ଶ୍ରମିକ ନେତା ତଥା ଏଆଇଟିୟୁସିର ରାଜ୍ୟ ସମ୍ପାଦକ କିଶୋର ଚନ୍ଦ୍ର ଜେନାଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଶା ଓଏୟୁଟି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଶ୍ରମ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆଙ୍କ ଉପସ୍ଥିତିରେ ଶ୍ରୀ ଜେନାଙ୍କୁ ଉତ୍ତରୀୟ, ସ୍ମାରକୀ, ପ୍ରଶଂସା ପତ୍ର ସହ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ୭୯ ବର୍ଷ ବୟସ୍କ ଶ୍ରୀ ଜେନା ଦୀର୍ଘ ବର୍ଷ ଧରି ବ୍ୟାଙ୍କ କର୍ମଚାରୀ ଓ ଅସଂଗଠିତ ଶ୍ରମିକଙ୍କ କଲ୍ୟାଣ ପାଇଁ ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ସେ ସମ୍ପ୍ରତି ଏଆଇଟିୟୁସିର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିବା ସହ ଅଙ୍ଗନବାଡ଼ି କର୍ମୀ, ନିର୍ମାଣ ଶ୍ରମିକ ଓ ରେଳବାଇ କର୍ମଚାରୀଙ୍କ ସଂଗଠନ ସହିତ ସକ୍ରିୟ ଭାବେ ଜଡ଼ିତ ଅଛନ୍ତି। ଜଣେ ବିଶିଷ୍ଟ ସ୍ତମ୍ଭକାର ଓ ସାପ୍ତାହିକ 'ନୂଆ ଦୁନିଆ'ର ପରିଚାଳନା ସମ୍ପାଦକ ଭାବେ ଶ୍ରମଜୀବୀ ଓ ଆର୍ଥିକ କ୍ଷେତ୍ରର ସମସ୍ୟା ଉପରେ ତାଙ୍କର ଲେଖା ସମାଜରେ ବେଶ୍ ଆଦୃତ ହୋଇଛି।

### କଟକରେ ଜିଲ୍ଲାସ୍ତରୀୟ ଶ୍ରମିକ ଦିବସ

## ୧୮ କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ପ୍ରଦାନ

କଟକ, ୨।୫(ସମିସ)

କଟକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଶହୀଦ ଭବନଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କୁ 'ଆଧୁନିକ ଯୁଗର ବିଶ୍ୱକର୍ମା' ଭାବେ ଅଭିହିତ କରିବା ସହ ରାଷ୍ଟ୍ର ଗଠନରେ ସେମାନଙ୍କ ଅବଦାନର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଅନ୍ତର୍ଗତ ସହାୟତା ରାଶିରେ ହୋଇଥିବା ବୃଦ୍ଧି ସମ୍ପର୍କରେ ସୂଚନା ଦିଆଯାଇଥିଲା। ବିଶେଷ କରି ସ୍ୱାଭାବିକ ମୃତ୍ୟୁକାଳୀନ ସହାୟତାକୁ ୩ ଲକ୍ଷରୁ ୪ ଲକ୍ଷ ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ସହାୟତାକୁ ୪ ଲକ୍ଷରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିବା ସେ ପ୍ରକାଶ କରିଥିଲେ। ଉତ୍ସବରେ ମୋଟ ୩, ୨୧୫ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ସମୁଦାୟ ୧୮ କୋଟି ୩୧ ଲକ୍ଷ ୭୭ ହଜାର ୪୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିମଧ୍ୟରେ ବିବାହ ସହାୟତା ପାଇଁ ୯.୫୧ କୋଟି ଏବଂ ମୃତ୍ୟୁକାଳୀନ ସହାୟତା ପାଇଁ ୭.୭୪ କୋଟି ଟଙ୍କା ଅନ୍ତର୍ଭୁକ୍ତ। ଏଥିସହ ୨୦୦ ଜଣ ନୂତନ ଶ୍ରମିକଙ୍କୁ ପଞ୍ଜୀକୃତ ଶ୍ରମିକ କାର୍ଡ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁଗ୍ମ ଶ୍ରମ ଆୟୁକ୍ତ କଳ୍ପନା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ପ୍ରୀତିବନ୍ଧନ ଘଡ଼ାଇଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ସହଯୋଗରେ ଆୟୋଜିତ ଏହି ସଭାରେ ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ ମୋନାଲିସା ପାଢ଼ୀ ଧନ୍ୟବାଦ ଦେଇଥିଲେ।



### ବିଜୁ ଜନତା ଦଳ ପକ୍ଷରୁ ଶ୍ରମିକ ଦିବସ

## ଶ୍ରମିକଙ୍କ କଲ୍ୟାଣ କରିବା ବିଜେଡିର ଆଦର୍ଶ: ପ୍ରତାପ ଜେନା




**କଟକ, ୨।୫(ସମିସ):** କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଦୋଳମୁଣ୍ଡାଇସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ବିଶ୍ୱ ଶ୍ରମିକ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ତଥା ଦଳର ରାଜ୍ୟ ଉପସଭାପତି ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଶ୍ରମିକଙ୍କ କଲ୍ୟାଣ କରିବା ବିଜୁ ଜନତା ଦଳର ଆଦର୍ଶ ବା ଡିଏନ୍‌ଏରେ ରହିଛି। ସେ କହିଥିଲେ ଯେ ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ଶ୍ରମିକଙ୍କ ପାଇଁ ଶ୍ରମିକ କଲ୍ୟାଣ ବୋର୍ଡ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ ଶ୍ରମିକ ଶକ୍ତି ଯୋଜନା ଓ ଆହାର କେନ୍ଦ୍ର ଭଳି ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଥିଲା। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି କରି ଯେଉଁ ଧାରା ଆରମ୍ଭ କରିଥିଲେ, ତାହା ଶ୍ରମିକଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରୁ ଆସିଥିବା ଶ୍ରମିକମାନଙ୍କୁ ଦଳ ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଶ୍ରମିକ ନେତା ମହମ୍ମଦ ସକିଲ, ସିଏମସି ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ପ୍ରଦୀପ୍ତ ଖୁଣ୍ଟିଆ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଅନିତା ବେହେରା ଓ ସାଧାରଣ ସମ୍ପାଦକ ତାପସ ମହାନ୍ତିଙ୍କ ସମେତ ବହୁ କର୍ପୋରେଟର ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରମିକଙ୍କ ଅବଦାନକୁ ସମ୍ମାନ ଜଣାଇଥିଲେ। ଶେଷରେ ଉପସଭାପତି ଦେବେନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।



# ଖରାର ସାହାନାଇ



ବିରଜା ରାଉତରାୟ

ହଷ୍ଟେଲ ରୁମ୍‌ର ଝରକା ଆରପଟେ ଦ୍ୱିପହର ଖରାଟା ଗୋଟାଏ ଆତଙ୍କବାଦୀର ମୁହଁ ପରି ଦିଶୁଥିଲା ତନୟାକୁ । ଦାଉ ଦାଉ ହୋଇ ଜଳୁଥିବା ଓ ଜଳାଉଥିବା ଏହି ଖରାଟାକୁ ଆଉ କ'ଣ ବା ନାମ ଦେଇ ପାରନ୍ତା !

ନିଜକୁ ପ୍ରଶ୍ନ କରୁଥିଲା, "ଖରାଟାକୁ ଚ'ଖଡ଼ିର ରଙ୍ଗ ଅବା ଫୁଟାଖଇ ରଙ୍ଗ ପରି ଧଳା ବୋଲି ନ ଭାବି ସେ କାହିଁକି ଅବା ଆତଙ୍କବାଦୀର ମୁହଁ ସହ କଳନା କରି ବସିଲା ?" ପୁଣି ସାମାନ୍ୟ ରହି ଆଶ୍ଚର୍ଯ୍ୟଚକିତ ଆଖିରେ ଭାବୁଥାଏ ଆରେ ସତେ ତ ଆହୁରି କେତେ କ'ଣ ଉପମା ରହିଛି ତୁଳନା କରିବାକୁ,ଯାହାକୁ ସେ ଛାଡ଼ି ଯାଇଛି । ଯେପରି ତୁଳାରଙ୍ଗର ଖରା । ଯେପରି ଧଳା ରୁମାଲ ପରି ସଫେଦ ଖରା । କିମ୍ବା ଷ୍ଟ୍ରବେରୀ ଆଇସକ୍ରିମ୍‌ର ତୋଫା ଦେହ ପରି ଖରା, ଏମିତି ବି କହି ହେଇଥାନ୍ତା! ହେଲେ, ହଠାତ୍ କାହିଁକି ତା' ମନ ଖରାକୁ ଆତଙ୍କବାଦୀ ସହ ତୁଳନା କରିବାକୁ ଚାହିଁଲା !

ମନୋବିଜ୍ଞାନ ବିଭାଗର ଛାତ୍ରୀ ନ ହେଲେ ନାହିଁ, ସେ ତ ସାହିତ୍ୟର ଛାତ୍ରୀ । ପଢ଼ିଛି ଚେତନାପ୍ରବାହର ଧାରାକୁ । ମନୋବିଶ୍ଳେଷଣର ପ୍ରୟୋଗକୁ ପଢ଼ିଛି କେତେ ନା କେତେ ଚରିତ୍ର ସବୁରେ । ଏହି କାହିଁକି ପ୍ରଶ୍ନଟିର ସନ୍ତୋଷଜନକ ଉତ୍ତର ନିକଟରେ ପହଞ୍ଚିବାକୁ ଚାହୁଁଥିଲା ତନୟା ।

ଓଃ ! ଆଖି ଝଲସାଇବା ପରି ଏ ଦ୍ୱିପହରିଆ ଖରା ଧାସଟା ! ତା' ସହିତ ଅସହ୍ୟ କଲା ପରି ଗୁଳୁଗୁଳି । ରୁମ୍‌ର ସିଲିଂ ଫ୍ୟାନଟା ବି ଅଧା ମୂର୍ଚ୍ଛା ହେବା ପରି ତା'ର ତିନିପତିଆ ଡେଣା ଗୁଡ଼ାକୁ ଧୀର ଗତିରେ ଘୂରାଇ ଚାଲିଥାଏ ।

ଆଃ...ବିଚରା ସବାଉପର ମହଲା ଛାତ ତଳେ ଲଟକିଛି ଯେତେବେଳେ ଗରମ ପବନତକ ହିଁ ଛାଡ଼ିବ ! ନିଜର ତୀବ୍ର ଅଶ୍ୱସ୍ତିପଣକୁ ସୂଚାଇ ଝରକା ଆଡୁ ମୁହଁ ଫେରାଇ ଆଣିଲା ।

ସାମ୍ନା ଖଟରେ ନିରୁଦ୍‌ବିଗ୍ନ ହୋଇ ଶୋଇ ରହିଥାଏ ଶାଳିନୀ ।

ଅଦ୍ଭୂତ ଝିଅଟା ! କିଏ ଖରା ହେଲେ ଛାଇ ଖୋଜେ । ଇଏ କିନ୍ତୁ ଯେତେ ଛାଇ ତଳେ ରହିଲେ ବି ଖରା ଖୋଜେ ! ଯା'ର ଚାରିପଟେ ସବୁବେଳେ ଆଲୁଅ ଜଳୁଥିବା ଦରକାର । ଅନ୍ଧାର ହେଲେ କୁଆଡ଼େ ଭୂତର ଛାଇ ଆସି ତାକୁ ମାଡ଼ି ବସୁଛି ! ତା' ଯୋଗୁଁ ପୁଣି ମଣିଷ ରାତିତମାମ୍ ଲାଇଟ ଜାଳି ଶୋଇବ! ଦ୍ୱିପହର ନିଦାଘ ଖରାବେଳଟାରେ ଝରକା ସୁଦ୍ଧା ବନ୍ଦ କରି ପାରିବ ନାହିଁ । ଛ୍ୟା...ଇଏ ପୁଣି ମନୋବିଜ୍ଞାନର ଛାତ୍ରୀ ! ଚୋପାଟା... !" ଆଉ ମୁହୂର୍ତ୍ତେ ସୁଦ୍ଧା ଏଇ ତତଲା ତାୱାର ରୁମ୍‌ଟା ଭିତରେ ରହି ଗୋଟାପଣ ସିଝିବାକୁ ଚାହୁଁ ନ ଥିଲା ତନୟା । ସହଜେ ଝରକା ସେପଟେ ଦ୍ୱିପହର ଖରାର ତ୍ରାସ । ଆରପଟ ଖଟରେ ଶୋଇଥିବା ଶାଳିନୀର ବିଚିତ୍ର ମିଜାଜ୍ । ତା'ର ଇଚ୍ଛା ହେଉଥିଲା ସିଧା ଧଡ୍ କରି କବାଟ ଖୋଲି ଚାଲି ଆସନ୍ତା ହଷ୍ଟେଲ ଆଗ ବଗିଚାର ପୁରୁଣା ଚମ୍ପା ଗଛର ଛାଇ ତଳକୁ ।

ସେଇ ସ୍ଥାନଟି ତା'ର ଅତି ପ୍ରିୟ । ମ୍ଳାନ ଅପରାହ୍ଣ ବେଳାର ସୁଗନ୍ଧଦାତ୍ରୀ ମଇତ୍ର । ତାହାରି ତଳେ ବସି କେତେ ନା କେତେ ମନର ଉଚ୍ଛ୍ୱାସକୁ ପାଣି ଫୋଟକା ଛାଡ଼ିବା ପରି ଉପରକୁ ପଠାଇଦିଏ । ହଁ, ଯେତେବେଳେ ଗମ୍ଭୀର ଥାଏ ଆଉ ଏକୁଟିଆ ଥାଏ । ଚାହିଁ ବସିଥାଏ ତା'ର ସକ୍ରିୟ ସାନ୍ନିଧ୍ୟ । ଯେପରି ଆପଣାର କେହି ବାନ୍ଧବୀଟିଏ ପାଖରେ ବସି ରହିଛି । ସକଳ ଅନୁରାଗ ସହ ଶୁଣି ଚାଲିଛି ତା'ର ବ୍ୟଥା ଓ ବେଦନା । ବିଷାଦ ଓ ବ୍ୟାକୁଳତାର ମର୍ମକୁ ବୁଝୁଚି । ପଣତଟିଏ ଧରି ମୁହଁରେ ଘୂରାଇ ଆଣିବା ପରି ପୋଛି ପକାଉଛି ତାକୁ ଉଦ୍‌ବିଗ୍ନ ରଖିଥିବା ଅଭିଯୋଗର ଅଦୃଶ୍ୟ ପ୍ରତିଲିପିକୁ ।

ଯେତେବେଳେ ଏହିପରି ଭାବନା ଆସି ତା' ମନକୁ ଆନ୍ଦୋଳିତ କରେ, ସିଏ ସତକୁ ସତ ମୁଣ୍ଡ ଟେକି ଚାହିଁଦିଏ ତଳକୁ ନଇଁ ଆସିଥିବା ଡାଳଟି ଆଡ଼କୁ । ତାକୁ ଲାଗେ ଯେପରି, ସିଏ ତାକୁ ନିରାଶ କରିବାକୁ ଚାହୁଁ ନାହିଁ । ହାଲ୍‌କା ପବନର ଛୁଆଁରେ ଗଛଡାଳର ପତ୍ରସବୁ ମୁଣ୍ଡ ହଲାଇ ତା'ର ଉତ୍‌କ୍ଷିପ୍ତ ଭାବରାଜିକୁ ପ୍ରଶମିତ କରି ଚାଲିଛନ୍ତି ! କେମିତି ଗୋଟେ ମୁଚୁକୁନ୍ଦୁ ସବୁଜ ହସର ସଂକ୍ରମଣ ସେ ନିଜ ଭିତରେ ଆବିଷ୍କାର କରେ! ଧୀରେ ଧୀରେ ଫେରିଆସେ ପୁଣି ସ୍ୱାଭାବିକ ଜୀବନ ପ୍ରବାହ ଭିତରକୁ ।

ସେଦିନ କିନ୍ତୁ କ'ଣ ଭାବି ନିରାଶ ହୋଇ ପଡ଼ିଲା ତନୟା । ଦୁଇ ସପ୍ତାହ ଖଣ୍ଡେ ହୋଇଯିବଣି ସେ ବିଲ୍‌କୁଲ୍ ଯାଇ ନ ଥିଲା ହଷ୍ଟେଲ କ୍ୟାମ୍ପସ୍‌ର ସେଇ ପୁରୁଣା ଚମ୍ପାଗଛ ମୂଳକୁ । ବୈଶାଖୀର ଝାଞ୍ଜି ଓ କ୍ରୂର ନିଦାଘର ଖରା ବାଜି ଗଛଟି ପ୍ରାୟ ଅଧାଲଣ୍ଡା ଦେହର ଦଶା ଭୋଗୁଛି । ଏଇନେ ସେଠାକୁ ଯାଇ ଲାଭ ଅବା ଯେ କ'ଣ ?

ଦୀର୍ଘ ନିଃଶ୍ୱାସଟେ ଛାଡ଼ି ପୁଣି ବସି ପଡ଼ିଲା ନିଜ ବେଡ୍ ଉପରେ । ଆଉ ଥରେ ମୁହଁ ଘୂରାଇ ଝରକା ଆରପଟକୁ ଚାହିଁବାକୁ ଚେଷ୍ଟାକଲା । ଖରାର ତେଜଟା ସେତେବେଳକୁ ଆଉ ପରସ୍ତେ ଉଚ୍ଚାକୁ ଛୁଇଁ ଯାଇଥିବା ପରି ଚାଇଁଚାଇଁ ଦିଶୁଥାଏ ଆଖିକୁ । ଝଲସାଇ ଦେବା ପରି ଥିଲା ତା'ର ଉଗ୍ର ଆମନ୍ତ୍ରଣ ।

କ୍ଷଣକ ମାତ୍ର ବିଳମ୍ବ ନ କରି ଫେରାଇ ଆଣିଲା ନିଜର ଦୁଇ ଆଖି ରୁମ୍ ଭିତରକୁ । ଧେତ୍... ପୁଣି ଚମକି ପଡ଼ିବା ପରି ମନେ ମନେ କହି ଉଠିଲା, "ଏଇଟାକୁ କେମିତି ନିଦ ଆସୁଛି କେଜାଣି !"

ଶୁଣିଥିଲା ହରିବଂଶରେ, କଂସର ହାତରୁ ଛିଟିକି ଉଡ଼ି ଯାଇଥିବା ବିଜୁଳିକନ୍ୟା ବିଷୟରେ । ତାକୁ ଲାଗୁଥିଲା, ଏଇ ଶାଳିନୀଟା କଳିଯୁଗର ଖରାକନ୍ୟା ! ସେତେବେଳେ କଡ଼ ଲେଉଟାଇ ଶୋଇଥିବା ଶାଳିନୀ ତା'ର ଶୟନମୁଦ୍ରା ପରିବର୍ତ୍ତନ କରି ସିଧା ଚିତ୍ ହୋଇ ଶୋଇ ପଡ଼ିଲା । ଧୀରେ ଧୀରେ ତା'ର ଅର୍ଦ୍ଧମୁକୁଳା ପାଟିବାଟେ ଘୁଙ୍ଗୁଡ଼ିର ଲହର ରୁମ୍‌ଟି ସାରା ସଂକ୍ରମିତ ହେବାକୁ ଆରମ୍ଭ କଲା ।

ଇସ୍...ଏଇ ଶବ୍ଦକୁ ତା'ର ଭାରି ରାଗ । ରାତି ହୋଇଥିଲେ ଦୁଇ ଛୋଟ ତକିଆକୁ କାନପାଖରେ ନଦି କୌଣସି ମତେ ଶୋଇ ପଡ଼ିଥାନ୍ତା । ସେମିତି ସେ କରିଥାଏ । ହେଲେ, ଏବେକା ପାଇଁ କିଛି ସେପରି ଜୁଟୁ ନ ଥାଏ ମୁଣ୍ଡରେ ।

କ'ଣ ଭାବିଲା, ଥିଲା ଥିଲା ଛିଡ଼ା ହୋଇ ପଡ଼ିଲା ନିଜ ସ୍ଥାନରୁ । ପୂର୍ବରୁ ଯେପରି ଭାବିଥିଲା, ଖୁବ୍ ଉତ୍‌କ୍ଷିପ୍ତ ଗତିରେ ରୁମ୍‌ର କବାଟଟାକୁ ଖୋଲି ଧଡାସ୍ କରି ବାଡ଼େଇ ବାହାରି ଆସିଲା ପଦାକୁ । କେଇଟା ନିଃଶ୍ୱାସରେ ପାହାଚରେ ଖସି ଚାଲି ଆସିଥିଲା ସବାତଳକୁ ।

ସେହିପରି ଉତ୍‌କ୍ଷିପ୍ତ ମନଧରି ବାରଣ୍ଡାରେ ଏପଟ ସେପଟ ହୋଇ ଟହଲମାରି ଚାଲୁଥାଏ ତନୟା ।

ହଠାତ୍ ସେଇ ଚିହ୍ନା ଚମ୍ପାଗଛ ଉପରେ ଆଖି ପଡ଼ିଯିବାରୁ କେମିତି ଏକ ଅବ୍ୟକ୍ତ ଖୁସି ସହସା ଚହଟି ଉଠିଲା ତା' ମୁହଁରେ! ଦେଖିଲା, ଅସଂଖ୍ୟ ନୂଆ କଅଁଳ ସବୁଜପତ୍ରର ସମ୍ଭାରରେ ଭରି ଉଠିଥିଲା ଗଛଟି । ଅନୁମାନ କରିନେଲା,ଏହା ନିଶ୍ଚୟ ପିଛିଲା ସପ୍ତାହ ଦୁଇ ଅସରା କଳାବୈଶାଖୀ ବର୍ଷାର ଚମତ୍କାରୀ !

ଅବିଳମ୍ବେ ସେ ତା'ର ପୁରୁଣା ଆସ୍ଥାନ ଘାସର ଗାଲିଚା ଉପରେ ଆସି ବସିପଡ଼ିଲା । ବିରକ୍ତିପଣ ବଦଳରେ କେମିତି ଏକ ସନ୍ତୋଷଭାବ ଉଇଁ ଆସୁଥିଲା ଭିତରେ । ଆଉଥରେ ଆଖି ଉଠାଇ ଉପରକୁ ଚାହିଁଲା । ଧୂ ଧୂ ଆକାଶକୁ ପିଠି କରି ଚମ୍ପାଗଛର କଅଁଳ ସବୁଜ ପତ୍ରସବୁ ଆସ୍ତେ ଆସ୍ତେ କାନକୁ ହଲାଉଥାନ୍ତି । ସେମାନଙ୍କ ପିଠିରେ ଦ୍ୱିପହରର ତୀର୍ଯ୍ୟକ ଖରା ଶାନ୍ତଶିଶୁ ସାଜି ଦୋଳି ଖେଳୁଥିବା ପରି ଦିଶୁଥାନ୍ତି ତା'ର ଆଖିକୁ ।■

ମାଧପୁର,କେନ୍ଦ୍ରାପଡ଼ା
ମୋ: ୯୬୫୮୮୧୦୨୪୪

# ପୁସ୍ତକ ପରିଚୟ

## ଜ୍ୟୋତିର୍ମୟୀ ରେବତୀ

### ପ୍ରଫେସର ମଣୀନ୍ଦ୍ର କୁମାର ମେହେର




ବିଦ୍ୟା ପବ୍ଲିଶିଙ୍ଗ ଇଙ୍କ୍
ଟରୋଣ୍ଟୋ, କାନାଡ଼ା
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୧୭୫ ଟଙ୍କା

ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସୁପ୍ରସିଦ୍ଧ ଗଳ୍ପ 'ରେବତୀ'ର ଆବେଦନ ଚିରନ୍ତନ । ବିଭିନ୍ନ ଭାରତୀୟ ଓ ବୈଦେଶିକ ଭାଷାରେ ଏହି ଗଳ୍ପଟି ଅନୂଦିତ ହୋଇ ଓ ବହୁ ପାଠକାଦୃତ ଲାଭ କରିଛି । 'ରେବତୀ'ର ବିଭିନ୍ନ ଦିଗକୁ ନେଇ ରଚିତ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ 'ଜ୍ୟୋତିର୍ମୟୀ ରେବତୀ' ପୁସ୍ତକ ପ୍ରକାଶ ପାଇଛି । 'ବିଶ୍ୱ ସାହିତ୍ୟର ପ୍ରଥମ ଆଧୁନିକ କ୍ଷୁଦ୍ରଗଳ୍ପ 'ରେବତୀ', 'ରେବତୀର ଶବ୍ଦ-ସ୍ପନ୍ଦନ', 'ରେବତୀ ଗଳ୍ପରେ ଫକୀରମୋହନଙ୍କ ବ୍ୟକ୍ତିତ୍ୱ', 'ରେବତୀ ଗଳ୍ପରେ ଆଧୁନିକତା', 'ନବଜାଗରଣର ପ୍ରତିଭୂ ଶ୍ୟାମବନ୍ଧୁ', 'ରେବତୀ ଅଭୀପ୍‌ସାର ଏକ ଦିବ୍ୟଶିଖା', 'ନାରୀବାଦର ଊର୍ଦ୍ଧ୍ୱରେ ରେବତୀ', 'ବାସୁଦେବ: ନବଚେତନାର ନିଃସ୍ୱାର୍ଥ ଶ୍ରଦ୍ଧା', ଆଦି ପ୍ରବନ୍ଧଗୁଡ଼ିକରେ ରେବତୀ ଗଳ୍ପର ବୈଶିଷ୍ଟ୍ୟ, ଚରିତ୍ରମାନଙ୍କର ବିଶେଷତ୍ୱ, ମାନବୀୟ ବେଦନା ଓ ସମ୍ବେଦନଶୀଳତା ଉପରେ ଆଲୋଚନା କରାଯାଇଛି । ସେହିପରି 'ଫକୀର ମୋହନଙ୍କ 'ରେବତୀ' ଓ ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' ଏକ ତୁଳନାତ୍ମକ ବିଶ୍ଳେଷଣ', 'ଫକୀରମୋହନଙ୍କ 'ବାସୁଦେବ' ଓ ରବୀନ୍ଦ୍ରନାଥଙ୍କ 'ପୋଷ୍ଟ ମାଷ୍ଟର': ଏକ ଅନ୍ତଃନିରୀକ୍ଷା', 'ରେବତୀ ଓ ମଲାଲା : ଏକ ତୁଳନାତ୍ମକ ତତ୍ତ୍ୱ' ଆଦି ଆଲୋଚନାରେ 'ରେବତୀ' ସହିତ ଅନ୍ୟ ମହତ୍ ଚରିତ୍ର ଓ ନାରୀମାନଙ୍କ ସହିତ ତୁଳନା କରାଯାଇଛି । ଫକୀରମୋହନଙ୍କ 'ରେବତୀ' ଗଳ୍ପ ସଂପର୍କିତ ତଥ୍ୟ ଓ ଗବେଷଣା ଭିତ୍ତିକ 'ଜ୍ୟୋତିର୍ମୟୀ ରେବତୀ' ପୁସ୍ତକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।■

## ଦେଶ ମୋ ଭାରତବର୍ଷ

### ହଂସନାଥ ମୁଦୁଲି




ପେଜମେକର୍ ପବ୍ଲିକେଶନ୍ସ
ବାପୁଜୀ ନଗର, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୫୦ ଟଙ୍କା

ହଂସନାଥ ମୁଦୁଲିଙ୍କ ଦେଶାତ୍ମବୋଧକ ଗୀତି କବିତା ସଂକଳନ 'ଦେଶ ମୋ ଭାରତବର୍ଷ' ପ୍ରକାଶ ପାଇଛି । ଭାରତ ହେଉଛି ପୁଣ୍ୟ ଭୂଇଁ । ଏହି ମାଟିରେ ଜନ୍ମ ନେଇଛନ୍ତି ଅନେକ ଗୌତମ ବୁଦ୍ଧ, ମହାତ୍ମା ଗାନ୍ଧୀଙ୍କ ଭଳି ମହାପୁରୁଷମାନେ । ପୁଣି ଏହି ମାଟି ହେଉଛି ବୀର ପୁରୁଷଙ୍କ ମାଟି । ଏହି ପୁସ୍ତକର କବିତାଗୁଡ଼ିକରେ ଦେଶଭକ୍ତି, ଜାତୀୟତାବୋଧ, ମାଟି ମା'କୁ ଭଲ ପାଇବାର ବାସ୍ନା ବାରି ହୋଇପଡୁଛି । ଏହି ପୁସ୍ତକରେ ସଂକଳିତ 'ଦେଶ ମୋ ଭାରତ ବର୍ଷ', 'ଜନମଭୂଇଁ ଓଡ଼ିଶା ମାଟି', 'ଓଡ଼ିଶା ମୋର ମାଆ', 'ଭାରତ ଆମ ମାଆ', 'ମା'କୁ ସଲାମ କରୁଛି', 'ତ୍ରିରଙ୍ଗାର ତାଳଲୟେ', 'ସତ୍ୟନିଷ୍ଠାର ଜୟ', 'ଅଗଷ୍ଟ ପନ୍ଦର ଆସିବ ବୋଲି', 'ଓଡ଼ିଆ ପୁଅ ମୁଁ ଓଡ଼ିଆ ପୁଅ', 'ମାଟି ନୁହେଁ ସେ ଯେ ମାଆ', 'ସିଏ ଗଙ୍ଗାଯମୁନାର ଦେଶ', 'ଲୁହଭରା ଆଜି ଆଖି', 'ଆଜି ତ ଆମ ଗଣତନ୍ତ୍ର ଦିବସ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ପ୍ରତିଟି କବିତାରେ ମାତୃଭୂମି ଓ ଦେଶର ଜୟଗାନ କରାଯାଇଛି । କବିତାଗୁଡ଼ିକ ପାଠ କଲେ ନିଶ୍ଚୟ ପାଠକଙ୍କ ହୃଦୟରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ ହୋଇଉଠିବ । ଦେଶପ୍ରୀତିର ଭାବ, ସରଳ ଭାଷା, ପଦର ଲାଳିତ୍ୟ କବିତାଗୁଡ଼ିକକୁ ଅଧିକ ହୃଦୟସ୍ପର୍ଶୀ କରିଛି । 'ଦେଶ ମୋ ଭାରତବର୍ଷ' ପୁସ୍ତକର ଗୀତି କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।■

# ବୋଉର ଶେଷଦିନସବୁ



ସେନାପତି ପ୍ରଦ୍ୟୁମ୍ନ କେଶରୀ

ବୋଉର ଶେଷଦିନସବୁ ବହୁତ ଅଝଟ କଲେ
ସାରା ଜୀବନ ସଂସାରକୁ ମୁଣ୍ଡେଇ ଯିଏ ସୁଖ ପାଉଥିଲା
ସବୁ ତେଜ୍ୟା କରି ବାହୁଡ଼ି ଯିବାକୁ ସିଏ କେମିତି
ପୁଣି ଏତେ ବ୍ୟସ୍ତ ହେଲା ?

ଯେତେବେଳେ ମୋ କଥା ଶୁଣିବାକୁ
ବୋଉର ଆଉ ସାମର୍ଥ୍ୟ ନଥିଲା
ଆଖିର ଲୁହସବୁ କେବଳ ଟପ୍ ଟପ୍ ଝରୁଥିଲେ
କେବଳ ତା' ବାଟରେ ନୀରବରେ ବହି ଚାଲିଥିଲେ
କେମିତି ବଢ଼ିଗଲା ଏତେ ଦୂରତା ବୋଉ ଆଉ ମୋ ଭିତରେ ?

ଯେତେବେଳେ ମୋ କଥା ବୋଉ ଆଉ ବୁଝି ପାରୁନଥିଲା
ବଲବଲ ମୋତେ ଚାହୁଁଥିଲା ଖାଲି ଉଦାସ ଆଖିରେ !

ଭାବିଲି, କେତେ ବଡ଼ ପାପୀଟେ ମୁଁ ସତେ !
କିଛି ଜଘନ୍ୟ ପାପ ହିଁ ଝୁଣି ଝୁଣି ମୋତେ ଖାଉଥିଲା
ନୂଆ ଲୁଗାକୁ ରୁଖିଆ କାଟି କାଟି ଖାଇଗଲା ପରି
ଜୀବନର ସବୁ ସୁଖ ଆସ୍ତେ ଆସ୍ତେ
ମୋ ପାଖରୁ ଦୂରେଇ ଯାଉଥିଲା !

ଦେବୀଙ୍କ ପାଖରେ ବଳି ଉଦ୍ଦେଶ୍ୟରେ
ବନ୍ଧା ହେଇଥିବା ନିରୀହ ଛେଳିଟି
ଯେମିତି ଭୋକରେ ଡାଳ ପତ୍ର ଖାଇ ଚାଲିଥାଏ
ହେଲେ ତାକୁ ଜଣା ନଥାଏ,
ତା'ର ମୁଣ୍ଡ ଗଣ୍ଡି ଅଲଗା ହେବା ଆଉ ବୋଧେ
ବେଶି ଡେରି ନୁହେଁ !

ମୁଁ ଦେଖିଛି, ବୋଉର ଶେଷଦିନମାନଙ୍କର
ରାତିସବୁ କେତେ ନିଷ୍ଠୁର ଥିଲା
ପବନ ଆଦୌ ଶୀତଳ ନଥିଲା
ଆକାଶର ତାରାମାନେ ବୋଧେ
ଭୁଲି ଯାଇଥିଲେ ଆଖି ମିଟିକା
ରହି ରହି ଛାତି ଦମ୍ ଦମ୍ ହେଉଥିଲା !

ଥରକୁ ଥର ବିଛଣାରୁ ଉଠି
ପଦାକୁ ପଳାଇବାକୁ ଚାହୁଁଥିଲା ବୋଉ
କାହା ପାଖକୁ ଯିବା ଲାଗି ଏତେ ବ୍ୟସ୍ତ ହେଉଥିଲା ?
ମୁଁ ତା'ର ପୁଅ ବୋଲି ଯେତେ ବୁଝାଇ କହିଲେ
ସେ ମୋତେ ଆଦୌ ଚିହ୍ନୁ ନଥିଲା ।

ସତରେ ବୋଉର ଶେଷଦିନସବୁ
ଚୋରାଇ ନେଇଥିଲା ମୋର ରାତିର ନିଦ
ରତ୍ନୁ ବି ନିହାତି ଅଚିହ୍ନା ଲାଗୁଥିଲା
କେଜାଣି କିଏ ଆସି କେତେବେଳେ
ମୋ ବୋଉ କାନରେ କ'ଣ କହିଲା
ଆଖି ଖୋଲିଲା ବେଳକୁ
ବୋଉ ମୋତେ ସିନା ଅନେଇଥିଲା
ହେଲେ ମୋର ହୃଦୟର ବ୍ୟାକୁଳତା ବୁଝିବାକୁ
ତା' ଛାତି ଭିତରେ ବୋଧେ ଆଉ ପବନ ନଥିଲା ! ■

ଜଗନ୍ନାଥ କଲୋନୀ, ବାଲିକୁଦା
ଗୋପାଳପୁର, କଟକ : ୭୫୩୦୧୧
ମୋ : ୭୩୭୧୫୨୩୫୯୮

# ଯୁଦ୍ଧ ବିରତି ବେଳେ ବର୍ଷା



ଚିରଶ୍ରୀ ଇନ୍ଦ୍ରସିଂ

କ୍ଷେପଣାସ୍ତ୍ରର ଆଉଁଷାରେ ପୋଡ଼ିଯାଇଥିବା ଆକାଶକୁ
ଘୋଡ଼ାଇ ରଖିଚି କଳାଘୁମର ମେଘ
ବର୍ଷା ହେଉଛି ରହି ରହି ।

ବର୍ଷା ହେଉଛି
ବହୁକାଳ ଧରି ଗଣଧର୍ଷିତା ଜହ୍ନ
ଡରି ଡରି ମୁହଁ ଦେଖାଉଛି ।

ଟୋପା ଟୋପା ବର୍ଷା, ଚିହିଁକି ଉଠୁଛି ବାଲି
ଅଧା ଅଧି ଜଳି ଯାଇଥିବା ଗଛ
ମଞ୍ଜରୁ ଛାଡୁଛି ଦୀର୍ଘଶ୍ୱାସ
ତମ୍ବୁ ବାହାରେ ଠିଆ ତରୁଣ ସୈନିକ ଜଣେ
ହସି ଦେଉଛି ଥିରି କରି
ଦିଶି ଯାଉଛି ତ ବହୁ ଦିନର ପରିଚିତ ମଣିଷଟେ ପରି!

ଖୋଲା ଦୁଆର ଖୋଲା ଛାତ
ଉଜୁଡ଼ା ସହର ଉଜୁଡ଼ା କ୍ଷେତ
ଛୋଟ ପିଲାମାନଙ୍କର ଫୁସ୍‌ଫୁସ୍ କଥା
ଶୁଣା ଯାଉଛି ରହି ରହି
ଜଣା ନାହିଁ ନଈ ପାଣିରେ ଯାହା ଭଉଁରି ଖାଉଛି
ତା' ଗୋଟେ ସ୍ୱଦେଶୀ ନିଷ୍କ୍ରିୟ ବୋମା
ନା' ଗୋଟେ ପରଦେଶୀ ଡ୍ରୋନ୍‌ର ଛାଇ!

ଆଜି ଯୁଦ୍ଧ ବିରତି
ଯୋଚା ହେଇଛି ଯୁଦ୍ଧର ଯୁଆଳିରେ
ଫାଳ ଫାଳ ପୃଥ୍ୱୀ
ନିଜ ନିଜର ଈଶ୍ୱରଙ୍କୁ ଲୋକମାନେ ଗାଳି ଦେଉଛନ୍ତି
ଅସୁର ଓ ସଇତାନମାନେ ମନାଇବା ବେଳେ ମହୋତ୍ସବ
ଦାୟିତ୍ୱହୀନ ଈଶ୍ୱରମାନେ ଶୋଇ ପଡ଼ନ୍ତି
କାହିଁକି ଏବଂ କେମିତି?

ଦିନେ ମହାପ୍ଲାବନର ଅନ୍ତରେ ଜନ୍ମିଥିବ ଶୈବାଳ
ପାଣିରୁ ଉଠି ଆସି, ଉଡ଼ିବାକୁ ଶିଖିଥିବ ମାଛ
ଯୁଦ୍ଧ ବିରତି ବେଳେ ଏଇ ଗୁଣୁ ଗୁଣୁ ବର୍ଷା
ସତରେ କ'ଣ ଆଉ ଦୁବ କଅଁଳିବ ନାହିଁ
ଖପରା ମାଟିର ପିଠିରେ, ପୁଣି ଥରେ!!

ଚାଲ ଆଶା କରିବା
ଯୁଦ୍ଧ ରହୁ, ଯଦି ରହୁଛି ନିହାତି
ଅଳ୍ପକାଳ ପାଇଁ
ସ୍ଥାବର, ଜଙ୍ଗମ, କୀଟ ପତଙ୍ଗାଦି
ସମସ୍ତଙ୍କ ପାଇଁ ରହୁ ହୀନବଳ ହୋଇ;

ଚାଲ, ବର୍ଷା ରେ ତିନ୍ତିବା
ବିଶ୍ୱାସ ରଖିବା ଯେ,
ଯୁଦ୍ଧ ବିରତି ହେବ ଦୀର୍ଘସ୍ଥାୟୀ
ବର୍ଷା ଆସିବ ବାରମ୍ବାର, ଏ ଭୂଇଁକୁ
ଭଲ ପାଇବାର ଭରସା ଦେଇ
ଭରସା ନେଇ ।■

ଅଧ୍ୟକ୍ଷା, ଡିଜିବିକେ କଲେଜ
କସର୍ଦ୍ଦା, କଟକ
ମୋ: ୮୦୧୮୪୨୦୫୧୭

# "ସାହିତ୍ୟକୁ ନୂତନ ଦୃଷ୍ଟିକୋଣରୁ ନଦେଖି ଲେଖିବା ବ୍ୟର୍ଥ"



ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ

ମୁଁ କାହିଁକି ଲେଖେ

'ମୁଁ କାହିଁକି ଲେଖେ?' ଏହା ମୋ ପାଇଁ ଏକ ବଡ଼ ଜଟିଳ ପ୍ରଶ୍ନ । କାହିଁକି ଲେଖେ ଏହାର ଉତ୍ତର ପ୍ରକୃତରେ ମୁଁ କିଛି ଜାଣିନି । ପିଲାଦିନରୁ ଲେଖୁଛି । ଛାତ୍ରାବସ୍ଥାରୁ ମୁଁ ବହୁତ ବହି ପଢ଼ିଛି । ସେଥିପାଇଁ ସେତେବେଳେ ମୁଁ ଏଣୁତେଣୁ ଲେଖୁଥିଲି । ବୋଧହୁଏ ସେତେବେଳେ କେଉଁଠି ନା କେଉଁଠି ଗୋଟେ ଇଚ୍ଛା ଥିଲା ମୁଁ ଲେଖକ ଭାବେ ପରିଚିତ ହେବି । କବି ଖ୍ୟାତି ପାଇଁ ବହୁତ ଲୋକ ଲାଳାୟିତ ହୁଅନ୍ତି । ବୋଧହୁଏ ସେହିଭଳି ଗୋଟେ ଇଚ୍ଛା ମୋ ଭିତରେ ଥିଲା । ପରବର୍ତ୍ତୀ ସମୟରେ ଏହି ଲେଖିବା ଗୋଟିଏ ସ୍ୱାଭାବିକ ପ୍ରକ୍ରିୟା ହୋଇଗଲା । ଲେଖାରେ ଏକପ୍ରକାର ପ୍ରବଣତା ଆସିଗଲା ।

ମୁଁ ଷଷ୍ଠ ଶ୍ରେଣୀରୁ ଶିଶୁ କବିତା ଲେଖିବା ଆରମ୍ଭ କରିଥିଲି । ଶିଶୁ କବିତା ଲେଖିଛି ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ । ଏହାପରେ ରବିବାର 'ପ୍ରଜାତନ୍ତ୍ର', 'ଆସନ୍ତାକାଲି' ଆଦି ବିଭିନ୍ନ ପତ୍ରପତ୍ରିକା ପାଇଁ ଲେଖିଛି । ଅନର୍ସ ପରୀକ୍ଷା ସରିବା ପରେ ମୋର ପ୍ରଥମେ କବିତା 'ଝଙ୍କାର' ପୃଷ୍ଠାରେ ପ୍ରକାଶିତ ହୋଇଥିଲା । ଯାହା ମୋତେ ବହୁତ ଆନନ୍ଦିତ ଓ ଉତ୍ସାହିତ କରିଥିଲା । ପ୍ରଥମ କବିତା ଏବଂ ପ୍ରବନ୍ଧ ବହି ୧୯୭୧-୧୯୭୨ ମସିହାରେ ପ୍ରକାଶ ପାଇଥିଲା । ଓଡ଼ିଶାରେ ସାଢ଼େ ଚାରି ବର୍ଷ ସରକାରୀ କଲେଜରେ ଅଧ୍ୟାପନା କରିଥିବା ସମୟରେ ମୁଁ ଅନେକ କବିତା, ପ୍ରବନ୍ଧ ଲେଖିଛି । ସେ ସବୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ବେଶ୍ ପାଠକୀୟ ଆଦୃତି ଲାଭ କରିଛି । ତେବେ ମୋ' ଲେଖାର କୌଣସି ନିର୍ଦ୍ଦିଷ୍ଟ ଦିଗ ନ ଥିଲା । କ'ଣ ଲେଖିବି? କାହିଁକି ଲେଖିବି ? ଏ ସବୁ ବିଷୟରେ ବିଶେଷ ଚିନ୍ତା କରି ନଥିଲି । ଲେଖୁଛି ତ ଲେଖୁଛି, ଯାହା ଇଚ୍ଛା ହେଉଥିଲା ତାହା ଲେଖୁଥିଲି । ଏଭଳି ଲେଖାଲେଖି ଚାଲିଥିଲା । ଯେତେବେଳେ ୧୯୭୪ ମସିହାରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ ଯାଇ ସେଠାରେ ୩୬ ବର୍ଷ ଅଧ୍ୟାପନା କଲି । ସେହି ସମୟରେ ବହୁ ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଇଂରାଜୀ, ଭାରତୀୟ ଇତିହାସ ପୁସ୍ତକ ସମେତ ବିଭିନ୍ନ ଭାଷାର ପତ୍ରପତ୍ରିକା ପଢ଼ିବାର ସୁଯୋଗ ପାଇଲି । ଏପରିକି ଆମେରିକାନ୍ ଟିଏଲ୍‌ଏସ୍ ପଢ଼ିବାର ସୁଯୋଗ ଲାଭ କରିଥିଲି । ଏହି ପଢ଼ିବାର ପ୍ରବଣତା ଭିତରେ ମୋର ଏକ ଧାରଣ ପରିବର୍ତ୍ତିତ ହୋଇଯାଇଥିଲା । ଫଳରେ ମୋର ଲେଖାର ରୀତି, ମୋର କବିତାର ଗତି ଏବଂ ସମାଲୋଚନାର ଗତି ପରିବର୍ତ୍ତନ ହୋଇଯାଇଥିଲା । ପରେ ମୁଁ ନାଟକ ଲେଖିଲି ।

ସେତେବେଳେ ବିଦେଶୀ ଭାଷାରେ ସୁବୋଧ ଢଙ୍ଗରେ କେଡ଼େ ସୁନ୍ଦର କବିତା ଲେଖାଯାଉଥିଲା । ମୁଁ ସେମିତି କାହିଁକି ଲେଖି ପାରିବିନି ବୋଲି ଭାବିଲି । ଏହାପରେ ଆମେରିକାନ୍ ଟାଇମ୍‌ସର ଲିଟେରାରୀ ସପ୍ଲିମେଣ୍ଟ ପଢ଼ିବା ପରେ ମୋର କବିତା ପ୍ରତି ସ୍ୱତନ୍ତ୍ର ଧାରଣା ଆସିଲା । ତେଣୁ ମୋର କବିତା ରଚନାର ରୀତି ପୂରାପୂରି ବଦଳି ଗଲା । ଏହାପରେ ବହୁ ବଙ୍ଗଳା, ଇଂରାଜୀ ଭାଷାର ସମାଲୋଚନା ପୁସ୍ତକ ପଢ଼ିଲି । ଏହା ପରେ ମୋର ସମାଲୋଚନାର ଦୃଷ୍ଟିଭଙ୍ଗୀ ମଧ୍ୟ ଭିନ୍ନ ହୋଇଗଲା । ସମାଲୋଚନା ପାଇଁ କଳ୍ପନା ଶକ୍ତିର ଆବଶ୍ୟକ ରହିଛି ବୋଲି ମୁଁ ଅନୁଭବ କଲି । ମୋ ସମାଲୋଚନାରେ ସେହି ଅନ୍ତର୍ଦୃଷ୍ଟି ରହିଛି । ନାଟକ ଯେତେବେଳେ ଲେଖିଲି ସେତେବେଳେ ମୁଁ ଗବେଷଣା କରୁଥାଏ । ଉଦ୍ଭଟ ଓ ବାସ୍ତବ ନାଟକ ଉପରେ ସମାଲୋଚନା ଲେଖିଲି । ବହୁ ଇଂରାଜୀ, ହିନ୍ଦୀ, ବଙ୍ଗଳା ନାଟକ ପଢ଼ିବା ପରେ ମୋର ଗୋଟିଏ ପରିବର୍ତ୍ତିତ ଦୃଷ୍ଟିକୋଣ ହୋଇଯାଇଥିଲା । ମୁଁ ନିଜେ ସ୍ୱତଃସ୍ଫୂର୍ତ୍ତ ଭାବରେ ନାଟକ ଲେଖିଲି । ସେ ନାଟକର ରୀତି ହେଉଛି ସ୍ୱତନ୍ତ୍ର । ଯେଉଁ ନାଟକ ଓଡ଼ିଆ ନାଟକ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦାବି କରେ । ଏହି ଲେଖିବା ଭିତରେ ମୁଁ ତିନୋଟି ଜିନିଷ ବିଷୟରେ ଲେଖେ । ମୁଁ ଭାବେ ସମାଜ ପାଇଁ ନ ଲେଖିଲେ ମୋ ଲେଖିବାର ମୂଲ୍ୟ କ'ଣ ? ତେଣୁ ମୁଁ ମୋ କବିତା ନାଟକରେ ଗାଁ, ସହର, ରାଜ୍ୟ, ଦେଶ, ବିଶ୍ୱର ବିଭିନ୍ନ ପ୍ରକାର ସମସ୍ୟାକୁ ନେଇ ନାଟକ ଓ କବିତାମାନ ଲେଖିଛି । ପ୍ରଥମେ ପ୍ରଥମେ ବିଭିନ୍ନ ପ୍ରେମ କବିତା ଲେଖୁଥିଲି । ପରବର୍ତ୍ତୀ ସମୟରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ସମସ୍ୟାକୁ ନେଇ କବିତା ଲେଖିଲି । ସେହି ଅନୁସାରେ ମୋର ସ୍ତମ୍ଭ ରଚନାରେ ମଧ୍ୟ ଗୋଟେ ସ୍ୱତନ୍ତ୍ର ଶୈଳୀ ସୃଷ୍ଟି ହୋଇଯାଇଥିଲା ।

ମୋର ସମସ୍ତ କବିତା ସୁବୋଧ ଭାଷା ଓ ଶୈଳୀରେ ଲେଖିବାକୁ ପ୍ରୟାସ କରିଛି । ଯେଉଁ ଭାବ କବିତାରେ ରହିଲେ ଭଲ ଲାଗେ, ଜଣେ ତାକୁ ଖୁସିରେ ପଢ଼ି ଭାବ ନିକଟରେ ପହଞ୍ଚିପାରିବ । ସେଇ ଭାବକୁ ନେଇ ମୁଁ କବିତା ଲେଖିଲି । ଏହିଭଳି ଭାବରେ ବିଭିନ୍ନ କବିତା, ପୌରାଣିକ, ସାମାଜିକ ଓ ଐତିହାସିକ ନାଟକ ଲେଖିଛି । ଛୋଟବଡ଼ ମିଶି ପ୍ରାୟ ପଚାଶରୁ ଊର୍ଦ୍ଧ୍ୱ ନାଟକ ଲେଖିଛି । ମୂଳରୁ ମୁଁ କବିତା ଲେଖୁଥିଲି । ଏବେ ମଧ୍ୟ ଲେଖୁଛି । ଏ ପର୍ଯ୍ୟନ୍ତ ପ୍ରାୟ ୧୧ ଖଣ୍ଡ କବିତା ସଂକଳିତ ଓ ୨୦ ଖଣ୍ଡ ସମାଲୋଚନା ପୁସ୍ତକ ପ୍ରକାଶିତ ହୋଇଛି । ଏଇ ଲେଖିବା ଭିତରେ ତିନି ଦିଗରେ ମୁଁ ନିଜକୁ ବାଣ୍ଟି ଦେଇଛି । ସମାଲୋଚନା କଥା କହିଲେ, ମୁଁ ଯେତେବେଳେ ଓଡ଼ିଆ ସମାଲୋଚନ ପଢ଼ିଲି ଜାଣିପାରିଲି ଗତାନୁଗତିକ ଧାରାରେ ଗତାନୁଗତି କଥା ହିଁ ଲେଖାଯାଇଛି । ଯାହା କୁହାଯାଇଥିଲା ତାକୁ ଯେମିତି ପୁନର୍ବାର ଚର୍ବିତଚର୍ବଣ କରାଯାଇଛି । ମୁଁ ଭାବିଲି ଯଦି କୌଣସି ବିଷୟକୁ, କୌଣସି ସାହିତ୍ୟକୁ ନୂତନ ଦୃଷ୍ଟିକୋଣରୁ ଦେଖି ନ ଲେଖିଲେ ଏହି ସମାଲୋଚନା ଲେଖିବା ବ୍ୟର୍ଥ । ସେତେବେଳେ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ସମାଲୋଚନା ଲେଖା ହେଉଥିଲା । ମୁଁ ତ ପ୍ରଥମେ ନାଟକ ସମାଲୋଚନା ଓ ଉଦ୍ଭଟ ନାଟକର ଥିଓରୀ ଉପରେ ସମାଲୋଚନା ଲେଖିଛି । .'ଆଧୁନିକ ଓଡ଼ିଆ ନାଟକରେ ଉଦ୍ଭଟ ଓ ବାସ୍ତବ ଚେତନା' ମୋର ଡିଲିଟ୍ ଥେସିସ୍ ଥିଲା । ନାଟକ ଉପରେ ଅନେକ ଗବେଷଣା କରିଛି । ଆଧୁନିକ ନାଟକ, ଲୋକନାଟକ ଉପରେ ଗବେଷଣା କରିଛି । ୟୁଜିସିରୁ ଫେଲୋସିପ୍ ପାଇ ଓଡ଼ିଆ ଲୋକନାଟକ ଉପରେ ଗବେଷଣା କରିଛି । ଲୋକନାଟକ କିଭଳି ଭିନ୍ନ ତା'ର ରଚିତ୍ରକୁ ମୁଁ ସେଥିରେ ପ୍ରତିପାଦନ କରିଛି ।

ବିଭିନ୍ନ ସମୟରେ ମୁଁ ସମାଲୋଚନା, ନାଟକ ଓ କବିତା ଲେଖିଛି । ଯଦି ସେସବୁ ଭିନ୍ନ ସମୟରେ ମୁଁ ନଲେଖି ଥାଆନ୍ତି । ସେଇ ମାନସିକତା ଆଣି ପାରି ନଥାନ୍ତି । ନାଟକ ଲେଖିଲା ବେଳେ ନାଟକର ମାନସିକତା ଆଣିବାକୁ ପଡ଼ିଥାଏ । କବିତା ଲେଖିବା ବେଳେ କବିତାର ମାନସିକତାରେ ଲେଖିବାକୁ ପଡ଼ିଥାଏ । ସମାଲୋଚନା. ପ୍ରବନ୍ଧ ଲେଖିବା ବେଳେ ସେଇ ମାନସିକତା ଆଣିବାକୁ ହୋଇଥାଏ । ଏଭଳି ମାନସିକତାକୁ ନେଇ ମୁଁ ଲେଖିଛି । ସେହିପରି ବିଭିନ୍ନ ଖବର ପାଇଁ ସମସାମୟିକ ସମସ୍ୟାକୁ ନେଇ ଅନେକ ସ୍ତମ୍ଭ ଲେଖିଛି । ସେ ସବୁ ବେଶ୍ ପାଠକୀୟ ଆଦୃତି ଲାଭ କରିଛି । ବର୍ତ୍ତମାନ ମୋର ଲେଖାଲେଖି ପ୍ରାୟତଃ ବନ୍ଦ ହୋଇଯାଇଛି । ■

ଭୁବନେଶ୍ୱର
ମୋ: ୭୩୭୭୩୩୯୯୩୭

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜୟନ୍ତୀରେ ବିଜୁ ଜନତା ଦଳର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨।୫(ସମିସ):ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜୟନ୍ତୀ ଅବସରରେ ବିଏମସି ୱାର୍ଡ ନମ୍ବର ୧୪ ଅଧୀନସ୍ଥ ନୀଳାଦ୍ରି ବିହାର (ସୀତାନାଥ ନଗର)ରେ ଥିବା ତାଙ୍କର ପ୍ରତିମୂର୍ତ୍ତି ସମ୍ମୁଖରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁ ଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତାମାନେ ଓ କାର୍ଯ୍ୟକର୍ତ୍ତାମାନେ ଏହି ଅବସରରେ ଏକତ୍ରିତ ହୋଇ ମହାନ ମାଟିର ସନ୍ତାନ ଏବଂ ସାମ୍ପ୍ରଦାୟିକ ଜାଗରଣର ପ୍ରବକ୍ତା ଗୁରୁ ଗୋମ୍‌କେଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝି, ଭାରତୀ ସିଂହ, ବାସନ୍ତୀ ସିଂହ, ମନୋଜ



ସାହୁ, ମିହିର ରାଉତ, ପିଙ୍କି ସ୍ୱାଇଁ, ଇତିଶ୍ରୀ ଦାସ, ଇଲା ସ୍ୱାଇଁ, ଅଚ୍ୟୁତ ସ୍ୱାଇଁ, ସୁସ୍ମିତା ଦାସ, ସବ୍ୟସାଚୀ ସାହୁ, ଭୋଳାନାଥ ମହାରଣା, ହିମାଂଶୁ ଶେଖର ଦାସ, ମାନସ ଦାସ, ତୁଷାର ଦାସ, ଚଗଲା ଜେନା ଏବଂ ମିଟୁ ପରିଡା ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହାପରେ ଶଙ୍ଖ ଭବନରେ ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅମୂଲ୍ୟ ଅବଦାନ ଉପରେ ଆଲୋଚନା ସଭା ଆୟୋଜିତ ହୋଇଥିଲା। ସଭାକୁ ସମ୍ବୋଧନ କରି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ୧୯୨୫ ମସିହାରେ ଅଲଚିକି ଲିପିର ଆବିଷ୍କାର ମାଧ୍ୟମରେ ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳୀ ସମୁଦାୟକୁ ଏକ ବିଶିଷ୍ଟ ପରିଚୟ ଦେଇଥିଲେ। ଏହି ଅପୂର୍ବ ଅବଦାନ ତାଙ୍କର ଭାଷା, ସଂସ୍କୃତି ଓ ଐତିହ୍ୟକୁ ପିଢି ପରେ ପିଢି ଧରି ସୁରକ୍ଷିତ ରଖିବାରେ ସାହାଯ୍ୟ କରିଛି। ତାଙ୍କର ସାହିତ୍ୟ କୃତି ଏବଂ ସାମାଜିକ ସଂଶୋଧନ ଉଦ୍ୟମ ମାଧ୍ୟମରେ ସେ ଶିକ୍ଷା, ଆତ୍ମସମ୍ମାନ ଏବଂ ଏକତାକୁ ପ୍ରୋତ୍ସାହିତ କରିଥିଲେ, ଯାହା ଏକ ସ୍ଥାୟୀ ସାଂସ୍କୃତିକ ଗୌରବ ଓ ବୌଦ୍ଧିକ ସଶକ୍ତିକରଣର ଐତିହ୍ୟ ରୂପେ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିଛବିରେ ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ସଭାରେ ବିଧାୟକ ଗୌତମବୁଦ୍ଧ ଦାସ, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ, ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝି, ଦେବାନନ୍ଦ ମହାପାତ୍ର ପ୍ରମୁଖ ନିଜର ମତାମତ ରଖିଥିଲେ। ଶେଷରେ ମିହିର ରାୟ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଧର୍ମପତ୍ନୀଙ୍କ ପରଲୋକ

## ଶେଷ ଦର୍ଶନ କଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି

ଭୁବନେଶ୍ୱର,୨।୫(ସମିସ):ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଧର୍ମପତ୍ନୀ, ସୁନାମଧନ୍ୟ ଗାୟିକା, ଅଲ୍ ଇଣ୍ଡିଆ ରେଡିଓର ସ୍ୱୀକୃତିପ୍ରାପ୍ତ କଳାକାର ତଥା କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ସଙ୍ଗୀତ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ନନ୍ଦ ଶନିବାର ଇହଲୀଳା ସମ୍ବରଣ କରିଛନ୍ତି। ଶ୍ରୀମତୀ ନନ୍ଦ ଦୀର୍ଘଦିନ ଧରି ଅସୁସ୍ଥ ଥିବା ବେଳେ ଶନିବାର ଅପରାହ୍ଣରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବୟସ ହୋଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଏରୋଡ୍ରମ୍ ଏରିଆସ୍ଥିତ ତାଙ୍କ ବାସଭବନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ



ଦାସବର୍ମା, ସ୍ନେହାଙ୍ଗିନୀ ଛୁରିଆ, ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ସାଂସଦ ଦେବାଶିଷ ସାମନ୍ତରାୟ, ସୁଭାଶିଷ ଖୁଣ୍ଟିଆ, ଲେଖାଶ୍ରୀ ସାମନ୍ତସିଂହାର, ବିଭୂତି ବଳବନ୍ତରାୟ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଧାୟକ ବାବୁ ସିଂ, ବରିଷ୍ଠ ବିଜେପି ନେତା ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ମନ୍ମଥ ରାଉତରାୟ, ସଂଗ୍ରାମ କେଶରୀ ପାଇକରାୟ, ଅମୀୟ ଦାସ, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରା, ବିଜେଡି ଛାତ୍ର ସଭାପତି ଇପ୍ସିତା ସାହୁ, ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆର ସିଂ, ପୂର୍ବତନ ସାଂସଦ ମୁନା ଖାଁ ଙ୍କ ସମେତ ଭୁବନେଶ୍ୱର ମହାନଗର ନିଗମର ବହୁ କର୍ପୋରେଟରଓ ବିଶିଷ୍ଟ ବ୍ୟକ୍ତି ମାନେ ସ୍ୱର୍ଗତା ଶ୍ରୀମତୀ ନନ୍ଦଙ୍କ ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ। ଏହସହ ପୁତ୍ର ଅଂଶୁମାନ ପଣ୍ଡା, ପୁତ୍ରବଧୂ ଆକାଂକ୍ଷା, ପୁତ୍ରୀ ମନୀଷା ପଣ୍ଡା, ଜ୍ୱାଇଁ ସିତିକଣ୍ଠ ମିଶ୍ର, ପୁତୁରା, ଭଣଜା, ଭଣଜାବୋହୂ, ଜ୍ଞାନ୍ତି କୁଟୁମ୍ବ, ଲିଙ୍ଗରାଜ ମନ୍ଦିରର ବରିଷ୍ଠ ସେବାୟତମାନେ ଶେଷ ଦର୍ଶନ କରିଥିଲେ। ପୁରୁଣା ଭୁବନେଶ୍ୱର କପିଳୀଦେବି ସାହି ନିଜ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀମତୀ ନନ୍ଦଙ୍କ ଶେଷ ଦର୍ଶନ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୨।୫(ସମିସ): ଆସନ୍ତା ସୋମବାର ଅର୍ଥାତ୍ ମେ' ୪ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ କାର୍ଯ୍ୟକ୍ରମବନ୍ଦ ରହିବ ଏବଂ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ସୂଚନା ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ସୋମବାର ଅର୍ଥାତ୍ ଏପ୍ରିଲ୍ ୨୭ ତାରିଖରେ ଅଭିଯୋଗ ଶୁଣାଣୀ ପାଇଁ ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ସ୍ଲଟ୍ ବୁକ୍ ମଧ୍ୟ ସରିଥିଲା। ମାତ୍ର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇଥିଲା। ପୂର୍ବରୁ ବୁକ୍ କରିଥିବା ଅଭିଯୋଗକାରୀମାନେଆଗକୁହେବାକୁଥିବାକାର୍ଯ୍ୟକ୍ରମରେଅଂଶଗ୍ରହଣକରିଅଭିଯୋଗଦାଖଲକରିପାରିବେ।

### ମାଲବାହୀରେ ଯାତ୍ରୀ ପରିବହନ ବିରୋଧରେ ରାଜ୍ୟବ୍ୟାପୀ ଚଢ଼ଉ

# ୩ ଦିନରେ ୨୨୬ ଗାଡ଼ି ଅଟକ ଓ ୯୩ ଜବତ

କଟକ, ୨।୫ (ସମିସ): ରାଜ୍ୟରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଦୁର୍ଘଟଣା ରୋକିବା ଲକ୍ଷ୍ୟରେ ମାଲବାହୀ ଯାନରେ ବେଆଇନ ଯାତ୍ରୀ ପରିବହନ ବିରୋଧରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବ୍ୟାପକ ଅଭିଯାନ ଆରମ୍ଭ ହୋଇଛି। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ଗତ ଏପ୍ରିଲ ୨୯ ତାରିଖରୁ ଜାରି ରହିଥିବା ଏହି ରାଜ୍ୟବ୍ୟାପୀ ଏନଫୋର୍ସମେଣ୍ଟର ପ୍ରଥମ ତିନି ଦିନରେ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ସମୟ ମଧ୍ୟରେ ସାରା ରାଜ୍ୟରେ ମୋଟ ୩,୦୩୪ଟି ଯାନ ଯାଞ୍ଚ କରାଯାଇ ୩୨୬ଟି ମାମଲାରେ ଚାଲାଣ କଟାଯାଇଥିବା ବେଳେ ୨୨୬ଟି ଯାନକୁ ଅଟକ ରଖାଯାଇଛି ଏବଂ ୯୩ଟି ଯାନକୁ ଜବତ କରାଯାଇଛି। ଏଥିସହ ପରିବହନ ନିୟମ ଭଙ୍ଗ କରିଥିବା ୨୭୧ଟି ଯାନର ପଞ୍ଜୀକରଣ ରଦ୍ଦ ପାଇଁ ନୋଟିସ୍ ଜାରି ହେବା ସହ ୧୮୯ଟି ଡ୍ରାଇଭିଂ ଲାଇସେନ୍ସ ସସପେଣ୍ଡ କରାଯାଇଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅନୁସାରେ, ଗାଡ଼ି ଜବତ କ୍ଷେତ୍ରରେ ଭୁବନେଶ୍ୱର-୧ ସର୍ବାଧିକ ୧୯ଟି ଗାଡ଼ି ଜବତ କରିଥିବା ବେଳେ କୋରାପୁଟ ୧୭ଟି ଓ ଭୁବନେଶ୍ୱର-୨ ୧୧ଟି ଗାଡ଼ି ଜବତ କରିଛନ୍ତି। ସେହିପରି ବଲାଙ୍ଗିର ଆରଟିଓ ପକ୍ଷରୁ ସର୍ବାଧିକ ୨୫ଟି ଗାଡ଼ି ଅଟକ ରଖାଯାଇଛି। ବିଶେଷକରି, ବଲାଙ୍ଗିର, କଟକ, ଭୁବନେଶ୍ୱର ଓ କୋରାପୁଟ ଅଞ୍ଚଳରେ ଅଧିକ ନିୟମ ଉଲ୍ଲଂଘନ ହେଉଥିବା ଜଣାପଡ଼ିଛି। ମାଲବାହୀ ଯାନରେ ଯାତ୍ରୀ ପରିବହନକୁ ଏକ ଦଣ୍ଡନୀୟ ଅପରାଧ ଭାବେ ଦର୍ଶାଇବା ସହ ସାଧାରଣ ଜନସାଧାରଣଙ୍କ ଜୀବନ ସୁରକ୍ଷା ପାଇଁ ଏହି ବିଶେଷ ଅଭିଯାନ ଆସନ୍ତା ୮ ମେ' ୨୦୨୬ ପର୍ଯ୍ୟନ୍ତ ଜାରି ରହିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ସ୍ପଷ୍ଟ କରିଛନ୍ତି।

# ବିଶ୍ୱ ଦକ୍ଷତା କେନ୍ଦ୍ର ନାମ ଲେଖା ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର, ୨।୫(ସମିସ): ବିଶ୍ୱ ଦକ୍ଷତା କେନ୍ଦ୍ରରେ ଚଳିତ ଶିକ୍ଷାବର୍ଷ ମାର୍ଚ୍ଚ ସେସନ୍ ପାଇଁ ଆବେଦନ ଅବଧି ବୃଦ୍ଧି କରାଯାଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ନାମଲେଖା ପାଇଁ ଆବେଦନ କରିପାରିବେ। ଏହାପରେ ମେ' ୩୧ ତାରିଖରେ ଅନଲାଇନ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ନାମଲେଖା ପରେ ଜୁନ୍ ମାସରୁ ପାଠପଢ଼ା ଆରମ୍ଭ ହେବ। ଛାତ୍ରଛାତ୍ରୀମାନେ 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଏବଂ 'ସ୍କୁଲ ଅଫ୍ ସର୍ଭିସେସ୍' ପାଠ୍ୟକ୍ରମ ଅଧୀନରେ ମୋଟ ୧୦ଟି ବିଷୟରେ ନାମଲେଖାଇ ପାରିବେ। ଚଳିତବର୍ଷ ରାଜ୍ୟ ବାହାର ପ୍ରାର୍ଥୀଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଅଧିକ ଜାଣିବା ପାଇଁ ୧୮୦୦ ୨୬୬ ୬୦୦୨ ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରିବାକୁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ କୁହାଯାଇଛି।

**FOR SALE**
Ultrasound Machine – Voluson S8 BT22 (2022), well-maintained with 4 probes. Ideal for diagnostic centers & hospitals. Location: Khordha. Contact: 9136067570 / 9237158357 / 7873044100.

**LOST**
This is to inform the general public
1- The original registered sale deed bearing no. 11081119710 on Dated 6/08/2011 Executed by Satyaban Das, S/o Bhabagrahi Das in favour of Sri Hara Mohan Pradhan, S/o Padmananda Pradhan
2 Original Mutation ROR bearing khata No. 154/51, of Mouza: Aringal, Tahasil - Balianta, Dist - khurda Issued in the name of Sri Hara Mohan Pradhan S/o - Padmananda Pradhan was in the custody of Dhiranjan Pradhan, S/o Late Kumar Pradhan which has been lost somewhere else on 28/4/2026.

**AFFIDAVIT**
By virtue of an affidavit No-3953 Dated 28.4.2026 before Executive Magistrate, Narasinghpur | Laxmi Kant Sahoo S/o Madhu Sudan Sahoo Vill/Po-Balisahi, Ps-Jodumu, Dist-Cuttack do hereby declare that in my Army Service Document bearing Service No-3700886X my name is noted as Laxmikanta Sahoo instead of Laxmi Kant Sahoo. I declare that both the name Laxmi Kant Sahoo and Laxmikanta Sahoo are same and one person i.e me, hence this affidavit.

**AFFIDAVIT**
By virtue of an affidavit (CF No. 446, dtd- 29.04.2026) sworn before The Executive Magistrate, Jharsuguda. I, Gunvantkumar Ishwarbhai Patel, S/o Ishwarbhai Patel, permanent resident of At: Gujratipada, Ward No.18, PS/Dist: Jharsuguda, PIN: 768201, State: Odisha declare that I have changed my minor daughter's name from Hiya G Patel to Hiyaben Gunvantkumar Patel. Henceforth, she shall be known as Hiyaben Gunvantkumar Patel (new name) for all purposes.

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପାସ୍ ହାର...

ଜଣ ପାସ୍ କରିଛନ୍ତି। ସେହିଭଳି ୨ ଲକ୍ଷ ୭୨ ହଜାର ୯୫୯ ଜଣ ଛାତ୍ର ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ଲକ୍ଷ ୫୬ହଜାର ୪୦୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲ୍ଲାୱାରୀ ଫଳାଫଳକୁ ଅନୁଧ୍ୟାନ କଲେ, ଗଜପତି ଜିଲ୍ଲା ୯୯.୩୧ ପ୍ରତିଶତ ପାସ୍ ହାର ସହ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହା ପଛକୁ ଗଞ୍ଜାମ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ କେନ୍ଦୁଝର ଜିଲ୍ଲାରେ ସବୁଠାରୁ କମ୍ ୯୪.୩୫ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ରାଜ୍ୟର ୩ହଜାର ୩୧୦ଟି ସ୍କୁଲରେ ଶତପ୍ରତିଶତ ଫଳାଫଳ ହୋଇଛି। ଦୁର୍ଭାଗ୍ୟବଶତଃ କେନ୍ଦ୍ରାପଡ଼ା, ପୁରୀ ଓ ଢେଙ୍କାନାଳ ଜିଲ୍ଲାର ୩ଟି ବିଦ୍ୟାଳୟରେ କୌଣସି ପରୀକ୍ଷାର୍ଥୀ ପାସ୍ କରିନାହାନ୍ତି।

ଚଳିତବର୍ଷ ଗ୍ରେଡ୍ ଅନୁଯାୟୀ ଫଳାଫଳ ଅତି ଉତ୍ସାହଜନକ ରହିଛି। ମୋଟ ୨ହଜାର ୪୫୬ ଜଣ ପରୀକ୍ଷାର୍ଥୀ 'ଏ-୧' ଗ୍ରେଡ୍ ହାସଲ କରିଥିବା ବେଳେ 'ଏ -୨' ଗ୍ରେଡ୍‌ରେ ୧୫ ହଜାର ୬୮୧ ଜଣ, 'ବି- ୧' ରେ ୪୩ ହଜାର ୫୬୫ ଜଣ, 'ବି -୨' ରେ ୮୬ ହଜାର୧୦୩ ଜଣ, 'ସି' ରେ ୧ ଲକ୍ଷ ୨୯ ହଜାର ୮୧୩ ଜଣ, 'ଡି'ରେ ୧ ଲକ୍ଷ ୪୬ ହଜାର ୧୫୨ଜଣ ଏବଂ 'ଇ' ଗ୍ରେଡ୍‌ରେ ୯୫ ହଜାର ୪୮୧ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥର ବୋର୍ଡ ପକ୍ଷରୁ ଏକ ନୂତନ ପଦକ୍ଷେପସ୍ୱରୂପ, ପିଲାମାନଙ୍କୁ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ଲିଖିତ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ପରୀକ୍ଷାର୍ଥୀମାନେ ସନ୍ଧ୍ୟା ୬ଟାରୁ ବୋର୍ଡର ଅଫିସିଆଲ୍ ୱେବସାଇଟ୍ (www.bseodisha.ac.in)ରେ ନିଜର ପରୀକ୍ଷାଫଳ ଦେଖିପାରିବେ।

ଆସନ୍ତା ସୋମବାରଠାରୁ ସମସ୍ତ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ସ୍କୁଲରୁ ନିଜର ସାର୍ଟିଫିକେଟ୍ ସଂଗ୍ରହ କରିପାରିବେ। ଯେଉଁମାନେ ପୁନଃ ଯାଞ୍ଚ ବା ରି-ଚେକିଂ ପାଇଁ ଆବେଦନ କରିବାକୁ ଚାହାନ୍ତି, ସେମାନଙ୍କ ପାଇଁ ସୋମବାରଠାରୁ ପ୍ରକ୍ରିୟା ଆରମ୍ଭ ହେବ। ଅସଫଳ ହୋଇଥିବା କିମ୍ବା ନମ୍ବର ବଢ଼ାଇବାକୁ ଚାହୁଁଥିବା ପରୀକ୍ଷାର୍ଥୀମାନେ ମେ'୮ ରୁ ୧୮ ତାରିଖ ମଧ୍ୟରେ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଅନଲାଇନ୍‌ରେ ଫର୍ମ ପୂରଣ କରିପାରିବେ। ଏହି ପରୀକ୍ଷା ଜୁଲାଇ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ରିଚେକିଂ ପାଇଁ ବୋର୍ଡର ସ୍ୱତନ୍ତ୍ର ବ୍ୟବସ୍ଥା

### ସମସ୍ୟା ପାଇଁ ଜାରି ହେଲା ଟୋଲ୍-ଫ୍ରି ନମ୍ବର

ପରୀକ୍ଷାଫଳକୁ ନେଇ ସନ୍ତୁଷ୍ଟ ନଥିବା ଛାତ୍ରଛାତ୍ରୀଙ୍କ ପାଇଁ ବୋର୍ଡ ପକ୍ଷରୁ ରି-ଚେକିଂ ତଥା ପୁନଃମୂଲ୍ୟାଙ୍କନର ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। କୌଣସି ପରୀକ୍ଷାର୍ଥୀଙ୍କର ଯଦି କିଛି ସମସ୍ୟା କିମ୍ବା ଅଭିଯୋଗ ଥାଏ, ସେମାନେ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯିବାକୁ ଥିବା ଦୁଇଟି ଟୋଲ୍-ଫ୍ରି' ନମ୍ବରରେ ଯୋଗାଯୋଗ କରିପାରିବେ। ଏହି ନମ୍ବର ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜର ସମସ୍ୟା ସମ୍ପର୍କରେ ସୂଚନା ପାଇପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ଛାତ୍ରଛାତ୍ରୀମାନେ ସକାଳ ୧୦ଟାରୁ ଅପରାହ୍ଣ ୫ଟା ମଧ୍ୟରେ ଉକ୍ତ ନମ୍ବରରେ କଲ୍ କରି ନିଜର ସଂଶୟ ଦୂର କରିପାରିବେ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସମସ୍ତ ପ୍ରକାର ପରିସ୍ଥିତି ପାଇଁ ବୋର୍ଡ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ଶ୍ରୀ ତରାଇ ପ୍ରକାଶ କରିଛନ୍ତି।

ଗ୍ରେଡ୍ ଅନୁସାରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା

| ଗ୍ରେଡ | ପ୍ରତିଶତ (ପ୍ରାପ୍ତ ନମ୍ବର) | ପରୀକ୍ଷାର୍ଥୀଙ୍କ ସଂଖ୍ୟା |
|---|---|---|
| ଏ-୧ | ୯୦-୧୦୦% | ୨,୪୫୬ |
| ଏ-୨ | ୮୦-୮୯% | ୧୫,୬୮୧ |
| ବି-୧ | ୭୦-୭୯% | ୪୩,୫୬୫ |
| ବି-୨ | ୬୦-୬୯% | ୮୬,୧୦୩ |
| ସି | ୫୦-୫୯% | ୧,୨୯,୮୧୩ |
| ଡି | ୪୦-୪୯% | ୧,୪୬,୧୫୨ |
| ଇ | ୩୩-୩୯% | ୯୫,୪୮୧ |

## ସହାନୁଭୂତିଶୀଳ ହେଉ...

ତ୍ରୁଟି ପାଇଁ ତୁରନ୍ତ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ନବୀନ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ନବୀନ ଉଲ୍ଲେଖ କରି କହିଛନ୍ତି ଯେ କେନ୍ଦୁଝର ଜିଲ୍ଲା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମଲ୍ଲିପୋଷୀ ଶାଖାରେ ଗତ ଏପ୍ରିଲ ୨୭ ତାରିଖରେ ଘଟିଥିବା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଜଣେ ଆଦିବାସୀ ନାଗରିକ ଜିତୁ ମୁଣ୍ଡା ନିଜର ପ୍ରାପ୍ୟ ଟଙ୍କା ଉଠାଇବା ପାଇଁ ଭଉଣୀଙ୍କ ମୃତ୍ୟୁର ପ୍ରମାଣ ସ୍ୱରୂପ ତାଙ୍କର କଙ୍କାଳକୁ ଶ୍ମଶାନରୁ ଖୋଳି ବ୍ୟାଙ୍କକୁ ବୋହି ଆଣିବାକୁ ବାଧ ହୋଇଥିଲେ। ବ୍ୟାଙ୍କ ଅଧିକାରୀଙ୍କ ପାଖରୁ କୌଣସି ସହାୟତା କିମ୍ବା ସ୍ପଷ୍ଟ ସୂଚନା ନ ପାଇ ବାରମ୍ବାର ବ୍ୟାଙ୍କ ଦୌଡ଼ି ବିଫଳ ହେବା ପରେ ସେ ଏଭଳି ପଦକ୍ଷେପ ନେଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଅମାନୁଷିକ ଆଚରଣକୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିୟମାବଳୀର ଆଳ ଦେଖାଇ ଯଥାର୍ଥ ବୋଲି ଦର୍ଶାଇବାକୁ ଚେଷ୍ଟା କରୁଛନ୍ତି। ଏଥିରୁ ବ୍ୟାଙ୍କ ଅଧିକାରୀଙ୍କର ଏକ ବିଚିତ୍ର ମନୋଭାବ ସ୍ପଷ୍ଟ ହେଉଛି। ଯେଉଁଠି ସେମାନେ ନିୟମ ପଛରେ ଲୁଚି ରହି ସେହି ଲୋକମାନଙ୍କୁ ସେବା ଦେବାରୁ ପଛଘୁଞ୍ଚା ଦେଉଛନ୍ତି, ଯେଉଁମାନଙ୍କ ପାଇଁ ସେମାନେ ନିଯୁକ୍ତି ପାଇଛନ୍ତି।

ଗଣତନ୍ତ୍ରରେ ନିୟମଗୁଡ଼ିକ ନାଗରିକମାନଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ; ସେମାନଙ୍କୁ ଅପମାନିତ କରିବା ପାଇଁ ନୁହେଁ ବୋଲି ସୂଚାଇ ଦେଇ ନବୀନ କ୍ଷୋଭର ସହ କହିଛନ୍ତି ଯେ ଏହି ଅମାନବୀୟ ଘଟଣା ସମଗ୍ର ଓଡ଼ିଶାର ଜନସାଧାରଣଙ୍କ ମଧ୍ୟରେ ଆକ୍ରୋଶ ସୃଷ୍ଟି କରିବା ସହ ନ୍ୟୁୟର୍କ ପୋଷ୍ଟ ଏବଂ ବିବିସି ଭଳି ଅନ୍ତର୍ଜାତୀୟ ଗଣମାଧ୍ୟମର ମଧ୍ୟ ଦୃଷ୍ଟିଆକର୍ଷଣ କରିଛି। ନବୀନ କହିଛନ୍ତି ଯେ ଏପରି ଘଟଣା ଆମକୁ ଦୂରଦୂରାନ୍ତର ଆଦିବାସୀ ଅଞ୍ଚଳରେ ଏକ ମାନବିକ ବ୍ୟାଙ୍କିଙ୍ଗ ପ୍ରଶାସନ ବ୍ୟବସ୍ଥା ଗଢ଼ିବା ପାଇଁ ପ୍ରେରିତ କରୁଛି। ତେଣୁ ପ୍ରଥମ ପଦକ୍ଷେପ ସ୍ୱରୂପ ଏପରି ସ୍ତବ୍ଧ କରିଦେବା ଭଳି ତ୍ରୁଟି ପାଇଁ ତୁରନ୍ତ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ନବୀନ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରୁଛନ୍ତି। ଯାହା ସମସ୍ତ ଗ୍ରାମୀଣ ବ୍ୟାଙ୍କଗୁଡ଼ିକୁ ସହାନୁଭୂତିର ସହ ନାଗରିକ-କୈନ୍ଦ୍ରିକ ସେବା ପ୍ରଦାନ କରିବାକୁ ଏକ ସ୍ପଷ୍ଟ ସଂକେତ ଦେବ। ଏଥିସହ କେନ୍ଦ୍ରମନ୍ତ୍ରୀଙ୍କ ଏହି ପଦକ୍ଷେପ ନାଗରିକମାନଙ୍କ ପ୍ରତି ଏଭଳି ଅମାନୁଷିକ ବ୍ୟବହାର ଦେଶର ଅନ୍ୟ କୌଣସି ସ୍ଥାନରେ ପୁନରାବୃତ୍ତି ହେବ ନାହିଁ ବୋଲି ଚିଠିରେ ନବୀନ ଆଶାପ୍ରକାଶ କରିଛନ୍ତି।

## ପୁଣି ଘୁଞ୍ଚିଲା...

ତନ୍ମଧ୍ୟରୁ ୧୩, ୧୪ ଓ ୧୭ ନମ୍ବର ପ୍ରସଙ୍ଗ ଉପରେ ଦୀର୍ଘଦିନ ଧରି ଉଭୟ ରାଜ୍ୟ ମଧ୍ୟରେ ସହମତି ଆସିପାରୁ ନଥିଲା। ତେବେ ଗତ ଏପ୍ରିଲ ୨୪ ତାରିଖରେ ଉଭୟ ରାଜ୍ୟର ଯୁଗ୍ମ ବୈଷୟିକ କମିଟି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଆପୋସ ଆଲୋଚନା ଜରିଆରେ ୧୩, ୧୪ ଓ ୧୭ ବିନ୍ଦୁରେ ଥିବା ଅସହମତିକୁ ନେଇ ଉଭୟ ରାଜ୍ୟ ସହମତି ପ୍ରକାଶ କରିଥିଲେ। ଏହି ବୈଠକରେ ମଧ୍ୟ ଗତ ଏପ୍ରିଲ ୮ ତାରିଖ ଓ ୧୫ ତାରିଖ ତଥା ୨୦ ତାରିଖରେ ହୋଇଥିବା ଯୁଗ୍ମ ବୈଷୟିକ କମିଟି ବୈଠକର ବିବରଣୀକୁ ସ୍ଥାନିତ କରାଯାଇଥିଲା। ମହାନଦୀର ବାର୍ଷିକ ଜଳ ପ୍ରବାହ ତଥା ହୀରାକୁଦ ଉପରମୁଣ୍ଡରେ ଉପଲବ୍ଧ ଜଳରାଶିର ପରିମାଣ ସମ୍ବନ୍ଧୀୟ ଆଲୋଚନାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ୧୯୮୦-୮୧ରୁ ୨୦୧୮-୧୯ ପର୍ଯ୍ୟନ୍ତ ଅବଧିକୁ ଜଳ ପ୍ରବାହ ତଥ୍ୟର ମୂଳ ଆଧାର ଭାବେ ଗ୍ରହଣ କରାଯାଇ ଆଲୋଚନା ହୋଇଥିଲା । ମହାନଦୀ ଅବବାହିକାରେ ବିଭିନ୍ନ ସ୍ଥାନର ରାଜ୍ୟୱାରୀ ଜଳ ପ୍ରବାହ ସମ୍ବନ୍ଧୀୟ ତଥ୍ୟକୁ ମଧ୍ୟ ଆଲୋଚନାରେ ବିଚାରକୁ ନିଆଯାଇଥିଲା। ବୈଷୟିକ କମିଟିରେ ଉପନୀତ ତଥ୍ୟକୁ ଟ୍ରିବ୍ୟୁନାଲଙ୍କ ପାଖରେ ଦାଖଲ କରାଯାଇଛି। ଉଭୟ ରାଜ୍ୟର ଜଳ ସମ୍ପଦ ବିଭାଗ ଦାଖଲ କରିଥିବା ତଥ୍ୟ ଅନୁଯାୟୀ ବିବାଦୀୟ ବିନ୍ଦୁ ୧୩ରେ ମହାନଦୀର ଉପନଦୀ ଜୋଙ୍କ ଓ ପାଇରୀ ଉପ-ଅବବାହିକାରେ ପ୍ରବାହିତ ଜଳରାଶିକୁ ନେଇ ଉପୁଜିଥିବା ବିବାଦରେ ସହମତି ପ୍ରକାଶ ପାଇଛି। ସେହିପରି ବିବାଦୀୟ ବିନ୍ଦୁ ୧୪ରେ ଅନୁଯାୟୀ ମୌସୁମୀ ଓ ଅଣମୌସୁମୀ ଋତୁରେ ମହାନଦୀରେ କେତେ ଜଳରାଶି ଉପଲବ୍ଧ ହେଉଛି, ସେ ନେଇ ମଧ୍ୟ ବୈଠକରେ ସହମତି ପ୍ରକାଶ ପାଇଛି। ଅପରପକ୍ଷେ ବିନ୍ଦୁ ୧୩ ସହ ଜଡ଼ିତ ବିବାଦୀୟ ବିନ୍ଦୁ ୧୭ରେ ଦୁଇ ରାଜ୍ୟର ବିଭିନ୍ନ ଅବବାହିକାରୁ ମହାନଦୀକୁ ପ୍ରବାହିତ ହେଉଥିବା ଜଳ ପ୍ରତିଶତକୁ ନେଇ ଉଭୟ ପକ୍ଷ ରାଜି ହୋଇଥିଲେ। ଏହି ତିନି ବିବାଦୀୟ ବିନ୍ଦୁରେ ହୋଇଥିବା ସହମତି ନେଇ ଉଭୟ ରାଜ୍ୟ ପକ୍ଷରୁ ଟ୍ରିବ୍ୟୁନାଲରେ ସତ୍ୟପାଠ ଦାଖଲ କରାଯାଇଛି। ଏହି ତଥ୍ୟକୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଥିବା ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଛତିଶଗଡ଼ ଏବଂ ଓଡ଼ିଶା ଭିତରେ ଆପୋଷ ଆଲୋଚନା ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ବାଟ ଫିଟୁଛି। ଆଗାମୀ ଦିନରେ ଉଭୟ ରାଜ୍ୟ ମଧ୍ୟରେ ଜଳ ବଣ୍ଟନ ନେଇ ନିଷ୍ପତ୍ତି ନେବା କ୍ଷେତ୍ରରେ ଏହା ଟ୍ରିବ୍ୟୁନାଲଙ୍କ ପାଇଁ ବେଶ୍ ସହାୟକ ହେବ ଏବଂ ସମାଧାନର ସୂତ୍ର ବାହାରିବ। ଦୁଇ ରାଜ୍ୟର ବୈଷୟିକ ଟିମ ରାୟପୁର ଏବଂ ଭୁବନେଶ୍ୱରରେ ବୈଠକ କରି ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ବାରମ୍ବାର ତାଗିଦ ସତ୍ତ୍ୱେ ବାର୍ଷିକ ଜଳ ସଂଗ୍ରହ ତଥ୍ୟ ଦାଖଲ ନକରିବାରୁ ଗତ ମାସ ୨୦ ତାରିଖରେ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ ଟ୍ରିବ୍ୟୁନାଲ। ଏପରିକି ମେ ୨ ତାରିଖ ଶୁଣାଣିକୁ ଶେଷ ସୁଯୋଗ ଭାବେ ପ୍ରଦାନ କରିଥିଲେ ଟ୍ରିବ୍ୟୁନାଲ। ଯଦି ଉକ୍ତ ଦିନ ଉଭୟ ରାଜ୍ୟ ପକ୍ଷରୁ ତଥ୍ୟ ଦାଖଲ ନହୁଏ, ତାହେଲେ ଟ୍ରିବ୍ୟୁନାଲ ନିଜେ ଆଇନ ଅନୁଯାୟୀ ପଦକ୍ଷେପ ନେବେ ବୋଲି ରୋକଠୋକ୍ ଶୁଣାଇଥିଲେ।

## ଦ୍ୱିତୀୟ ସପ୍ତାହରେ...

ସମୟସୀମା କିଛିଟା ଘୁଞ୍ଚି ମେ ୧୧ ରୁ ୧୫ ମଧ୍ୟକୁ ଆସିଛି। ଏହାର ଅର୍ଥ ହେଉଛି ବାୟୁମଣ୍ଡଳରେ ଲଘୁଚାପ ସୃଷ୍ଟି ହେବା ପାଇଁ ଆବଶ୍ୟକ ଉପାଦାନଗୁଡ଼ିକ ଏକତ୍ରିତ ହେବାକୁ ଅଧିକ ସମୟ ନେଉଛନ୍ତି ବୋଲି ଡ. ପଶୁପାଳକ କହିଛନ୍ତି। ଅପରପକ୍ଷେ ବଙ୍ଗୋପସାଗରରେ ବାତ୍ୟା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ।

ଡ. ପଲୁପାଳକଙ୍କ ଅନୁଯାୟୀ ଜିଏଫଏସ ମଡେଲ ଅନୁଯାୟୀ ଏହା ଏବେ ମଧ୍ୟ ଏକ ଶକ୍ତିଶାଳୀ ବାତ୍ୟାର ଚିତ୍ର ଦେଖାଉଛି। ଏଜିଏଫଏସ ଅନୁସାରେ ବାୟୁମଣ୍ଡଳର ନିମ୍ନ ଭାଗରେ ଘୂର୍ଣ୍ଣନ ଶକ୍ତି ବୃଦ୍ଧି ପାଇବା, ଉଦ୍ଧ୍ୱର୍ଭାଗରେ ପବନର ଗତିର ପାର୍ଥକ୍ୟ କମିବା ଏବଂ ମଧ୍ୟ ଭାଗରେ ଆପେକ୍ଷିକ ଆଦ୍ରତା ୮୦ ପ୍ରତିଶତରୁ ଅଧିକ ରହିବା ଯୋଗୁଁ ବାତ୍ୟା ଘନୀଭୂତ ହେବାର ସମ୍ଭାବନା ଅଛି। ଏଥିସହ ସମୁଦ୍ରର ଉପରିଭାଗର ତାପମାତ୍ରା ୩୦-୩୧ ଡିଗ୍ରୀ ସେଲସିୟସ ରହିବା ଏକ ବଡ଼ ପରିବର୍ତ୍ତନ ଅଟେ। ଯଦି ପବନର ଗତି ଅନୁକୂଳ ରୁହେ, ତେବେ ଏହି ତାପମାତ୍ରା ଲଘୁଚାପକୁ ଅତି ଶୀଘ୍ର ବାତ୍ୟାରେ ପରିଣତ କରିବାର କ୍ଷମତା ରଖେ ବୋଲି ଡ. ପଶୁପାଳକ କହିଛନ୍ତି। ତେବେ ଇସିଏମଡବ୍ଲ୍ୟୁଏଫ୍ ମଡେଲର ଆକଳନ ଅନୁଯାୟୀ ଭାରତୀୟ ସ୍ଥଳଭାଗରୁ ଆସୁଥିବା ଶୁଷ୍କ ପବନ ବାତ୍ୟାର ଗତିରୋଧ କରିବ। ଫଳରେ ଏହା କେବଳ ଏକ ବର୍ଷା ପ୍ରଦାନକାରୀ ଲଘୁଚାପରେ ସୀମିତ ରହିପାରେ। ତେବେ ଡ. ପଶୁପାଳକ କହିଛନ୍ତି ଯେ ସମୁଦ୍ରରେ ଏବେ ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତ ଅଛି, କିନ୍ତୁ ବାୟୁମଣ୍ଡଳୀୟ ପରିସ୍ଥିତି ଏହାକୁ ସମର୍ଥନ କରିବ କି ନାହିଁ, ତାହା ଆସନ୍ତା ମେ ୬ ତାରିଖ ସୁଦ୍ଧା ସ୍ପଷ୍ଟ ହେବ। ମେ ୬ ତାରିଖ ସୁଦ୍ଧା ବାୟୁମଣ୍ଡଳର ଉପରି ଭାଗରେ ଥିବା ପବନର ପ୍ରତିକୂଳ ଅବସ୍ଥା କମୁଛି କି ନାହିଁ ଏବଂ ଏମଜେଓର ସକ୍ରିୟତା କେତେ ରହୁଛି, ତାହା ଉପରେ ନଜର ରଖିବାକୁ ପଡ଼ିବ ବୋଲି ସେ କହିଛନ୍ତି। ତେବେ ବାତ୍ୟା ହେଉ ଅଥବା ନହେଉ ମେ ୮ ତାରିଖରୁ ୧୫ ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ହ୍ରାସ ପାଇବ। ପୂର୍ବରୁ କେବଳ ଉପକୂଳ ଓଡ଼ିଶାରେ ପ୍ରଭାବ କଥା କୁହାଯାଉଥିଲା, କିନ୍ତୁ ନୂତନ ଆକଳନ ଅନୁସାରେ ଅନ୍ତରୀଣ ଓଡ଼ିଶାରେ ତାପମାତ୍ରା ୩ ରୁ ୫ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ବଢିଛି। ସେହିପରି ବଙ୍ଗୋପସାଗରରୁ ଆସୁଥିବା ଆଦ୍ର ପବନ ପ୍ରଭାବରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ କାଳବୈଶାଖୀର ମାତ୍ରା ବୃଦ୍ଧି ପାଇବା ସହ ବ୍ୟାପକ ବର୍ଷା ହୋଇପାରେ ବୋଲି ଡ. ପଶୁପାଳକ କହିଛନ୍ତି।

**OFFICE OF THE SUPERINTENDING ENGINEER
BOUDH (R&B) DIVISION, BOUDH
INVITION FOR BIDS (IFB)**
34001/150/2627
E-mail- eeboudhrb@gmail.com
Letter No. 2108 , Dated. 02.05.2026
**Cancellation of tender call Notice no. SE BDH-01/2026-27 dated 23.04.2026**
The tender invited vide Bid Identification No. SE BDH-01/2026-27 dated 23.04.2026 for Sl. No. 01 & 03 i.e., "Shifting of 11 KV HT & LT lines and sub-station for Construction of HL Bridge over Kukuteswar Nallah at Ch. 8/130 Km on Purunakatak-Dholpur road in the District of Boudh" & "Improvement of EI to ARCS office building at Boudh" is hereby canceled due to administrative reason.
Superintending Engineer,
Boudh (R&B) Division, Boudh
OIPR-34001/34134/1/26-27/0005

GOVT. OF ODISHA
Government of Odisha "e" procurement Notice
34001/147/2627
Bid Identification No. PWDK- 02/2026-27
No. G2/ 3936 Dt. 27.04.2026
e-mail : eepwdkeonjhar@yahoo.com

| | | |
|---|---|---|
| 1 | No. of the work :- | 01 No. Road Work, 3 Nos. Building Works and 19 Nos. Electrical Works. |
| 2 | Estimated cost :- | From Rs. 5.94 Lakh to Rs. 68.21 Lakh |
| 3 | Period of completion :- | From 01 (One) to 12 (Twelve) Calendar Month. |
| 4 | Date and Time of availability of Bid document in the portal:- | From 10.00 Hr 04.05.2026 to 17.00 HR of 18.05.2026 |
| 5 | Last date / Time for receipt of bids in the portal :- | 17.00 Hr of 18.05.2026. |
| 6 | Date of opening of Bid from Portal :- | 10.30 Hr of 19.05.2026. |
| 7 | Name and address of the officer inviting Bid :- | Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in"
Sd/-S.Mohanty
Superintending Engineer
Keonjhar (R&B) Division
OIPR-34001/34004/1/26-27/0001

13001/344/2627
WATCO
OFFICE OF THE GENERAL MANAGER,
WATCO DIVISION, CUTTACK.
Telephone/e-mail/FAX: 0671-2547115/gmwatcoctc@gmail.com
NATIONAL COMPETITIVE BIDDING THROUGH e-PROCUREMENT
Bid Identification No. GMWATCO (W)-02/2026-27 Dtd.28.04.2026
Name of the work:- Improvement of water supply to Mahanadi, Kathajodi & Birupa Residential Building and Clinical Blocks in connection with redevelopment of SCBMCH, Cuttack.

| | | |
|---|---|---|
| 1. | Estimated cost | Rs.43.31 Lakh (Approx.). |
| 2. | Period of completion | :- 3 (Three) months. |
| 3. | Date & time of availability of bid document in the portal | :- From 11 A.M of dt.02.05.2026 to 5.00 P.M. of dt.12.05.2026. |
| 4. | Last date / time of receipt of bids in the portal | :- 12.05.2026 up to 05.00 P.M. |
| 5. | Date & time of opening of bids | :- 13.05.2026 at 12.30 P.M. |
| 6. | Name and address of the Officer Inviting Bid | :- The General Manager, WATCO Division, Cuttack-753003, Odisha, Ph.(0671)2547115, email:gmwatcoctc@gmail.com |

7. The bidders have to participate in ONLINE bidding only.
Further details can be seen from the web site www.tendersodisha.gov.in
General Manager,
WATCO Division, Cuttack.
OIPR-13001/13170/1/26-27/0003

# ଅସରାଏ ବର୍ଷାରେ ଧୋଇଗଲା କେନାଲ ଲାଇନିଂ

- ପଦାରେ ପଡ଼ିଲା ଜଳସମ୍ପଦ ବିଭାଗର ବେପରୁଆ କାମ
- ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ



ନିଶ୍ଚିନ୍ତକୋଇଲି, ୨।୫(ସମିସ)

ରାଜ୍ୟରେ ଚାଷୀଙ୍କ ଜମିକୁ ସୁରୁଖୁରୁରେ ଜଳ ଯୋଗାଇବା ପାଇଁ ସରକାରୀସ୍ତରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ କେନାଲ ଗୁଡ଼ିକର କଂକ୍ରିଟ ଲାଇନିଂ କାର୍ଯ୍ୟ କରାଯାଉଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ନରେନ୍ଦ୍ରପୁର ଜଳସମ୍ପଦ ବିଭାଗ ଅଧୀନସ୍ଥ ଦାଉଦପୁର ପଞ୍ଚାୟତ ଗୋପୀନାଥପୁରଠାରେ ପୁଦାଳ ଶାଖା କେନାଲର ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ମାତ୍ର ୧୦ ଦିନ ତଳେ ଶେଷ ହୋଇଥିବା ଏହି ଲାଇନିଂ ଢଳେଇ କାର୍ଯ୍ୟ ସାମାନ୍ୟ କାଳବୈଶାଖୀ ବର୍ଷାରେ ତାସ ପତ୍ର ଭଳି ଧୋଇଯିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରାୟ ୬ କୋଟି ୫୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ଚାଲିଥିବା ଏହି ବୃହତ ପ୍ରକଳ୍ପରେ ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ନେଇ ଚାଷୀମାନେ ପୂର୍ବରୁ ଆଶଙ୍କା ପ୍ରକଟ କରୁଥିଲେ, ଯାହା ଏବେ ବାସ୍ତବ ରୂପ ନେଇଛି। ନିର୍ମାଣ କାର୍ଯ୍ୟରେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଏହି ଦୁର୍ନୀତିକୁ ଆହୁରି ସ୍ପଷ୍ଟ କରିଛି। ଅଭିଯୋଗ ଅନୁଯାୟୀ, କାର୍ଯ୍ୟ ଚାଲୁଥିବା ସମୟରେ କୌଣସି ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହି ତଦାରଖ କରିବା ପରିବର୍ତ୍ତେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଭରସାରେ ସମସ୍ତ କାର୍ଯ୍ୟ ଛାଡ଼ି ଦିଆଯାଇଥିଲା। ଫଳରେ ଠିକାଦାର ଓ ସମ୍ପୃକ୍ତ କର୍ମଚାରୀଙ୍କ ମଧ୍ୟରେ ସଲାସୁତରା ଯୋଗୁଁ ନିର୍ଦ୍ଧାରିତ ମାପଠାରୁ କମ୍ ମୋଟେଇର ଢଳେଇ ଦିଆଯାଇଥିଲା। ଗୁରୁବାର ସନ୍ଧ୍ୟାରେ ହୋଇଥିବା ବର୍ଷା ଯୋଗୁଁ କେନାଲର ଦୁଇ ପାର୍ଶ୍ୱରୁ କଂକ୍ରିଟ ସ୍ଲାବ୍ ଗୁଡ଼ିକ ଫାଟି ଖସି ପଡ଼ିବା ସହ ଅନେକ ସ୍ଥାନରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସରକାରୀ ଅନୁଦାନର ଏଭଳି ଅପବ୍ୟବହାର ଏବଂ ନିମ୍ନମାନର କାର୍ଯ୍ୟକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଏହି ଘଟଣା ପରେ ସ୍ଥାନୀୟ ଚାଷୀ କୁଳ ନିଜର ଭବିଷ୍ୟତକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ଯଦି ସାମାନ୍ୟ ବର୍ଷାରେ କେନାଲର ଅବସ୍ଥା ଏପରି ହୁଏ, ତେବେ ଜଳସେଚନ ସମୟରେ ଏହା କେତେଦୂର କାର୍ଯ୍ୟକ୍ଷମ ରହିବ ସେ ନେଇ ପ୍ରଶ୍ନ ଉଠିଛି। ଏହି ସମଗ୍ର ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ଠିକାଦାର ଓ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଅନ୍ୟପଟେ, ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ସେ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିବେ ଏବଂ ଯଦି କାର୍ଯ୍ୟ ତ୍ରୁଟିପୂର୍ଣ୍ଣ ଜଣାପଡ଼େ, ତେବେ ଠିକାଦାରଙ୍କ ଦ୍ୱାରା ପୁନର୍ବାର ନିର୍ମାଣ କରାଯିବ। ତେବେ ଏହି ପ୍ରତିଶ୍ରୁତି ଚାଷୀଙ୍କୁ କେତେଦୂର ଆଶ୍ୱସ୍ତ କରୁଛି, ତାହା ଦେଖିବାକୁ ବାକି ରହିଲା।

● ଓଟିଏମ କଲୋନୀ ଆମ୍ବିସନ କ୍ଲବରେ ଶ୍ରମିକ ଦିବସ

# ‘ଶ୍ରମିକମାନଙ୍କ ବିକାଶ ହୋଇପାରିଲେ ଦେଶର ବିକାଶ ସମ୍ଭବ’

ଚୌଦ୍ୱାର, ୨।୫(ସମିସ): ଚୌଦ୍ୱାର ଓଟିଏମ କଲୋନୀସ୍ଥିତ ଆମ୍ବିସନ କ୍ଲବରେ ୨୦ତମ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ଲବ ପରିସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତ ବନମାଳୀ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମକୁ ସମର୍ପିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ଶ୍ରମିକଙ୍କ ବିକାଶ ହୋଇପାରିଲେ ଦେଶର ବିକାଶ ସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ। ସେ ପୁଣି କହିଥିଲେ ଯେ, ଶ୍ରମିକ କଲୋନୀରେ ବସବାସ କରୁଥିବା ଶ୍ରମିକଙ୍କ ନାର୍ଯ୍ୟ ଅଧିକାର ପାଇଁ ସେ ସର୍ବଦା ଉଦ୍ୟମ ଜାରି ରଖିଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ଟେଟ୍ରାହେଡେନ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ମ୍ୟାନେଜିଂ ନିର୍ଦ୍ଦେଶକ ତ୍ରିଦେବ ବେହେରା ଯୋଗଦେଇ ଦେଶ ଗଠନରେ ଶ୍ରମିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିବା ସହ ଶ୍ରମିକ କଲୋନୀରେ ବସବାସ କରୁଥିବା ଗରିବ ପରିବାରର ପିଲାମାନଙ୍କୁ ନିଶୁଳ୍କ ଶିକ୍ଷା କ୍ଷେତ୍ରରେ ସହଯୋଗ ଯୋଗାଇଦେବେ ବୋଲି ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଯୋଗଦେଇ ଏହି ଶ୍ରମିକମାନେ ଏକଦା ସମଗ୍ର ଏସିଆ ମହାଦେଶରେ ଓଟିଏମ ସଂସ୍ଥା ଜରିଆରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଥିଲେ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ କାଉନସିଲର ଦିଲ୍ଲୀପ ସାହୁ, ସୁବ୍ରତ ସାମଲ, ପୂର୍ବତନ କାଉନସିଲର ମନୋଜ ମହାନ୍ତି, ସମାଜସେବୀ ରାକେଶ ପଣ୍ଡା, ଆଇନଜୀବୀ ସରିତା ଦାସ, ଶୁଭ୍ରାଂଶୁ ଭୂଷଣ ସାହୁ ପ୍ରମୁଖ ଯୋଗଦେଇ ଶ୍ରମିକ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଆମ୍ବିସନ କ୍ଲବ ପକ୍ଷରୁ ସଭାପତି ଅମିତ ବେଉରା, ସମ୍ପାଦକ ବିଶ୍ୱଜିତ ଭଞ୍ଜ, ପ୍ରଶାନ୍ତ ଜେନା, ଜି. ପ୍ରସାଦ,



ରଞ୍ଜିତ ସାହୁ, ଦେବାଶିଷ ରାଉତ, ଜୟନ୍ତ ଲେଙ୍କା, ବେଣୁଧର ପରିଡ଼ା, ଶ୍ରୀକାନ୍ତ ମହାନ୍ତି, ହିମାଂଶୁ ସ୍ୱାଇଁ, ଅରୁଣ ଲେଙ୍କା, ରଶ୍ମିରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଓଟିଏମ ଶ୍ରମିକ କଲୋନୀର ବାସିନ୍ଦା ତଥା ନ୍ୟୁରୋ ସର୍ଜନ ଡାକ୍ତର ଅକ୍ଷୟ ବେହେରା, କୁଜିବର ଗ୍ରାମର ସମାଜସେବୀ ମା’ ଯଶୋଦା ଭଞ୍ଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁର ସ୍ନେହା ସଙ୍ଗୀତ ଗ୍ରୁପ ଦ୍ୱାରା ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ଓଟିଏମ ଶ୍ରମିକ କଲୋନୀର ସ୍ୱାର୍ଥ ପାଇଁ ଆମ୍ବିସନ କ୍ଲବ ବିଭିନ୍ନ ଜନହିତକର କାମ କରିବ ବୋଲି କ୍ଲବ ସମ୍ପାଦକ ଶ୍ରୀ ଭଞ୍ଜ ପ୍ରକାଶ କରିଛନ୍ତି।

## ୫ ଲକ୍ଷ ଟଙ୍କାର ବ୍ରାଉନସୁଗର ସହ ଦମ୍ପତି ଗିରଫ

ନିଆଳି, ୨।୫(ସମିସ): ନିଆଳି ପୁଲିସ କସର୍ଦା ପତ୍ରକଣା ଗ୍ରାମର ମହାନ୍ତି ସାହିରେ ଚଢ଼ଉ କରି ପ୍ରାୟ ୫ ଲକ୍ଷ ଟଙ୍କାର ବ୍ରାଉନସୁଗର ସହ ଜଣେ ଦମ୍ପତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଧବ ମହାନ୍ତି (୫୨) ଓ ତାଙ୍କ ପତ୍ନୀ ନିକିତା ମହାନ୍ତି (୪୪)। ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ଓ ଏସଆଇ ଅମ୍ବିକା ପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ଟିମ୍ ଉକ୍ତ ଦମ୍ପତିଙ୍କ ଘରେ ଚଢ଼ଉ କରି ୪୬ ଗ୍ରାମର ବ୍ରାଉନସୁଗାର ଏବଂ ନଗଦ ୧ ଲକ୍ଷ ୮ ୯ ହଜାର ୮୨୦ ଟଙ୍କା ଜବତ କରିଥିଲେ। ଏ ସମ୍ପର୍କରେ ସଦର ଏସଡିପିଓ ବିଜୟ କୁମାର ମଲ୍ଲିକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯିବ।

● ଟିଗିରିଆ ପୁଲିସକୁ ବଡ଼ ସଫଳତା

## ୫ ଜଣିଆ ଛିନତାଇ ଗ୍ୟାଙ୍ଗ ଗିରଫ

ଟିଗିରିଆ, ୨।୫(ସମିସ): ଟିଗିରିଆ ଥାନା ଅଞ୍ଚଳରେ ବିଭିନ୍ନ ମେଳା ଓ ମହୋତ୍ସବର ସୁଯୋଗ ନେଇ ଚୋରି ଓ ଛିନତାଇ କରୁଥିବା ଏକ ୫ ଜଣିଆ ଆନ୍ତଃଜିଲ୍ଲା ଚୋର ଗ୍ୟାଙ୍ଗକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୂଆପାଟଣା ଅଞ୍ଚଳର ଗ୍ୟାଙ୍ଗ ମୁଖ୍ୟ ଅନିଲ ଦାସ (୨୪), ଫୁଲନଖରାର ରାଜୁ ଦାସ (୨୦), କନ୍ଦରପୁରର ମାନସ ଦାସ (୩୦), ମାହାଙ୍ଗାର ବାପି ଦାସ (୨୩) ଏବଂ ପୁରୀ ଡେଲାଙ୍ଗ



ଅଞ୍ଚଳର କୈଳାସ ଦାସ। ଶୁକ୍ରବାର ନୂଆପାଟଣା ମା’ କଳାପାଟ ମନ୍ଦିର ପ୍ରାଙ୍ଗଣରେ ଜନ୍ତାଳ ଭୋଜି ସମୟରେ ହୋଇଥିବା ଭିଡ଼ର ସୁଯୋଗ ନେଇ ଏହି ଦୁର୍ବୃତ୍ତମାନେ ଦୁଇ ଜଣ ଯୁବତୀଙ୍କ ବେକରୁ ସୁନା ଚେନ୍ ଓ ଲକେଟ୍ ଛିନତାଇ କରି ନେଇଥିଲେ। ଅଭିଯୋଗ ପାଇବା ପରେ ଥାନା ଆଇଆଇସି ରମାକାନ୍ତ ନାୟକଙ୍କ ନେତୃତ୍ୱରେ ପୁଲିସ ତଦନ୍ତ କରି ପ୍ରଥମେ ମୁଖ୍ୟ ଅଭିଯୁକ୍ତ ଅନୀଲକୁ କାବୁ କରିଥିଲା ଏବଂ ତା’ଠାରୁ ମିଳିଥିବା ସୂଚନା ଆଧାରରେ ଅନ୍ୟ ସହଯୋଗୀମାନଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ସୁନା ଚେନ୍, ଲକେଟ୍, ୪ଟି ସୁନା ପାତି, ୩ଟି ମୋବାଇଲ୍ ଏବଂ ଗୋଟିଏ ପଲସର ବାଇକ୍ ଜବତ କରାଯାଇଛି। ଗିରଫ ଚୋରମାନଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଏକାଧିକ ଅପରାଧିକ ମାମଲା ରହିଥିବା ଆଇଆଇସି ଶ୍ରୀ ନାୟକ ସୂଚନା ଦେଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

## ବିଦ୍ୟୁତ ସେବା ବ୍ୟାହତ ପ୍ରତିବାଦରେ ରାସ୍ତାରୋକ



ନରସିଂହପୁର, ୨।୫(ସମିସ): ନରସିଂହପୁର ଅଞ୍ଚଳରେ ଗତ ଗୁରୁବାର ଘଟିଥିବା କାଳବୈଶାଖୀ ଝଡ଼ରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ବିଦ୍ୟୁତ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଶେଷ କରି ସରଧାପୁର ପଞ୍ଚାୟତରେ ତିନି ଦିନ ବିତିଥିଲେ ମଧ୍ୟ ବିଦ୍ୟୁତ ସେବା ସ୍ୱାଭାବିକ ହୋଇପାରି ନ ଥିବାରୁ ଶନିବାର ଗ୍ରାମବାସୀମାନେ ନରସିଂହପୁର-କମଳାଡିହ ମୁଖ୍ୟରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଥିଲେ। ଖବର ପାଇ ଯୋଡ଼ମ୍ବ ପୁଲିସ ଓ ବିଦ୍ୟୁତ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ବିଦ୍ୟୁତ ସଂଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ସୂଚନାଯୋଗ୍ୟ ଯେ, ଝଡ଼ ତୋଫାନ ଯୋଗୁଁ ବହୁ ବିଦ୍ୟୁତ ଖୁଣ୍ଟ ଓ ତାର ଛିଣ୍ଡି ଯାଇଥିବା ବେଳେ ବିଭାଗୀୟ କର୍ମଚାରୀମାନେ ମରାମତି କାର୍ଯ୍ୟ ଜାରି ରଖିଛନ୍ତି। ମାତ୍ର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ବିଦ୍ୟୁତ ସେବା ବିଳମ୍ବ ହେଉଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୁଲିସର ହସ୍ତକ୍ଷେପ ପରେ ବର୍ତ୍ତମାନ ପରିସ୍ଥିତି ସ୍ୱାଭାବିକ ରହିଛି।

## ଇମ୍ଫାରେ ଶ୍ରମିକ ଦିବସ

ଚୌଦ୍ୱାର, ୨।୫(ସମିସ): ସ୍ଥାନୀୟ ଇମ୍ଫା ଶ୍ରମିକ ପ୍ରତିନିଧି ମଣ୍ଡଳି ତରଫରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଗୌଖାନାସ୍ଥିତ ଇମ୍ଫା କଲୋନୀ ପରିସରରେ ଆୟୋଜିତ ଏହି ଉତ୍ସବରେ କାରଖାନାର ବରିଷ୍ଠ ଉପସଭାପତି ବିନୟ କୁମାର ଅଗ୍ରୱାଲ, ଶ୍ରମିକ ପ୍ରତିନିଧି ମଣ୍ଡଳି ସଦସ୍ୟ ସୁଶାନ୍ତ ନାୟକ ଓ ଡିଜିଏମ (ଏଚ୍‌ଆର) ନିରଞ୍ଜନ ସାହୁ ଅତିଥିଭାବେ ଯୋଗଦେଇ ଶ୍ରମିକ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା



ସହିତ ଶ୍ରମିକ ଓ କମ୍ପାନୀ ମାଲିକ ମଧ୍ୟରେ ଉତ୍ତମ ବୁଝାମଣା ଓ ସୁସମ୍ପର୍କ ରହିଲେ ଉଭୟ ଶିଳ୍ପ ସଂସ୍ଥା ଓ ଏହାର ଶ୍ରମିକ ଲାଭବାନ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବହୁ କର୍ମଚାରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ କ୍ଲବ୍ ପରିସରରେ ଆୟୋଜିତ ମୀନାବଜାର ସହିତ ମେଲୋଡି କାର୍ଯ୍ୟକ୍ରମକୁ ଶମିକ ଓ ସେମାନଙ୍କ ପରିବାର ବର୍ଗ ଓ ସ୍ଥାନୀୟ ଜନସାଧାରଣ ମନଭରି ଉପଭୋଗ କରିଥିଲେ। ଇମ୍ଫାର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆ, ଅଭିଷେକ ଘୋଷ ଏବଂ ଅଧିକାରୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଠଗଡ଼ର ବିଭିନ୍ନ ଶିଳ୍ପାନୁଷ୍ଠାନରେ ଶ୍ରମିକ ଦିବସ




ଆଠଗଡ଼, ୨।୫(ସମିସ): ଆନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ ହିନ୍ଦ୍ ମଜଦୂର ସଭା (ଏଚ୍.ଏମ୍.ଏସ୍) ଶ୍ରମିକ ସଂଗଠନ ପକ୍ଷରୁ ଆଠଗଡ଼ ବ୍ଲକର ବିଭିନ୍ନ ଶିଳ୍ପାଞ୍ଚଳରେ ବ୍ୟାପକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ବିଧାୟକ ତଥା ଏଚ୍.ଏମ୍.ଏସ୍ ର ରାଜ୍ୟ କାର୍ଯ୍ୟକାରୀ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୋଗରା ସ୍ଥିତ ସୁପ୍ରିମ ପାଇପ୍ କାରଖାନା ସମେତ ବି.କେ ଷ୍ଟିଲ୍, ଅଲଟ୍ରାଟେକ୍ ସିମେଣ୍ଟ, ଶ୍ରୀ ସିମେଣ୍ଟ, ଜେକେ ଲକ୍ଷ୍ମୀ ସିମେଣ୍ଟ ଓ ଆରତୀ ଷ୍ଟିଲ୍ ପ୍ରଭୃତି କାରଖାନା ସମ୍ମୁଖରେ ପତାକା ଉତ୍ତୋଳନ କରିଥିଲେ। ପରେ ଖୁଣ୍ଟୁଣୀ ସ୍ଥିତ ଟାଟା ଷ୍ଟିଲ୍ ଫେରୋ ଲିମିଟେଡ୍ ସମ୍ମୁଖ ଷ୍ଟାଡିୟମଠାରେ ଶ୍ରମିକ ନେତା ଶକ୍ତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବିଶାଳ ଶ୍ରମିକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଧାୟକ ଶ୍ରୀ ସ୍ୱାଇଁଙ୍କ ସମେତ ସିଟୁ ନେତା ରବି ନାରାୟଣ ମଲ୍ଲିକ ଏବଂ ଏଆଇଟିୟୁସି ସମ୍ପାଦକ ଅମରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତିକୁ କଡ଼ା ସମାଲୋଚନା କରିଥିଲେ। ପୁରୁଣା ଶ୍ରମ ଆଇନର ପୁନଃ ପ୍ରଚଳନ, ନୂତନ ଶ୍ରମ କୋଡ୍ ପ୍ରତ୍ୟାହାର ଏବଂ ଚାଷ ଜମି ପାଇଁ ପ୍ରି-ପେଡ୍ ବିଦ୍ୟୁତ ଆଇନ ବିରୁଦ୍ଧରେ ସଂଗ୍ରାମ ଜାରି ରଖିବାକୁ ଏହି ଅବସରରେ ଶ୍ରମିକଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘଙ୍କ ସମେତ ବହୁ ଶ୍ରମିକ ନେତା ଓ କର୍ମଚାରୀ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

## ‘ସାହିତ୍ୟ ସ୍ୱର୍ଶ ଆୱାର୍ଡ’ ପାଇବେ ସ୍ମୃତିରଞ୍ଜନ

ନିଶ୍ଚିନ୍ତକୋଇଲି, ୨।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଫତେପୁର ଗ୍ରାମର କୃତୀ ସନ୍ତାନ ତଥା ଆନ୍ତର୍ଜାତିକସ୍ତରର ବିଶେଷଜ୍ଞ ଡ. ସ୍ମୃତିରଞ୍ଜନ ନାୟକଙ୍କୁ ଏସିଆ ମହାଦେଶର ଅନ୍ୟତମ ପ୍ରତିଷ୍ଠିତ ‘ସାହିତ୍ୟ ସ୍ୱର୍ଶ ଆୱାର୍ଡ’ ପାଇଁ ମନୋନୀତ କରାଯାଇଛି। ତାଙ୍କ ଦ୍ୱାରା ରଚିତ ବହୁ ଚର୍ଚ୍ଚିତ ପୁସ୍ତକ ‘ବ୍ୟାଟେଲ ଫିଲ୍ଡ ଟୁ ବୋର୍ଡରୁମ୍’ ଏବଂ ‘ଆନ୍ସିଏଣ୍ଟ ୱିଜଡମ୍ ଫର ମଡର୍ଣ୍ଣ ଲିଡରସିପ୍’ ପାଇଁ



ସେ ଏହି ବିଶ୍ୱସ୍ତରୀୟ ମାନ୍ୟତା ପାଇବାକୁ ଯାଉଛନ୍ତି। ଏହି ପୁସ୍ତକ ଦ୍ୱୟରେ ଶ୍ରୀମଦ୍ ଭଗବତ୍ ଗୀତାର ଶାଶ୍ୱତ ଜ୍ଞାନକୁ ଆଧୁନିକ କର୍ପୋରେଟ୍ ନେତୃତ୍ୱ କୌଶଳ ସହ ନିଖୁଣ ଭାବେ ଯୋଡ଼ାଯାଇଛି, ଯାହା ପାଠକ ମହଲରେ ବେଶ୍ ଆଦୃତ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ବୀରବର ନାୟକ ଓ ଶାନ୍ତିଲତା ନାୟକଙ୍କ ପୁତ୍ର ଡ. ନାୟକ ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟରୁ ପ୍ରାରମ୍ଭିକ ଶିକ୍ଷା ଶେଷ କରିବା ପରେ ବିଶ୍ୱର ପ୍ରତିଷ୍ଠିତ ଅକ୍ସଫୋର୍ଡ ଓ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ଲାଭ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ବର୍ତ୍ତମାନ ସେ ଲଣ୍ଡନରେ ଜଣେ କର୍ପୋରେଟ୍ ବିଶେଷଜ୍ଞ ଭାବେ କାର୍ଯ୍ୟରତ ରହିବା ସହ ସାହିତ୍ୟ ସାଧନା ଜାରି ରଖିଛନ୍ତି। ଏହି ସଫଳତା ପାଇଁ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଚିତ୍ରୋତ୍ପଳା ନଦୀ ପଠାରେ ହରିଣ ଛୁଆ

ସାଲେପୁର, ୨।୫(ସମିସ): ଆଜି ସାଲେପୁର କଲେଜ ନିକଟ ବାଲିସାହି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ହରିଣ ଛୁଆ ଦେଖିବାକୁ ମିଳିଥିଲା। ଏହି ହରିଣ ଛୁଆଟି ପ୍ରଥମେ ଚିତ୍ରୋତ୍ପଳା ନଦୀ ପଠାରେ ଥିବା ବ୍ରହ୍ମବଣ ନିକଟରୁ ବାହାରିଥିବାବେଳେ ସ୍ଥାନୀୟ ଲୋକେ ତାକୁ ଧରିବାକୁ ଉଦ୍ୟମ କରିବାରୁ ସେ ଡେଇଁ ଡେଇଁ ସାଲେପୁର କଲେଜ ନିକଟ ବାଲିସାହି ପଞ୍ଚାୟତ ନିକଟରେ ଥିବା ଗଛବୁଦା ମଧ୍ୟରେ ପଶିଯାଇଥିଲା। ସେଠାରେ ବୁଲା କୁକୁର ସମ୍ପୃକ୍ତ ହରିଣ ଛୁଆଟିକୁ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ହରିଣକୁ ଧରି ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ହରିଣ ଛୁଆଟି ଚିତ୍ରୋତ୍ପଳା ନଦୀ ପଠାକୁ ଫେରିଯାଇଥିଲା।



# ମାଟ୍ରିକ ପରୀକ୍ଷାରେ କଟକ ଜିଲ୍ଲାକୁ ଆଶାତୀତ ସଫଳତା

● ଟିଗିରିଆ ବ୍ଲକ ଟପ୍ପର ହେଲେ ପ୍ରିୟାଂଶୀ



ଟିଗିରିଆ, ୨।୫(ସମିସ): ଶନିବାର ପ୍ରକାଶିତ ମେଟ୍ରିକ ପରୀକ୍ଷା ଫଳରେ ଟିଗିରିଆ ବ୍ଲକର ସଫଳତା ହାର ୯୬.୮୫ ପ୍ରତିଶତ ରହିଥିବା ବେଳେ ବ୍ଲକର ୭ ଜଣ ଛାତ୍ରଛାତ୍ରୀ ‘ଏ-୧’ ଗ୍ରେଡରେ କୃତିତ୍ୱ ହାସଲ କରିଛନ୍ତି। ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାପୀଠର ଛାତ୍ରୀ ପ୍ରିୟାଂଶୀ ପ୍ରିୟଦର୍ଶିନୀ ମୋଟ ୫୫୯ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ଅର୍ଜୁନ ସୁବୁଦ୍ଧି ବିଦ୍ୟାପୀଠର ରିତିକା ଜ୍ୟୋତିପ୍ରଭା (୫୪୨), ବିନ୍ଧାଣିମା ବାଳିକା ବିଦ୍ୟାଳୟର ଅଙ୍କିତା ସାହୁ (୫୪୯) ଓ ପ୍ରତୀକ୍ଷା ପ୍ରିୟଦର୍ଶିନୀ (୫୪୦), ଗଦାଧରପୁର ନୋଡାଲ ହାଇସ୍କୁଲର ପ୍ରଭଞ୍ଜନ ନାୟକ (୫୪୦), ତିନିଗଡ଼ ନୋଡାଲ ବିଦ୍ୟାପୀଠର ସଲୋନୀ ପ୍ରିୟଦର୍ଶିନୀ ସ୍ୱାଇଁ (୫୪୦) ଏବଂ ଏସ୍ କୁନାଲ ନାୟକ (୫୪୦) ‘ଏ-୧’ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବ୍ଲକ ଶିକ୍ଷା ବିଭାଗର ସୂଚନା ଅନୁଯାୟୀ, ଚଳିତ ବର୍ଷ ବ୍ଲକରେ ମୋଟ ୮୨୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୦୦ ଜଣ କୃତକାର୍ଯ୍ୟ ହୋଇଛନ୍ତି। ‘ଏ-୨’ ଗ୍ରେଡରେ ୪୩ ଜଣ ଏବଂ ‘ବି-୧’ ଗ୍ରେଡରେ ୯୧ ଜଣ ଛାତ୍ରଛାତ୍ରୀ ସଫଳତା ପାଇଛନ୍ତି। କୃତିତ୍ୱ ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଟିଗିରିଆ ଶିକ୍ଷା ବିଭାଗ ଏବଂ ସମ୍ପୃକ୍ତ ବିଦ୍ୟାଳୟ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ସଫଳତା ପାଇଥିବା ୭ ଜଣ ଶୀର୍ଷ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୫ ଜଣ ଛାତ୍ରୀ ରହିଥିବା ବେଳେ ୨ ଜଣ ଛାତ୍ର ରହିଛନ୍ତି।

● ସାଲେପୁର ବ୍ଲକରେ ଏ-୧ରେ ୨୨ ଜଣ ଉତ୍ତୀର୍ଣ୍ଣ

ସାଲେପୁର, ୨।୫(ସମିସ): ଚଳିତ ବର୍ଷ ମାଟ୍ରିକ୍ ବୋର୍ଡ ପରୀକ୍ଷାରେ ସାଲେପୁର ବ୍ଲକର ୨୨ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାଯାଇଛି। ସେଥି ମଧ୍ୟରୁ ଆର୍ଯ୍ୟ ପ୍ରୀତମ୍ ସ୍ୱାଇଁ ୫୭୮ ନମ୍ବର ରଖି ବ୍ଲକର ଟପ୍ପର ହୋଇଥିବା ଜଣାଯାଇଛି। ଏଥି ମଧ୍ୟରୁ ୩ ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବାବେଳେ ଅବଶିଷ୍ଟ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ରଖିଥିବା ଜଣାଯାଇଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୮ଜଣ ଛାତ୍ରଛାତ୍ରୀ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ବିଦ୍ୟାଳୟର ଛାତ୍ର ଆର୍ଯ୍ୟ ପ୍ରୀତମ୍ ସ୍ୱାଇଁ ୫୭୮, ପ୍ରଜ୍ଞାନ ବେହେରା ୫୭୩, ପ୍ରାଚୀ ପୂଣ୍ୟତୋୟା ଷଡ଼ଙ୍ଗୀ ୫୭୨, ରାଜଶ୍ରୀ ମହାପାତ୍ର ୫୬୩, ପ୍ରଜ୍ଞାସ୍ମିତା ରାଉତ ୫୬୨, ସ୍ୱପ୍ନଜିତ୍ ଦାଶ ୫୬୨, ପ୍ରଥମେଶ ସାହୁ ୫୫୪, ସାଇସ୍ମିତା ପୁହାଣ ୫୪୯, ସେହିପରି ବହୁଗ୍ରାମ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଂଗ୍ରାମ କେଶରୀ ପୁହାଣ ୫୪୯, ନିତ୍ୟ ପ୍ରସାଦ ରାଉତ ୫୪୯, ଇତିସ୍ମିତା ରାଉତରାୟ ୫୪୭ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗୋପିନାଥପୁରର ଛାତ୍ର କମଳେଶ ଦାଶ ୫୫୭, ଦୁର୍ଗାଶ୍ରୀ ସାହୁ ୫୪୫, ସୌଭାଗ୍ୟ ରଞ୍ଜନ ଦାଶ ୫୪୧, ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ୫୪୦ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ସରକାରୀ ହାଇସ୍କୁଲ ମଧ୍ୟରେ ଏକ୍ରାମ ରସୁଲ ହାଇସ୍କୁଲ ରାଇସୁଙ୍ଗୁଡ଼ାର ଛାତ୍ରୀ ନିର୍ମଳା ଦାସ ୫୪୦ନମ୍ବର, ସାଲେପୁର ପିଏମ୍‌ଶ୍ରୀ ହାଇସ୍କୁଲର ଛାତ୍ରୀ ରଶ୍ମିରେଖା ପ୍ରହରାଜ



୫୪୦ ନମ୍ବର, ବଟଗୋସ୍ୱାମୀ ଉଚ୍ଚ ବିଦ୍ୟାଳୟ ବାସୁଦେବପୁରର ଛାତ୍ର ରୁଦ୍ରାକ୍ଷ ରାଉତରାୟ ୫୪୦ନମ୍ବର, କଲ୍ୟାଣପୁର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅର୍ଚ୍ଚିତା ପ୍ରିୟଦର୍ଶିନୀ ଖଟୋଇ ୫୫୬, ଶୁଭଶ୍ରୀ ପ୍ରିୟଦର୍ଶିନୀ ନାୟକ ୫୪୨, ଜାଗୁଳାଇ ବାଳିକା ଉଚ୍ଚ ବିଦ୍ୟାଳୟ, ମାଣିତ୍ରୀର ଛାତ୍ରୀ ଶୁଭଲକ୍ଷ୍ମୀ ଶତପଥି ୫୪୦, ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ, କଟରପାର ଛାତ୍ରୀ ଲକ୍ଷ୍ମୀପ୍ରିୟା ବେହେରା ୫୫୦ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷ ସାଲେପୁର ବ୍ଲକରେ ମୋଟ୍ ୨୨ଜଣ ଏ-୧ ଛାତ୍ରଛାତ୍ରୀ ମଧ୍ୟରୁ ୧୫ଜଣ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ହୋଇଥିବାବେଳେ ୫ଜଣ ସରକାରୀ ହାଇସ୍କୁଲର ଛାତ୍ରଛାତ୍ରୀମାନେ ଥିବା ଜଣାଯାଇଛି।

● ମାହାଙ୍ଗାରେ ୯୮.୧୨ ପ୍ରତିଶତ ପାସ୍ ହାର

ମାହାଙ୍ଗା, ୨।୫(ସମିସ): ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ମାହାଙ୍ଗା ବ୍ଲକରେ ୨୨୫୦ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉତ୍ତୀର୍ଣ୍ଣ ହାର ୯୮.୧୨ ପ୍ରତିଶତ ହୋଇଥିଲା ବେଳେ ମାହାଙ୍ଗା ବ୍ଲକ ଟପ୍ପର ଭାବେ ହଳଦିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଜନ୍ମେଜୟ ମହାନ୍ତି ୫୮୩, ୨ୟ ସ୍ଥାନରେ ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱରର ଦିବ୍ୟରାଜ ନାୟକ ୫୬୦ ଓ ୩ୟ ସ୍ଥାନରେ ରଘୁନାଥଜୀୟୁ ପଞ୍ଚାୟତ ବିଦ୍ୟାପୀଠ ବ୍ରାହ୍ମଣ ମଣିଜୋରୀ ସାହିଲ୍ ରଞ୍ଜନ ଓଝା ୫୪୯ ନମ୍ବର ରଖିଥିବା ଜଣାଯାଇଛି। ଚଳିତ ବର୍ଷ ଏହି ବ୍ଲକ ଅଞ୍ଚଳରେ ମୋଟ ୨୨୯୩ ଜଣ ଛାତ୍ରଛାତ୍ରୀ ଦଶମ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ଏ-୧ ଶ୍ରେଣୀରେ ୧୪ ଜଣ, ଏ-୨ ଶ୍ରେଣୀରେ ୭୯ ଜଣ, ବି-୧ରେ ୨୦୯ ଜଣ, ବି-୨ରେ ୪୪୧ ଜଣ, ସି ଶ୍ରେଣୀରେ ୫୯୬ ଜଣ, ଡି ଶ୍ରେଣୀରେ ୬୧୫ ଜଣ, ଇ ଶ୍ରେଣୀରେ ୨୯୬ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିଲା ବେଳେ ମାତ୍ର ୪୩ ଜଣ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହୋଇଥିବା ଜଣାଯାଇଛି। ମାହାଙ୍ଗା ବ୍ଲକ ଅଞ୍ଚଳରେ ୫୧ଟି ବିଦ୍ୟାଳୟ ମଧ୍ୟରୁ ୨୭ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଶତପ୍ରତିଶତ ସଫଳତା ପାଇଥିବା ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରୁ ପ୍ରକାଶ।

● ଟାଙ୍ଗୀ-ଚୌଦ୍ୱାରରେ ୧୦ଜଣ ଏ-୧ରେ ଉତ୍ତୀର୍ଣ୍ଣ

ଟାଙ୍ଗୀ, ୨।୫(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଘୋଷିତ ଫଳାଫଳ ଅନୁଯାୟୀ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶିକ୍ଷାମଣ୍ଡଳ ଅଧୀନରେ ୧୦ ଜଣ ବିଦ୍ୟାର୍ଥୀ ୯୦ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ସ୍ଥାନ ଅର୍ଜନ କରିଛନ୍ତି। ଶାଳଗାଁ ଓ ନଖରା ପଞ୍ଚାୟତ ଅନ୍ତର୍ଗତ ସାଧୁସୁନ୍ଦର ବିଦ୍ୟାପୀଠ ଛାତ୍ର ଶୁଭାଶୀଷ ମହାନ୍ତି ୫୬୬ ନମ୍ବର ରଖି ବ୍ଲକ ଅଞ୍ଚଳରେ ଟପ୍ପର ହୋଇଥିବା ବେଳେ ଉକ୍ତ ବିଦ୍ୟାଳୟର ଅନ୍ୟତମ ଛାତ୍ରୀ ପ୍ରିୟଦର୍ଶିନୀ ସ୍ୱାଇଁ ୫୬୩ ନମ୍ବର ରଖି ୨ୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଭଟିମୁଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟର ବାଦଲ ସାହୁ ୫୪୦ ଓ ରୀତିକା ସାହୁ ୫୪୦, ଓଟିଏମ୍ ଉଚ୍ଚ ବିଦ୍ୟାଳୟର ପ୍ରିୟା ସାହୁ ୫୫୩, କଖଡ଼ି ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଶୁଭଲକ୍ଷ୍ମୀ ବେହେରା ୫୪୯, ଉତ୍କଳମଣି ବିଦ୍ୟାପୀଠର ସୁବ୍ରତ କୁମାର ମହାନ୍ତ ୫୪୦ ଏବଂ ଚୌଦ୍ୱାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସୌଜନ୍ୟା ଖୁଣ୍ଟିଆ ୫୫୫ ଓ ଅନନ୍ୟା ଷଡ଼ଙ୍ଗୀ ୫୪୦ ନମ୍ବର ରଖି ବିଦ୍ୟାଳୟର ମାନବୃଦ୍ଧି କରିଥିବା ବିଇଓ ପ୍ରଭାତ ନାୟକ ସୂଚନା ଦେଇଛନ୍ତି।

● ନିଆଳିରୁ ୩ ଜଣ ଛାତ୍ରୀ ଏ-୧ରେ ଉତ୍ତୀର୍ଣ୍ଣ



ନିଆଳି, ୨।୫(ସମିସ): ଶନିବାର ଅପରାହ୍ନରେ ଚଳିତ ବର୍ଷର ମେଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ କଟକ ଜିଲ୍ଲା ନିଆଳି ବ୍ଲକରୁ ୩ ଜଣ ଛାତ୍ରୀ ‘ଏ-୧’ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇ ବ୍ଲକ ପାଇଁ ଗୌରବ ଆଣିଛନ୍ତି। ସୂଚନା ଅନୁଯାୟୀ, ଦେବୀ-କନ୍ଦଳ ଦ୍ୱୀପାଞ୍ଚଳ ଏରଞ୍ଚସ୍ଥିତ ଲକ୍ଷ୍ମୀନୃସିଂହ ହାଇସ୍କୁଲର ଛାତ୍ରୀ ତ୍ରିଶା ମହାରଣା ୫୫୭ ନମ୍ବର ରଖି ବ୍ଲକରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ସେହିପରି କରାଙ୍ଗ ସିଦ୍ଧମଙ୍ଗଳା ନୋଡାଲ ବିଦ୍ୟା ନିକେତନର ଅର୍ଚ୍ଚିତା ପ୍ରିୟଦର୍ଶିନୀ ବସ୍ତିଆ ୫୪୯ ନମ୍ବର ଏବଂ ଜଲ୍ଲାରପୁର ରାମେଶ୍ୱର ବିଦ୍ୟାପୀଠର ମନସ୍ୱିନୀ ମୁଦୁଲି ୫୪୦ ନମ୍ବର ରଖି ‘ଏ୧’ ଗ୍ରେଡରେ ସଫଳତା ହାସଲ କରିଛନ୍ତି। ଛାତ୍ରୀମାନଙ୍କର ଏହି ସଫଳତା ପାଇଁ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ, ଅଭିଭାବକ ଏବଂ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

● ଦେବପ୍ରିୟ କଣ୍ଟାପଡ଼ା ବ୍ଲକ ଟପ୍ପର

କଣ୍ଟାପଡ଼ା, ୨।୫(ସମିସ): କଣ୍ଟାପଡ଼ା ବ୍ଲକରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଦେବପ୍ରିୟ ସାହୁ ସମୁଦାୟ ୬୦୦ ନମ୍ବରରୁ ୫୫୬ ନମ୍ବର ରଖି ବ୍ଲକର ମାଟ୍ରିକ ଟପ୍ପର ହୋଇଛନ୍ତି। ସେ ପିଏମ୍‌ଶ୍ରୀ ବିଏମ୍ ନୋଡାଲ ଉଚ୍ଚ ବିଦ୍ୟାଳୟ କଣ୍ଟାପଡ଼ାରେ ଅଧ୍ୟୟନ କରୁଥିଲେ। ସେହିପରି ଏ-୧ରେ କଣ୍ଟାପଡ଼ା ବ୍ଲକରୁ ସମୁଦାୟ ୫ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୯୨ ● ପାଉଣ୍ଡ ୧୨୮.୦୪
- ୟୁରୋ ୧୧୦.୮୭ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୮,୩୫୦ (ଭୁବନେଶ୍ୱର)
- ରୁପା : ୨,୭୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୯୩୩.୦୦
- ନିଫ୍ଟି ୨୩,୯୯୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ସଂସଦୀୟ କମିଟିର ସୁପାରିସ**

# ୭ ହଜାର ୫୦୦ ଟଙ୍କା ହେବ ସର୍ବନିମ୍ନ ଇପିଏଫ୍ ପେନ୍‌ସନ୍

ନୂଆଦିଲ୍ଲୀ, ୨।୫ (ଏଜେନ୍ସି): କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ଏହାର ସଦସ୍ୟମାନଙ୍କ ଲାଗି ବଡ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। ଆଗକୁ ଇପିଏଫଓ ସଦସ୍ୟମାନେ ମାସିକ ୭୫୦୦ ଟଙ୍କା ସର୍ବନିମ୍ନ ପେନ୍‌ସନ୍ ପାଇବେ। କାରଣ ସଦସ୍ୟମାନଙ୍କର ମାସିକ ସର୍ବନିମ୍ନ ପେନ୍‌ସନ୍‌ରେ ୭.୫ ଗୁଣ ବୃଦ୍ଧି ହେବାକୁ ଯାଉଛି। କେନ୍ଦ୍ର ସରକାର ସରକାର କର୍ମଚାରୀ ପେନ୍‌ସନ୍ ଯୋଜନା (ଇପିଏସ୍-୯୫) ଅଧିନରେ ସଦସ୍ୟଙ୍କ ପେନସନ୍ ରାଶିକୁ ୭୫୦୦ ଟଙ୍କାକୁ ବୃଦ୍ଧି କରିବାକୁ ବିଚାର କରୁଛନ୍ତି।

ସୂତ୍ର ଅନୁଯାୟୀ, ଇପିଏଫ୍‌ଓ ସଦସ୍ୟମାନେ ଇପିଏସ୍-୯୫ ଅଧୀନରେ ବର୍ତ୍ତମାନ ମାସିକ ସର୍ବନିମ୍ନ ୧୦୦୦ ଟଙ୍କା ପେନ୍‌ସନ୍ ପାଉଛନ୍ତି। ଏହାକୁ ମାସିକ ୭୫୦୦ ଟଙ୍କା କରିବା ପାଇଁ ଏକ ପ୍ରସ୍ତାବ ଉପରେ ସରକାର ବିଚାର କରୁଛନ୍ତି। ଏହାକୁ ନେଇ ସଂସଦୀୟ କମିଟି ମଧ୍ୟ ସୁପାରିଶ କରିସାରିଛି। ଅପରପକ୍ଷେ ଶ୍ରମିକ ସଂଗଠନଗୁଡ଼ିକ ଦୀର୍ଘଦିନ ହେବ ଇପିଏଫଓ ସଦସ୍ୟମାଙ୍କ ମାସିକ ସର୍ବନିମ୍ନ ପେନ୍‌ସନ୍‌ରେ ବୃଦ୍ଧି ଦାବି କରିଆସୁଛନ୍ତି। ବର୍ତ୍ତମାନ ସଂସଦୀୟ କମିଟି ସୁପାରିଶ କରିସାରିଥିବାରୁ କେନ୍ଦ୍ର ସରକାର ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାର ସମ୍ଭାବନା ବୃଦ୍ଧି ପାଇଛି।

ପେନ୍‌ସନ୍ ବ୍ୟତୀତ, ଇପିଏଫ୍‌ଓ ଏବେ ଏହାର ସଦସ୍ୟଙ୍କ ପାଇଁ ଆକାଉଣ୍ଟରୁ ଟଙ୍କା ଉଠାଇବା କାମ ସହଜ କରିବାକୁ ଯାଉଛି। ଏହି ଅନୁଯାୟୀ, ଏଟିଏମ୍-ଆଧାରିତ ପିଏଫ୍ ଅର୍ଥ ଉଠାଣ ସେବା ଖୁବ୍ ଶୀଘ୍ର ଆରମ୍ଭ ହୋଇପାରେ। ଏହାଦ୍ୱାରା ସଦସ୍ୟମାନେ ଆବଶ୍ୟକ ହେଲେ ବିଳମ୍ବ ନ କରି ସେମାନଙ୍କର ଆକାଉଣ୍ଟରୁ ଅର୍ଥ ଉଠାଣ କରିପାରିବେ। ଏତଦ୍‌ବ୍ୟତୀତ ଇପିଏଫ୍ ସଦସ୍ୟଙ୍କ ଜମା ଉପରେ ୮.୨୫% ସୁଧ ହାର ପ୍ରଦାନ କରିବା ସମ୍ପର୍କିତ ପ୍ରସ୍ତାବ ମଧ୍ୟ ଅର୍ଥ ମନ୍ତ୍ରଣାଳୟ ନିକଟରେ ଅନୁମୋଦନ ପାଇଁ ଦାଖଲ କରାଯାଇଛି। ଏହା ଅନୁମୋଦନ ଲାଭ କରିବା ପରେ ସୁଧ ଅର୍ଥ ସିଧାସଳଖ ଗ୍ରାହକଙ୍କ ଆକାଉଣ୍ଟରେ ଜମା ହେବ।




**ଏଟିଏମ୍‌ରୁ ଉଠାଇହେବ ଟଙ୍କା**

**ପୁଣି ସକ୍ରିୟ ହେବ ବନ୍ଦ ଆକାଉଣ୍ଟ**

ଇପିଏଫଓର ଅନ୍ୟ ଏକ ନୂଆ ପଦକ୍ଷେପ ଅନୁଯାୟୀ, ଦୀର୍ଘ ଦିନ ଧରି ବନ୍ଦ ପଡିଥିବା ଆକାଉଣ୍ଟକୁ ପରି ଥରେ ଆକ୍ଟିଭ୍ କରିବ ସଂଗଠନ। ଏହି ଅନୁଯାୟୀ, ଆଧାର କାର୍ଡ ସଂଯୁକ୍ତ ପୁରୁଣା ଖାତା ସହଜରେ ବର୍ତ୍ତମାନର ଆକାଉଣ୍ଟ ସହ ଯୋଡା ହୋଇପାରିବ। ଏହାଦ୍ୱାରା ବନ୍ଦ ପଡିଥିବା ଇପିଏଫଓ ଖାତା ସମ୍ପର୍କରେ ତଥ୍ୟ ମିଳିପାରିବ। ୟୁଏଏନ୍ ନମ୍ବରରେ ଏହାକୁ ପୁନଃ ଚାଲୁ କରାଯାଇପାରିବ। ସଦସ୍ୟମାନେ ବନ୍ଦ ଖାତାରୁ ଟଙ୍କା ମଧ୍ୟ ଉଠାଇପାରିବେ। ଏଥିପାଇଁ ଇପିଏଫଓ-'ଇ –ପ୍ରାପ୍ତି' ନାମକ ଏକ ପୋର୍ଟାଲ ଶୁଭାରମ୍ଭ କରିବ।

**ସରିଲା ୫ ରାଜ୍ୟ ନିର୍ବାଚନ**

# ବାଣିଜ୍ୟିକ ସିଲିଣ୍ଡର ୯୯୩ ଟଙ୍କା ମହଙ୍ଗା

ନୂଆଦିଲ୍ଲୀ, ୨।୫(ଏଜେନ୍ସି): ନିକଟରେ ୫ ରାଜ୍ୟ ବିଧାନସଭା ନିର୍ବାଚନ ଶେଷ ହେଉ ହେଉ ଦେଶରେ ମହଙ୍ଗା ହୋଇଛି ବାଣିଜ୍ୟିକ ସିଲିଣ୍ଡର। ତେବେ ଏଥିରେ ଆଶ୍ଚର୍ଯ୍ୟର କଥା ହେଉଛି ମାତ୍ର ଗୋଟିଏ ଦିନରେ ୧୯ କେଜି ବିଶିଷ୍ଟ ବାଣିଜ୍ୟିକ ସିଲିଣ୍ଡର ପିଛା ମୂଲ୍ୟ ୯୯୩ ଟଙ୍କା ବୃଦ୍ଧି ହୋଇଛି। ରାଜ୍ୟ ନିର୍ବାଚନ ପରେ ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ବୃଦ୍ଧି ହେବା ନେଇ ପୂର୍ବରୁ ଚାରିଆଡେ ବେଶ ଚର୍ଚ୍ଚା ହେଉଥିଲା। ହେଲେ କେନ୍ଦ୍ର ସରକାର ଏହାକୁ ଖଣ୍ଡନ କରିଆସୁଥିଲେ। ଏବେ ଦର ବୃଦ୍ଧି ନେଇ ପ୍ରାକ୍ ନିର୍ବାଚନ ଆକଳନ ସତ ହୋଇଛି। ସରକାର ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ବୃଦ୍ଧି କରିଛନ୍ତି। ଏହି ଦରବୃଦ୍ଧି ସହ ଦେଶର ଅନେକ ସହରରେ ବାଣିଜ୍ୟିକ ଏଲପିଜି ସିଲିଣ୍ଡର ଦାମ୍ ୩ ହଜାର ଟଙ୍କା ଅତିକ୍ରମ କରିଯାଇଛି। ଅପରପକ୍ଷେ ଘରୋଇ ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ଅପରିବର୍ତ୍ତିତ ରହିଛି।

ରିପୋର୍ଟ ଅନୁଯାୟୀ, ଏହି ଦର ବୃଦ୍ଧି ପରେ ରାଜଧାନୀ ଦିଲ୍ଲୀରେ ୧୯ କେଜି ବିଶିଷ୍ଟ ବାଣିଜ୍ୟିକ ସିଲିଣ୍ଡର ପିଛା ମୂଲ୍ୟ ୩୦୭୧ ଟଙ୍କା ୫୦ ପଇସା ହୋଇଯାଇଛି। ଏପ୍ରିଲ ପହିଲାରେ ଏହାର ଦାମ୍ ସିଲିଣ୍ଡର ପିଛା ୨୦୭୮ ଟଙ୍କା ୫୦ ପଇସା ରହିଥିଲା। ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ବୃଦ୍ଧିକୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଉପରେ ଜୋରଦାର ବର୍ଷିଛନ୍ତି। ରାଜ୍ୟ ନିର୍ବାଚନ ପରେ ଗ୍ୟାସ୍ ସିଲିଣ୍ଡର ସମେତ ପେଟ୍ରୋଲ ଏବଂ ଡିଜେଲ ଦାମ୍ ବଢ଼ିବ ବୋଲି ରାହୁଲ ପୂର୍ବରୁ କହିଥିଲେ। ଆଜି ବାଣିଜ୍ୟିକ ସିଲିଣ୍ଡର ଦର ବଢ଼ିବା ପରେ, ସେ ପୁଣି ଥରେ ସରକାରଙ୍କୁ ଘେରିଛନ୍ତି। 'ଏକ୍ସ'ରେ ଏକ ପୋଷ୍ଟରେ ରାହୁଲ ଗାନ୍ଧୀ କହିଛନ୍ତି, 'ନିର୍ବାଚନ ପରେ ମହଙ୍ଗା ତାତି ଆସିବ ବୋଲି ସେ କହିଥିଲେ। ଆଜି ବାଣିଜ୍ୟିକ ସିଲିଣ୍ଡର ଦାମ ୯୯୩ ଟଙ୍କା ବୃଦ୍ଧି ପାଇ। ଗୋଟିଏ ଦିନରେ ଏହା ସର୍ବାଧିକ ବୃଦ୍ଧି। ଏହା ନିର୍ବାଚନୀ ବିଲ୍। ଫେବୃଆରୀରୁ ଏବେ ସୁଦ୍ଧା ଗ୍ୟାସ୍ ସିଲିଣ୍ଡର ୧୩୮୦ ଟଙ୍କା ମହାଙ୍ଗା ହେଲାଣି। ୩ ମାସରେ ଦାମ ୮୧ ପ୍ରତିଶତ ବଢ଼ିଥିବା ସେ କହିଛନ୍ତି।




**୩ ମାସରେ ଦର ୮୧% ବଢ଼ିଲାଣି: ରାହୁଲ ଗାନ୍ଧୀ**

**ଗୋଟିଏ ଦିନରେ ସର୍ବାଧିକ ବୃଦ୍ଧି**

# ଅରୁନ୍ଧତୀ ଜୁଏଲର୍ସ ରାଉରକେଲା, ବରଗଡ଼, କଟକ, ଭବାନୀପାଟଣା ଶାଖାର ବାର୍ଷିକୋତ୍ସବ

ଭୁବନେଶ୍ୱର,୨।୫(ସମିସ): ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ଏହାର ୨୫ ବର୍ଷର ସ୍ୱର୍ଣ୍ଣିମ ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ଶନିବାର ଅରୁନ୍ଧତୀର ରାଉରକେଲା ଶାଖା ତାର ୪ର୍ଥ ବାର୍ଷିକୀ ଖୁବ୍ ଧୁମ ଧାମରେ ରେ ପାଳନ କରିଛି। ସେହିପରି ମେ ୩ରେ ବରଗଡ଼ ଶାଖାର ୭ମ ବାର୍ଷିକୀ ଉତ୍ସବ, ମେ'୬ରେ କଟକ ଶାଖାର ଦ୍ୱିତୀୟ ବାର୍ଷିକୀ ଉତ୍ସବ ଏବଂ ମେ' ୧୨ରେ ଭବାନୀପାଟଣା ଶାଖାର ୧୫ତମ ବାର୍ଷିକୋତ୍ସବ ଅତ୍ୟନ୍ତ ଜାକଜମକର ସହ ପାଳନ କରାଯାଉଛି। ଓଡିଶାବାସୀଙ୍କ ଅତୁଟ ବିଶ୍ୱାସ ଓ ଅଜସ୍ର ଭଲପାଇବାକୁ ବଜାୟ ରଖି ଅରୁନ୍ଧତୀ ଜୁଏଲର୍ସ ଘୋଷଣା କରିଛି ଏ ବର୍ଷର ସର୍ବଶ୍ରେଷ୍ଠ 'ବାର୍ଷିକୋତ୍ସବ ମେଗା ଅଫର'। ଏହି ବିଶେଷ ଅଫର୍ ମାଧ୍ୟମରେ ସମସ୍ତଙ୍କୁ ପ୍ରତ୍ୟେକ ଏକ୍ସକ୍ଲୁସିଭ୍ ସୁନା, ହୀରା ଏବଂ ରୁପା ଗହଣାର ଗଢ଼ାମଜୁରୀ ଉପରେ ସିଧାସଳଖ ଫ୍ଲାଟ୍ ୫୦% ଅଫର ବିଶାଳ ରିଆତି ପ୍ରଦାନ କରାଯାଉଛି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କୃତଜ୍ଞତା ଜଣାଇ କହିଛନ୍ତି, ଏକ ବ୍ରାଣ୍ଡ ଭାବରେ ଅରୁନ୍ଧତୀର ପରିଚୟ କେବଳ ଗହଣାରେ ସୀମିତ ନୁହେଁ, ଏହା ପ୍ରତ୍ୟେକ ଓଡ଼ିଶାବାସୀଙ୍କ ଅତୁଟ ଭରସାର ପ୍ରତୀକ। ଦୀର୍ଘ ୨୫ ବର୍ଷ ଧରି ଆପଣମାନେ ଆମକୁ ଯେଉଁ ନିରନ୍ତର ସ୍ନେହ,ଶ୍ରଦ୍ଧା ଓ ଆଶୀର୍ବାଦ ଦେଇଆସିଛନ୍ତି, ତାହା ହିଁ ଆମର ଅସଲ ପୁଞ୍ଜି। ଆପଣଙ୍କ ଏହି ଦୃଢ଼ ବିଶ୍ୱାସ ହିଁ ଆମକୁ ନିରନ୍ତର ସର୍ବଶ୍ରେଷ୍ଠ ସେବା ପ୍ରଦାନ କରିବାକୁ ପ୍ରେରଣା ଯୋଗାଉଛି।



**ଫ୍ଲାଟ୍ ୫୦% ଅଫର**

# ରୋହିତ ଜୈନ ଆର୍‌ବିଆଇ ଡେପୁଟୀ ଗଭର୍ଣ୍ଣର

ମୁମ୍ବଇ, ୨।୫ (ଏଜେନ୍ସି): ରୋହିତ ଜୈନ ହୋଇଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ର ଡେପୁଟି ଗଭର୍ଣ୍ଣର । ନିଯୁକ୍ତ କରାଯାଇଛି। କ୍ୟାବିନେଟର ନିଯୁକ୍ତି କମିଟି (ଏସିସି) ରୋହିତ ଜୈନଙ୍କୁ ଭାରତୀୟ ରିଜର୍ଭ ର ନୂତନ ଡେପୁଟି ଗଭର୍ଣ୍ଣର ଭାବରେ ନିଯୁକ୍ତ କରିଛି। ଶ୍ରୀ ଜୈନ ଟି.ରବିଶଙ୍କରଙ୍କ ସ୍ଥାନ ନେଇଛନ୍ତି, ଯାହାଙ୍କ ସମ୍ପ୍ରସାରିତ କାର୍ଯ୍ୟକାଳ ମେ' ୨ରେ ଶେଷ ହୋଇଛି। ଆରବିଆଇରେ ଶ୍ରୀ ଜୈନଙ୍କର କାର୍ଯ୍ୟକାଳ ୩ ବର୍ଷ ରହିବ। ତିନିବର୍ଷ କାର୍ଯ୍ୟକାଳ ଲାଗି ରୋହିତ ଜୈନଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଡେପୁଟି ଗଭର୍ଣ୍ଣର ନିଯୁକ୍ତ କରାଯାଇଛି। ଜୈନ ଟି.ରବିଶଙ୍କରଙ୍କ ସ୍ଥାନ ନେଇଛନ୍ତି ଯାହାଙ୍କ ସମ୍ପ୍ରସାରିତ କାର୍ଯ୍ୟକାଳ ୨ ମେ ଶନିବାର ସମାପ୍ତ ହୋଇଛି। ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ କ୍ୟାବିନେଟ୍ ଆପଏଣ୍ଟମେଣ୍ଟ କମିଟି ୩ ମେ' ବା ତା ପରଠାରୁ ଶ୍ରୀ ଜୈନ ଯେବେ ଦାୟିତ୍ୱଗ୍ରହଣ କରିବେ ସେବେଠାରୁ ସେ ୩ ବର୍ଷ ପଦରେ ସେବା ଲାଗି ମଞ୍ଜୁର କରିଛନ୍ତି। ଆରବିଆଇଙ୍କ ୪ ଡେପୁଟି ଗଭର୍ଣ୍ଣର ଆରବିଆଇ ଅଧିନିୟମ ୧୯୩୪ ଅନୁସାରେ କେନ୍ଦ୍ରୀୟ ବ୍ୟାଙ୍କରେ ୪ ଜଣ ଡେପୁଟି ଗଭର୍ଣ୍ଣର ନିଯୁକ୍ତ ହୁଅନ୍ତି। ଏମାନଙ୍କ ମଧ୍ୟରୁ ୨ ଜଣ ପଦୋନ୍ନତିରେ, ଜଣେ ବାଣିଜ୍ୟିକ ବ୍ୟାଙ୍କର ଓ ଅନ୍ୟଜଣକ ଅର୍ଥଶାସ୍ତ୍ରୀ ହୋଇଥିବା ଆବଶ୍ୟକ, ଯିଏ ମୁଦ୍ରାନୀତି ବିଭାଗର ନେତୃତ୍ୱ ନେଇଥାନ୍ତି। ଏବେ ଅନ୍ୟ ୩ ଜଣ ଡେପୁଟି ଗଭର୍ଣ୍ଣର ସ୍ୱାମୀନାଥନ ଜେ, ପୁନମ ଗୁପ୍ତା ଓ ଏସ୍.ସି. ମୁର୍ମୁ ଅଛନ୍ତି। ରୋହିତ ଜୈନ ଜଣେ ଅଭିଜ୍ଞ ଅଧିକାରୀଏହା ପୂର୍ବରୁ ରୋହିତ ଜୈନ ଭାରତୀୟ ରିଜର୍ଭ ବ୍ୟାଙ୍କରେ ଏକଜ୍ୟୁକୁଟିଭ ନିର୍ଦ୍ଦେଶକ ପଦରେ କାର୍ଯ୍ୟରତ ଥିଲେ।



# ଭାରତ ମସଲାର ନୂତନ ବ୍ରାଣ୍ଡ 'ଟିଭିସି'ରେ ବବି ଦେଓଲ୍

ଭୁବନେଶ୍ୱର, ୨।୫(ସମିସ): ପୂର୍ବ ଭାରତର ଅଗ୍ରଣୀ ମସଲା ଏବଂ ଖାଦ୍ୟ ବ୍ରାଣ୍ଡ 'ଭାରତ ମସଲା' ପକ୍ଷରୁ ପ୍ରସିଦ୍ଧ ଅଭିନେତା ବବି ଦେଓଲଙ୍କୁ ନେଇ ପ୍ରସ୍ତୁତ ନୂଆ ଟିଭି ବିଜ୍ଞାପନ (ଟିଭିସି) ଉନ୍ମୋଚିତ ହୋଇଛି। ଶନିବାର ଭୁବନେଶ୍ୱର ସ୍ଥିତ ପ୍ରେସ୍ କ୍ଲବରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆନୁଷ୍ଠାନିକ ଭାବେ ଏହି ଟିଭିସିର ଉନ୍ମୋଚନ କରାଯାଇଛି। ୧୯୯୯ରେ ଓଡ଼ିଶାରେ ଏକ ପାରମ୍ପରିକ ମସଲା ଗ୍ରାଇଣ୍ଡିଂ ୟୁନିଟ୍ ଭାବେ ଆରମ୍ଭ ହୋଇଥିବା 'ଭାରତ ମସଲା' ଆଜି ଏକ ବିଶ୍ୱସନୀୟ ଏଫଏମସିଜି ବ୍ରାଣ୍ଡ ଭାବେ ପରିଚିତ ହୋଇପାରିଛି । ମସଲା, ଖାଦ୍ୟ ସାମଗ୍ରୀ, କଣ୍ଡିମେଣ୍ଟସ୍, ଚା, ପାସ୍ତା, ସ୍ନାକ୍ସ ଓ ବିଶେଷ ଫୁଡ୍ ମିକ୍ସ ସହ ବ୍ରାଣ୍ଡଟି ଅନେକ ପ୍ରଡକ୍ଟ ପୋର୍ଟଫୋଲିଓ ନେଇ ଦେଶ ଓ ବିଦେଶର ଗ୍ରାହକଙ୍କ ଭରସା ଜିତି ପାରିଛି । କମ୍ପାନୀ ବର୍ତ୍ତମାନ ଅତ୍ୟାଧୁନିକ ଉତ୍ପାଦନ ୟୁନିଟ୍ ସହିତ ଭାରତର ସର୍ବବୃହତ କ୍ରାଓଜେନିକ୍ ଗ୍ରାଇଣ୍ଡିଂ ସୁବିଧା ମଧ୍ୟରୁ ଗୋଟିଏକୁ ସଫଳତାର ସହ ପରିଚାଳନା କରୁଛି। ଅସଲି ସ୍ୱାଦ, ଉତ୍କୃଷ୍ଟ ଗୁଣବତ୍ତା ଓ ନବୀନତା ପ୍ରତି କମ୍ପାନୀର ଅତୁଟ ପ୍ରତିବଦ୍ଧତା ଏହାକୁ ଗ୍ରାହକମାନଙ୍କ ନିକଟରେ ଅଧିକ ଲୋକପ୍ରିୟ କରିଛି। ଦୀର୍ଘ ସମୟ ଧରି ଖ୍ୟାତନାମା ଅଭିନେତା ଧର୍ମେନ୍ଦ୍ର 'ଭାରତ ମସଲା'ର ବ୍ରାଣ୍ଡ ଆମ୍ବାସାଡର ଭାବେ ଜଡିତ ଥିଲେ। ବର୍ତ୍ତମାନ ତାଙ୍କ ପୁଅ ଓ ପ୍ରସିଦ୍ଧ ଅଭିନେତା ବବି ଦେଓଲ୍ ବ୍ରାଣ୍ଡ ସହ ଯୋଡ଼ି ହୋଇଥିବାରୁ ଏହା 'ଭାରତ ମସଲା'ର ଐତିହ୍ୟ, ବିଶ୍ୱାସ ଓ ପରମ୍ପରାକୁ ଆହୁରି ସୁଦୃଢ଼ କରିଛି। ଏହି ନୂଆ କ୍ୟାମ୍ପେନ୍ ମାଧ୍ୟମରେ ସମସ୍ତ ପିଢ଼ିର ଗ୍ରାହକଙ୍କ ସହ ଭାବନାତ୍ମକ ସମ୍ପର୍କ ସୃଷ୍ଟି କରିବା ସହ ଦେଶବ୍ୟାପୀ ଭାବେ 'ଭାରତ ମସଲା'ର ପରିଚୟକୁ ଆହୁରି ଶକ୍ତିଶାଳୀ କରିବାର ଲକ୍ଷ୍ୟ ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ବବି ଦେଓଲଙ୍କ ଏହି ଟିଭି ବିଜ୍ଞାପନ ଖୁବଶୀଘ୍ର ଟେଲିଭିଜନ, ଡିଜିଟାଲ୍ ଓ ସୋସିଆଲ୍ ମିଡିଆରେ ପ୍ରସାରିତ ହେବ। ଏହା ଏକ ବ୍ୟାପକ ଜାତୀୟ ବ୍ରାଣ୍ଡ କ୍ୟାମ୍ପେନ୍‌ର ଅଂଶ ଭାବେ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ 'ଭାରତ ମସଲା'ର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶିକା ଏସ୍‌ଏନ୍ ମିଲେନିୟମ୍ ,ଜିଏମ୍(ଅପରେସନ୍) ଅରୁଣ କୁମାର ନାୟକଙ୍କ ସମେତ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ।




# ଚାଲିଗଲେ ଡଲାର ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠାତା

ନୂଆଦିଲ୍ଲୀ, ୨।୫ (ଏଜେନ୍ସି): ପ୍ରସିଦ୍ଧ ଶିଳ୍ପପତି ଏବଂ ହୋସିଆରି ଜଗତର ଜଣାଶୁଣା ନାମ ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଏମିରେଟସ୍ ଦିନଦୟାଲ ଗୁପ୍ତାଙ୍କର ଶନିବାର ବାର୍ଦ୍ଧକ୍ୟଜନିତ କାରଣରୁ କୋଲକାତାରେ ଦେହାନ୍ତ ଘଟିଛି। ତାଙ୍କ ଦେହାନ୍ତରେ କମ୍ପାନୀ ଏବଂ ଭାରତୀୟ ହୋସିଆରି ତଥା ପୋଷାକ ଶିଳ୍ପ କ୍ଷେତ୍ରରେ ଏକ ଯୁଗର ଅନ୍ତ ଘଟିଛି। ସେ ୫ ଦଶନ୍ଧିରୁ ଅଧିକ ସମୟ ପାଇଁ ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡକୁ ପରିଚାଳନା କରିଥିଲେ। ତାଙ୍କ ନେତୃତ୍ୱରେ କମ୍ପାନୀ ଏକ ସାଧାରଣ ଆରମ୍ଭରୁ ହୋସିଆରି ଏବଂ ପୋଷାକ କ୍ଷେତ୍ରରେ ଭାରତର ପ୍ରମୁଖ ନିର୍ମାତାମାନଙ୍କ ମଧ୍ୟରେ ଗୋଟିଏ ଭାବରେ ବିକଶିତ ହୋଇପାରିଛି। ତାଙ୍କ ନେତୃତ୍ୱରେ, ଡଲାର ଇଣ୍ଡଷ୍ଟ୍ରିଜ୍ ୧୭୦୦ କୋଟି ଟଙ୍କାରୁ ଅଧିକ ଗୋଷ୍ଠୀରେ ପରିଣତ ହୋଇଛି। ୧୯୭୨ ମସିହାରେ ସେ ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ମୂଳଦୁଆ ପକାଇଥିଲେ।



# ଜୁଲାଇରେ ଆମାଜନ ପ୍ରାଇମ ଡେ ସେଲ୍

ମୁମ୍ବଇ, ୨।୫: ଆସନ୍ତା ଜୁଲାଇରେ ପୁଣିଥରେ ଭାରତରେ ଆରମ୍ଭ ହେବାକୁ ଯାଉଛି ଆମାଜନ ପ୍ରାଇମେ ଡେ ସେଲ। ପ୍ରାଇମ ସଦସ୍ୟମାନେ ପ୍ରାଇମ ଡେ'ର ଏହି ୧୦ମ ସଂସ୍କରଣରେ ଉତ୍କୃଷ୍ଟ ଡିଲ,ସଞ୍ଚୟ, ନୂତନ ଉତ୍ପାଦ ଲଞ୍ଚ , ବ୍ଲକ୍‌ବଷ୍ଟର ଏଣ୍ଟରଟେନମେଣ୍ଟ ଓ ଆହୁରି ଅନେକ କିଛି ପାଇପାରିବେ। ପ୍ରାଇମ ସମସ୍ୟମାନେ ଏହି ସେଲ୍ ସମୟରେ ଲୋକପ୍ରିୟ ବ୍ରାଣ୍ଡ, ଟ୍ରେଣ୍ଡିଂ ଉତ୍ପାଦ ଓ ନୂତନ ଲଂଚ ଉପରେ ଆକର୍ଷଣୀୟ ଅଫର ସହିତ ଇଲେକ୍‌ଟ୍ରୋନିକ୍ସ , କିଚେନ, ବିୟୁଟି, ଫ୍ୟାଶନ, ସତେଜ ଖାଦ୍ୟ ସାମଗ୍ରୀ ଓ ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ଭଳି ବିଭିନ୍ନ ବର୍ଗରେ ଚିତାକର୍ଷକ ଅଫରର ଲାଭ ଉଠାଇପାରିବେ। ଭାରତରେ ପ୍ରାଇମ ସଦସ୍ୟମାନେ ୨୦୨୫ରେ ବାର୍ଷିକ ପ୍ରାଇମ ସଦସ୍ୟ ମୂଲ୍ୟର ଦୁଇ ଗୁଣରୁ ଅଧିକ ହାରାହାରି ସଞ୍ଚୟ କରିଥିଲେ।

# ଜିନ୍ଦଲ ଷ୍ଟେନଲେସ୍ ହିସାର ଏବଂ ଯାଜପୁର ୟୁନିଟ୍ ପୁରସ୍କୃତ

ଭୁବନେଶ୍ୱର,୨।୫(ସମିସ): ଜିନ୍ଦଲ ଷ୍ଟେନଲେସ୍‌କୁ ସମ୍ମାନଜନକ ଆଇଏମସି ରାମକୃଷ୍ଣ ବଜାଜ ଜାତୀୟ ଗୁଣବତ୍ତା ପୁରସ୍କାର(ଆରବିଏନକ୍ୟୁଏ) ୨୦୨୫ ରେ ସମ୍ମାନିତ ହୋଇଛି। ଏହି ସମ୍ମାନ ପରିଚାଳନାରେ ଉତ୍କର୍ଷତା, ଗୁଣବତ୍ତା ପ୍ରଣାଳୀ ଏବଂ କାର୍ଯ୍ୟଦକ୍ଷତା ଭିତ୍ତିକ ଉତ୍ପାଦନ ପାଇଁ ଏକ ମାନଦଣ୍ଡ ଭାବରେ ଏହାର ସ୍ଥିତିକୁ ଆହୁରି ମଜଭୁତ କରିଛି । ଏପ୍ରିଲ ୩୦ରେ ମୁମ୍ବାଇରେ ଆଇଏମସି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଦ୍ୱାରା ଆୟୋଜିତ ଏକ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଛି, ଯେଉଁଠାରେ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଅଭ୍ୟୁଦୟ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ, ଜିନ୍ଦଲ ଷ୍ଟେନଲେସ୍ କହିଛନ୍ତି, ଏହି ସ୍ୱୀକୃତି ଜିନ୍ଦଲ ଷ୍ଟେନଲେସ୍ ପାଇଁ ଏକ ଗର୍ବିତ ମୁହୂର୍ତ୍ତ। ଯାହା ଆମର କାର୍ଯ୍ୟକ୍ଷେତ୍ରରେ ଦୃଢ଼ ବ୍ୟବସ୍ଥା, ଅନୁଶାସନ ଏବଂ ପ୍ରଦର୍ଶନ ସଂସ୍କୃତି ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଏ ।



# ଗ୍ରାହକଙ୍କୁ ଟିପିସିଓଡିଏଲ୍‌ର ଭରସାଯୋଗ୍ୟ ବିଦ୍ୟୁତ ସେବା

ଭୁବନେଶ୍ୱର, ୨।୫ (ସମିସ): ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଗୋଠପାଟଣା ପିଏସଏସ ଏବଂ ନୂଆଗାଁ ଛକଠାରେ ୨ଟି ଆରଏମୟୁ (ରିଙ୍ଗ ମେନ ୟୁନିଟ) ସହିତ ୪ କିଲୋମିଟର ଦୈର୍ଘ୍ୟର ଭୂତଳ କେବୁଲ ନେଟୱାର୍କ କାର୍ଯ୍ୟକ୍ଷମ କରାଯାଇଛି। ଏହି ଭିତ୍ତିଭୂମିର ଉନ୍ନତିକରଣ ଫଳରେ କଣ୍ଟାବାଡ଼, ଗୋଠପାଟଣା, ଭରତପୁର ଏବଂ ଏହାର ଆଖପାଖ ଅଞ୍ଚଳର ପ୍ରାୟ ୧୨,୦୦୦ ଉପଭୋକ୍ତା ଉପକୃତ ହେବେ। ଏହାଦ୍ୱାରା ବିଦ୍ୟୁତ ସେବାର ନିର୍ଭରଯୋଗ୍ୟତା ବୃଦ୍ଧି ପାଇବା ସହ ବୈଷୟିକ ତ୍ରୁଟିକୁ ଶୀଘ୍ର ଚିହ୍ନଟ କରାଯାଇପାରିବ, ବିଦ୍ୟୁତ ବିଭ୍ରାଟ ହ୍ରାସ ପାଇବ ଏବଂ ଭୋଲଟେଜ୍ ସମସ୍ୟାରେ ମଧ୍ୟ ସୁଧାର ଆସିବ। ଅନ୍ୟ ଏକ ପଦକ୍ଷେପ ସ୍ୱରୂପ, ଟିପିସିଓଡିଏଲ ପକ୍ଷରୁ ପଳାସପୁରଠାରେ 'ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା ଅଧୀନରେ ଏକ ୬୩ କେଭିଏ ବିଦ୍ୟୁତ ବିତରଣ ସବଷ୍ଟେସନ ସ୍ଥାପନ କରାଯାଇଛି। ଏହାଦ୍ୱାରା ପଳାସପୁର ଗ୍ରାମ ଏବଂ ଭୁବନେଶ୍ୱରର ଉତ୍ତରା ଅଞ୍ଚଳର ପ୍ରାୟ ୪୦୦ ଉପଭୋକ୍ତା ଉନ୍ନତ ତଥା ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ପାଇପାରିବେ।



**ଭର୍ତ୍ତି ହେଲା ସ୍ୱର୍ଣ୍ଣ ଭଣ୍ଡାର**

# ଭାରତ ଫେରାଇ ଆଣିଲା ୧୦୪ ଟନ୍ ସୁନା

ନୂଆଦିଲ୍ଲୀ,୨।୫(ଏଜେନ୍ସି): ପରିବର୍ତ୍ତିତ ଭୂ-ରାଜନୈତିକ ପରିସ୍ଥିତିରେ ସବୁ ଦେଶ ସୁନା ଗଚ୍ଛିତ ରଖିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିରେ ଭାରତ ବି ପଛରେ ପଡ଼ିନାହିଁ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏକ ବଡ଼ ପଦକ୍ଷେପ ସ୍ୱରୂପ ୧୦୪.୨୩ ମେଟ୍ରିକ ଟନ୍ ସୁନା ଦେଶର ସ୍ୱର୍ଣ୍ଣ ଭଣ୍ଡାରକୁ ସ୍ଥାନାନ୍ତର କରିଛି। ୨୦୨୬ ମାର୍ଚ୍ଚରେ ଶେଷ ହୋଇଥିବା ୬ ମାସରେ ଆର୍‌ବିଆଇ ଏହାର ବୈଦେଶିକ ଭଣ୍ଡାରରୁ ଘରୋଇ ବଜାରକୁ ୧୦୪.୨୩ ମେଟ୍ରିକ୍ ଟନ୍ ସୁନା ସ୍ଥାନାନ୍ତର କରିଛି। ବ୍ୟାଙ୍କର ଅର୍ଦ୍ଧବାର୍ଷିକ ବୈଦେଶିକ ମୁଦ୍ରା ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏହାର ଅର୍ଥ ହେଉଛି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର କୋଷାଗାରରୁ ୧୦୪.୨୩ ମେଟ୍ରିକ୍ ଟନ୍ ସୁନା ଦେଶକୁ ଫେରାଇ ଆଣିଛି। ସାଧାରଣତଃ, ବିଶ୍ୱର ଦେଶଗୁଡ଼ିକ ସୁରକ୍ଷା କିମ୍ବା ବାଣିଜ୍ୟ ଉଦ୍ଦେଶ୍ୟରେ ସେମାନଙ୍କର କିଛି ସୁନା ବିଦେଶରେ (ଯେପରିକି 'ବ୍ୟାଙ୍କ ଅଫ୍ ଇଂଲଣ୍ଡ'ର ସୁରକ୍ଷିତ ଭଣ୍ଡାରରେ) ରଖନ୍ତି। ୨୦୨୬ ମାର୍ଚ୍ଚ ଶେଷରେ ଆରବିଆଇର ମୋଟ ସୁନା ଭଣ୍ଡାର ସାମାନ୍ୟ ବୃଦ୍ଧି ପାଇ ୮୮୦.୫୨ ମେଟ୍ରିକ୍ ଟନ୍ ହୋଇଛି, ଯାହା ସେପ୍ଟେମ୍ବର ୨୦୨୫ ଶେଷରେ ୮୮୦.୧୮ ମେଟ୍ରିକ୍ ଟନ୍ ଥିଲା।

ରିପୋର୍ଟରେ କୁହାଯାଇଛି ଯେ ମାର୍ଚ୍ଚ ୨୦୨୬ରେ ଘରୋଇ ସ୍ତରରେ ସୁନାର ପରିମାଣ ୨୯୦.୩୭ ମେଟ୍ରିକ୍ ଟନ୍ ଥିଲା, ଯାହା ଗତ ବର୍ଷ ସେପ୍ଟେମ୍ବରରେ ୫୭୫.୮୨ ମେଟ୍ରିକ୍ ଟନ୍ ଏବଂ ମାର୍ଚ୍ଚ ୨୦୨୫ରେ ୫୧୧.୯୯ ମେଟ୍ରିକ୍ ଟନ୍ ଥିଲା। ଏହା ମଧ୍ୟ କୁହାଯାଇଛି ଯେ ୧୯୭.୬୭ ମେଟ୍ରିକ୍ ଟନ୍ ସୁନା ବ୍ୟାଙ୍କ ଅଫ୍ ଇଂଲଣ୍ଡ ଏବଂ ବ୍ୟାଙ୍କ ଫର୍ ଇଣ୍ଟରନ୍ୟାସନାଲ୍ ସେଟେଲମେଣ୍ଟ୍ସ (ବିଆଇଏସ୍) ପାଖରେ ସୁରକ୍ଷିତ ହେପାଜତରେ ରଖାଯାଇଥିଲା। ସେପ୍ଟେମ୍ବର ମାସରେ, ଆରବିଆଇ ରିପୋର୍ଟ ଅନୁସାରେ ବ୍ୟାଙ୍କ ଅଫ୍ ଇଂଲଣ୍ଡ ଏବଂ ବିଆଇଏସ୍ ପାଖରେ ୨୯୦.୩୭ ମେଟ୍ରିକ୍ ଟନ୍ ସୁନା ଥିଲା,ଓ ୧୩.୯୯ ମେଟ୍ରିକ୍ ଟନ୍ ସୁନା ଭଣ୍ଡାର ଆକାରେ ରହିଥିଲା। ବର୍ତ୍ତମାନ ଏହି ମୂଲ୍ୟବାନ ଧାତୁର ମୂଲ୍ୟ ବୃଦ୍ଧି ଯୋଗୁ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ସୁନାର ଅଂଶ ମାର୍ଚ୍ଚ ମାସରେ ୧୬.୭ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ୬ ମାସ ପୂର୍ବେ ୧୩.୯୨ ପ୍ରତିଶତ ଥିଲା। ଆରବିଆଇର ରିପୋର୍ଟ ଅନୁସାରେ, ମୋଟ ୫୫୨.୨୮ ବିଲିୟନ ଆମେରିକୀୟ ଡଲାରର ବୈଦେଶିକ ମୁଦ୍ରା ସମ୍ପତ୍ତି ମଧ୍ୟରୁ ୪୬୫.୬୧ ବିଲିୟନ ଆମେରିକୀୟ ଡଲାର ସିକ୍ୟୁରିଟିଜରେ ନିବେଶ କରାଯାଇଛି।



# ପ୍ରସୂନ ଜୋଶୀ ପ୍ରସାର ଭାରତୀର ନୂତନ ଅଧ୍ୟକ୍ଷ



ନୂଆଦିଲ୍ଲୀ,୨।୫(ଏଜେନ୍ସି): ବିଶିଷ୍ଟ ଗୀତିକାର, କବି ତଥା ଯୋଗାଯୋଗ ବିଶେଷଜ୍ଞ ପ୍ରସୂନ ଜୋଶୀଙ୍କୁ ଦେଶର ସାର୍ବଜନୀନ ପ୍ରସାରଣ ସଂସ୍ଥା ପ୍ରସାର ଭାରତୀର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି । ଶନିବାର କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଘୋଷଣା କରାଯାଇଛି । ଗତ ଡିସେମ୍ବର ମାସରେ ପ୍ରଶାସକ ନବନୀତ କୁମାର ସେହଗଲଙ୍କ ଇସ୍ତଫା ପରେ ଏହି ପଦବୀ ଖାଲି ପଡ଼ିଥିଲା । ଶ୍ରୀ ଜୋଶୀ ଜଣେ ପ୍ରତିଷ୍ଠିତ ସୃଜନଶୀଳ ବ୍ୟକ୍ତିତ୍ୱ ଭାବେ ସାହିତ୍ୟ, ବିଜ୍ଞାପନ, ଚଳଚ୍ଚିତ୍ର ଏବଂ ଜନସମ୍ପର୍କ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଯୋଶୀ ଏହା ପୂର୍ବରୁ ଅଗଷ୍ଟ ୨୦୧୭ରୁ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣ ବୋର୍ଡ (ସିବିଏଫ୍‌ସି) ର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଛନ୍ତି । ଏହା ବ୍ୟତୀତ ସେ ମ୍ୟାକକାନ୍ ୱାର୍ଲ୍ଡ ଗ୍ରୁପ୍ ଇଣ୍ଡିଆର ସିଇଓ ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ରର ଟ୍ରଷ୍ଟି ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ତାଙ୍କର ଏହି ନିଯୁକ୍ତି ପରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ସରକାରଙ୍କ ପକ୍ଷରୁ ଜରୁରୀକାଳୀନ ଆଲର୍ଟ ସିଷ୍ଟମ ପରୀକ୍ଷା

ନୂଆଦିଲ୍ଲୀ,୨।୫(ଏଜେନ୍ସି): ଦେଶରେ ବିପର୍ଯ୍ୟୟ ପରିଚାଳନା ଏବଂ ସୂଚନା ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପକ୍ଷରୁ ଶନିବାର ଦେଶର କୋଟି କୋଟି ମୋବାଇଲ୍ ଫୋନରେ ଏକ ଜରୁରୀକାଳୀନ ଆଲର୍ଟ ବା ସତର୍କ ସୂଚନା ମେସେଜ୍ ପଠାଯାଇ ଏହାର ପରୀକ୍ଷଣ କରାଯାଇଛି । ଏହି ପରୀକ୍ଷଣ ସମୟରେ ଅନେକ ସେକେଣ୍ଡ ପର୍ଯ୍ୟନ୍ତ ମୋବାଇଲ୍ ଫୋନଗୁଡ଼ିକରେ କମ୍ପନ ସହ ପପ୍-ଅପ୍ ମେସେଜ୍ ପ୍ରଦର୍ଶିତ ହୋଇଥିଲା । କେନ୍ଦ୍ର ସରକାରଙ୍କ ଟେଲିକମ୍ ବିଭାଗ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ମିଳିତ ଭାବେ ଏହି ମୋବାଇଲ୍-ଭିତ୍ତିକ ବିପର୍ଯ୍ୟୟ ଆଲର୍ଟ ସିଷ୍ଟମର ବିକାଶ ଓ ପରୀକ୍ଷଣ କରୁଛନ୍ତି । ଏହି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୌଣସି ପ୍ରାକୃତିକ ବିପର୍ଯ୍ୟୟ ବା ଜରୁରୀ ପରିସ୍ଥିତି ସମୟରେ ନାଗରିକମାନଙ୍କୁ ଠିକ୍ ସମୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିବା । ଏହି ବ୍ୟବସ୍ଥାଟି ମିଳିତ ଜାତିସଂଘର ଅନ୍ତର୍ଜାତୀୟ ଟେଲିକମ୍ୟୁନିକେସନ୍ ୟୁନିୟନ ଦ୍ୱାରା ପରାମର୍ଶିତ କମନ ଆଲର୍ଟିଂ ପ୍ରୋଟୋକଲ୍ ଉପରେ ଆଧାରିତ । ବର୍ତ୍ତମାନ ଏହି ବ୍ୟବସ୍ଥା ଭାରତର ସମସ୍ତ ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ ହୋଇଛି । ଏହି ନୂତନ ଜ୍ଞାନକୌଶଳ ମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳରେ ଥିବା ସମସ୍ତ ମୋବାଇଲ୍ ଫୋନକୁ ଏକ ସଙ୍ଗେ ଏବଂ ତୁରନ୍ତ ସତର୍କ ସୂଚନା ପଠାଯାଇପାରିବ । ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ବର୍ତ୍ତମାନ ଏହି ବ୍ୟବସ୍ଥାର କେବଳ ପରୀକ୍ଷଣ ବା ଟ୍ରାଏଲ୍ ଚାଲିଛି । ଏହି ମେସେଜ୍ ପାଇବା ପରେ କେହି ଆତଙ୍କିତ ନ ହେବାକୁ ଟେଲିକମ୍ ବିଭାଗ ପକ୍ଷରୁ ଅନୁରୋଧ କରାହୋଇଛି । ଏହା କେବଳ ସିଷ୍ଟମର କାର୍ଯ୍ୟଦକ୍ଷତା ଏବଂ ବିଶ୍ୱସନୀୟତା ଯାଞ୍ଚ କରିବା ପାଇଁ ପଠାଯାଉଛି ବୋଲି ବିଭାଗ ସ୍ପଷ୍ଟ କରିଛି ।

# ଅନ୍ତର୍ଜାତୀୟ ବିମାନ ସେବା ହ୍ରାସ କଲା ଏୟାର ଇଣ୍ଡିଆ



ନୂଆଦିଲ୍ଲୀ,୨।୫(ଏଜେନ୍ସି): ବିମାନ ଇନ୍ଧନ ଦରରେ ଅତ୍ୟଧିକ ବୃଦ୍ଧି ଏବଂ ଆକାଶମାର୍ଗ କଟକଣା ଯୋଗୁଁ ଏୟାର ଇଣ୍ଡିଆ ଆସନ୍ତା ଜୁନ୍ ଏବଂ ଜୁଲାଇ ମାସ ପାଇଁ ତାହାର ଅନ୍ତର୍ଜାତୀୟ ବିମାନ ଚଳାଚଳ ସଂଖ୍ୟାରେ କାଟ୍ କରିବାକୁ ନିଷ୍ପତ୍ତି ନେଇଛି । ଏୟାରଲାଇନ୍ସର ସିଇଓ କ୍ୟାମ୍ପବେଲ୍ ୱିଲସନ୍ କର୍ମଚାରୀମାନଙ୍କୁ ଏକ ଆଭ୍ୟନ୍ତରୀଣ ବାର୍ତ୍ତା ମାଧ୍ୟମରେ କେତେକ ବିଦେଶୀ ରୁଟ୍‌ରେ ବିମାନ ଚଳାଚଳ କରିବା କମ୍ପାନୀ ପାଇଁ ଲାଭଜନକ ହେଉନାହିଁ ବୋଲି ଜଣାଇଛନ୍ତି । ଏବେ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଯୋଗୁଁ ଅନେକ ଆକାଶମାର୍ଗ ବନ୍ଦ ରହିଛି । ଫଳରେ ବିମାନଗୁଡ଼ିକୁ ନିର୍ଦ୍ଧାରିତ ପଥ ବଦଳରେ ଦୀର୍ଘ ଦୂରତା ଅତିକ୍ରମ କରିବାକୁ ପଡୁଛି । ଯାହାଦ୍ୱାରା ଅଧିକ ଇନ୍ଧନ ଖର୍ଚ୍ଚ ହେଉଛି । ପୂର୍ବରୁ ଏୟାରଲାଇନ୍ସର ସମୁଦାୟ ପରିଚାଳନା ଖର୍ଚ୍ଚର ୩୦-୪୦ ପ୍ରତିଶତ ଇନ୍ଧନ ପାଇଁ ବ୍ୟୟ ହେଉଛି । ବର୍ତ୍ତମାନ ତାହା ୫୫-୬୦ ପ୍ରତିଶତକୁ ବୃଦ୍ଧି ପାଇଛି । ଗତ ଆର୍ଥିକ ବର୍ଷ ସୁଦ୍ଧା ଏୟାର ଇଣ୍ଡିଆ ଗ୍ରୁପ୍‌କୁ ପ୍ରାୟ ୨୨,୦୦୦ କୋଟି ଟଙ୍କାରୁ ଅଧିକ କ୍ଷତି ସହିବାକୁ ପଡ଼ିଥିବା କୁହାଯାଉଛି । ଏହି ଆର୍ଥିକ ଚାପକୁ ଦୃଷ୍ଟିରେ ରଖି କମ୍ପାନୀ କେତେକ ରୁଟ୍‌ରେ ସେବା ବନ୍ଦ ରଖିବାକୁ ବାଧ୍ୟ ହୋଇଛି । ଫେଡେରେସନ୍ ଅଫ୍ ଇଣ୍ଡିଆନ ଏୟାରଲାଇନ୍ସ ମଧ୍ୟ ବଢୁଥିବା ଇନ୍ଧନ ଦର ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ତୁରନ୍ତ ହସ୍ତକ୍ଷେପ ଲୋଡ଼ିଛି ।

# ତରଭୁଜ ପାଇଁ ବାଳକକୁ ହତ୍ୟା

ଆଗ୍ରା,୨।୫(ଏଜେନ୍ସି): ଉତ୍ତର ପ୍ରଦେଶର ଆଗ୍ରା ଜିଲ୍ଲାରେ ନିଜ ପରିବାର ଅଧିକୃତ କ୍ଷେତରୁ ତରଭୁଜ ତୋଳିଥିବା ଅଭିଯୋଗରେ ଜଣେ ୧୩ ବର୍ଷର ବାଳକକୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି । ଏହି ଘଟଣାରେ ପୁଲିସ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ଆଗ୍ରାର ବାସାଇ ଜଗନେର୍ ଥାନା ଅନ୍ତର୍ଗତ ସୋନି ଖେଡା ଗ୍ରାମରେ ଏହି ଅଘଟଣ ଘଟିଛି । ବାଳକର ପରିବାର ନିଜର ଚାଷ ଜମିକୁ କିଛି ଚାଷୀ ସହଭାଗୀଙ୍କୁ ଲିଜ୍‌ରେ ଦେଇଥିଲେ । ମୃତ ବାଳକ ଜଣକ ସେହି କ୍ଷେତରୁ ତରଭୁଜ ତୋଳୁଥିବା ସମୟରେ ଲିଜ୍ ନେଇଥିବା ବ୍ୟକ୍ତିମାନେ ତାଙ୍କୁ ଆକ୍ରମଣ କରିଥିଲେ । ଅଭିଯୁକ୍ତମାନେ ବାଳକକୁ ଛୁରିରେ ଆଘାତ କରିଥିଲେ । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଆଗ୍ରା ଡିସିପି (ପଶ୍ଚିମ) ଆଦିତ୍ୟଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପୁଲିସ ଏହି ମାମଲାରେ ଦୁଇ ଅଭିଯୁକ୍ତ ରିଆଜୁଦ୍ଦିନ ଏବଂ ଶିରାଜୁଦ୍ଦିନଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ପୀଡିତଙ୍କ ପରିବାର ସହ ସେହି ଜମିରେ ଭାଗଚାଷୀ ଭାବେ କାମ କରୁଥିଲେ ବୋଲି ସୂଚନା ରହିଛି । ମୃତ ବାଳକର ଭଉଣୀ କ୍ଷେତକୁ ଯାଇଥିବା ବେଳେ ପ୍ରଥମେ ଭାଇର ମୃତଦେହ ଠାବ କରିଥିଲେ ।

# ଭୋଟ ଗଣତି ପୂର୍ବରୁ ଛକାପଞ୍ଝା

**କିଏ କାହାକୁ ଭୁଲ ପ୍ରମାଣିତ କରିବ ?**

## ମମତା ନା ଏକଜିଟ୍ ପୋଲ୍??

କଲିକତା,୨।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ୨୦୨୬ ପାଇଁ ମତଦାନ ଶେଷ ହୋଇଛି । ଅଧିକାଂଶ ସର୍ଭେ ସଂସ୍ଥା ଏଥର ପଶ୍ଚିମବଙ୍ଗରେ ବିଜେପି ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ପୂର୍ବାନୁମାନ କରିଛନ୍ତି । କିନ୍ତୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ମିଛ ବୋଲି କହୁଛନ୍ତି । ପୂର୍ବରୁ ମଧ୍ୟ ଏଭଳି ସର୍ଭେ ସଂସ୍ଥାଗୁଡ଼ିକୁ ସେ ଭୁଲ୍ ପ୍ରମାଣିତ କରିଥିବା ରେକର୍ଡ ରହିଛି । ଅତିକମରେ ୫ଟି ସର୍ଭେ ସଂସ୍ଥା ବିଜେପିକୁ ବିଜୟୀ ଦର୍ଶାଇଛନ୍ତି । ଅନ୍ୟପଟେ ପିପୁଲ୍ସ ପଲ୍ସ ଏବଂ ଜନମତ ଆଦିର ପୋଲ୍ ମମତା ବାନାର୍ଜୀ ପୁଣି ଥରେ ଶାସନକୁ ଫେରିବେ ବୋଲି ଭବିଷ୍ୟବାଣୀ କରିଛନ୍ତି । ସେମାନେ ଟିଏମସି ୨୦୦ରୁ ଅଧିକ ଆସନ ପାଇବା ନେଇ ଆଶା ପ୍ରକଟ କରିଛନ୍ତି । ତେବେ 'ଆକ୍ସିସ୍ ମାଇ ଇଣ୍ଡିଆ' ଭୋଟରଙ୍କ ନିରବତା ଯୋଗୁଁ କୌଣସି ପୂର୍ବାନୁମାନ କରିବାକୁ ମନା କରିଦେଇଛି । ସଂସ୍ଥା କହିଛି ଯେ ଭୋଟ ଦେଇ ଫେରୁଥିବା ଭୋଟର ନିରବ ରହୁଥିବାରୁ ସଠିକ୍ ପୂର୍ବାନୁମାନ ସମ୍ଭବ ନୁହେଁ । ନିଜର ଏକ୍ସ ଆକାଉଣ୍ଟରେ ଏକ ଭିଡିଓ ଅପଲୋଡ୍ କରି ମମତା ବାନାର୍ଜୀ ଏହି ସର୍ଭେ ଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି । ସେ ଦାବି କରିଛନ୍ତି ଯେ ତୃଣମୂଳ କଂଗ୍ରେସ ଏଥର ୨୨୬ରୁ ୨୩୦ଟି ଆସନ ଜିତିବ । ବିଜେପିର ଚାପରେ ଏହି ସର୍ଭେଗୁଡ଼ିକ ପ୍ରସ୍ତୁତ କରାଯାଇଛି ବୋଲି ସେ ଅଭିଯୋଗ ଆଣିଛନ୍ତି ।

**ତାମିଲନାଡୁରେ ବି ସସପେନ୍ସ**

ଅନ୍ୟପକ୍ଷରେ ତାମିଲନାଡୁରେ ମଧ୍ୟ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି । ଅନ୍ୟ ୪ଟି ରାଜ୍ୟ ସହିତ ଏଠାରେ ମଧ୍ୟ ବିଧାନସଭା ନିର୍ବାଚନ ହୋଇଛି । ପ୍ରଥମ ଦିନ ପ୍ରାୟ ସମସ୍ତ ଏକଜିଟ୍ ପୋଲ୍ ସଂସ୍ଥା ଆକଳନ କରିଥିଲେ ଯେ ଡିଏମକେ କ୍ଷମତା ବଜାୟ ରଖିବ । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ କିଛି ଆକଳନ କରିବା ଆରମ୍ଭ କଲେଣି ଯେ ପ୍ରତିଦ୍ୱନ୍ଦ୍ୱିତା ତ୍ରିମୁଖୀ ହେବ । ଡିଏମକେ ଭଲ ସ୍ଥିତିରେ ଥିଲେ ମଧ୍ୟ ଝୁଲା ବିଧାନସଭା ସମ୍ଭାବନାକୁ ଅସ୍ୱୀକାର କରିହେବ ନାହିଁ । ଏଭଳି ଆକଳନ ପରେ ସତର୍କ ହେଲେଣି ଡିଏମକେ, ଆନ୍ନାଡିଏମକେ ଏବଂ ଟିଭିକେ । ସେମାନେ ସମ୍ଭାବ୍ୟ ବିଜୟୀ ପ୍ରାର୍ଥୀଙ୍କ ଉପରେ କଡ଼ା ରଖିଛନ୍ତି । ଫଳାଫଳ ଘୋଷଣା ପରେ ଚେନ୍ନାଇ ଆସିବା ଲାଗି ସେମାନଙ୍କୁ କୁହାଯାଇଛି ।

## ସମଗ୍ର ଫାଲଟା ଆସନରେ ହେବ ସାନି ଭୋଟ୍



ଫାଲଟା,୨।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଭୋଟ ଗଣତି ପୂର୍ବରୁ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା ଫାଲଟା ବିଧାନସଭା ନିର୍ବାଚନମଣ୍ଡଳୀରେ ଉତ୍ତେଜନା ପ୍ରକାଶ ପାଇଛି । ଏହି ଆସନର ସମସ୍ତ ୨୮୫ ବୁଥରେ ସାନି ମତଦାନ କରିବାକୁ ନିର୍ବାଚନ କମିସନ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୨୧ ତାରିଖରେ ମତଦାନ ହେବ ଏବଂ ୨୪ ତାରିଖରେ ଜନଗଣନା କରାଯିବ ବୋଲି କମିସନ ଆଜି ରାତିରେ ଘୋଷଣା କରିଛନ୍ତି । ୨୯ ତାରିଖରେ ହୋଇଥିବା ମତଦାନ ବେଳେ ଏହି ଆସନରେ ବ୍ୟାପକ ଅଶାନ୍ତି ଓ ଅନିୟମିତତା ଯୋଗୁଁ କମିସନ ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି । ଏହି ନିର୍ବାଚନମଣ୍ଡଳୀରେ ଟିଏମସି କର୍ମୀ ଓ ନେତାମାନେ ସାଧାରଣ ଲୋକଙ୍କୁ ଧମକ ଚମକ ଦେବା ସହ ହିଂସାକାଣ୍ଡ ଘଟାଉଥିବା ଅଭିଯୋଗ କରି ଶନିବାର ସ୍ଥାନୀୟ ବାସିନ୍ଦାମାନେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଟିଏମସି ନେତାମାନେ ମୋଟରସାଇକେଲରେ ଗାଁ ଭିତରକୁ ପଶି ଲୋକଙ୍କୁ ହତ୍ୟା କରିବାକୁ ଧମକ ଦେଉଛନ୍ତି । ଏପରିକି କିଛି ମହିଳା ଦାବି କରିଛନ୍ତି ଯେ ସେମାନେ ଟିଏମସିକୁ ଭୋଟ୍ ଦେଇଥିଲେ ମଧ୍ୟ ସେମାନଙ୍କୁ ଆକ୍ରମଣର ଶିକାର ହେବାକୁ ପଡୁଛି ।

# ପୁଣି ବଢ଼ିଲା ଆମେରିକା-ଇରାନ ଯୁଦ୍ଧ ଆଶଙ୍କା

ତେହେରାନ/ୱାଶିଂଟନ,୨।୫(ଏଜେନ୍ସି): ମଧ୍ୟ-ପ୍ରାଚ୍ୟରେ ପରିସ୍ଥିତି ପୁଣି ଥରେ ଯୁଦ୍ଧ ମୁହାଁ ହେବାକୁ ଲାଗିଛି । ଇରାନ ଏବଂ ଆମେରିକା ମଧ୍ୟରେ ଏବେ ଯୁଦ୍ଧବିରତି ଜାରି ରହିଥିଲେ ମଧ୍ୟ କେହି କାହା ସହିତ କଥା ହେବା ସ୍ଥିତିରେ ନାହାନ୍ତି । ଶାନ୍ତି ଆଲୋଚନା ପାଇଁ ଆମେରିକାର ସର୍ତ୍ତ ଇରାନକୁ ମଞ୍ଜୁର ନୁହେଁ । ଇରାନର ସର୍ତ୍ତକୁ ମଧ୍ୟ ଆମେରିକା ପ୍ରତ୍ୟାଖ୍ୟାନ କରିଦେଇଛି । ପରମାଣୁ କାର୍ଯ୍ୟକ୍ରମ ତ୍ୟାଗ କରିବା ଲାଗି ଇରାନ ଉପରେ ଆମେରିକା ଚାପ ପକାଉଥିବା ବେଳେ ଇରାନ ପ୍ରଥମେ ହରମୁଜ ଅବରୋଧ ହଟାଇବା ଲାଗି ଆମେରିକା ନିକଟରେ ଜିଦ୍ ଧରିଛି । କିଏ କାହରି ସର୍ତ୍ତ ମାନିବାକୁ ପ୍ରସ୍ତୁତ ନଥିବା ବେଳେ ଆକ୍ରମଣ ଓ ପ୍ରତିଆକ୍ରମଣ ପାଇଁ ଉଭୟ ପକ୍ଷ ପ୍ରସ୍ତୁତ ହେଉଛନ୍ତି । ଆମେରିକା ଓ ଇରାନର ନେତାମାନେ ଯେଉଁଭଳି ବୟାନ ଦେଉଛନ୍ତି, ସେଥିରୁ ସ୍ପଷ୍ଟ ସୂଚନା ମିଳୁଛି ଯେ ଯୁଦ୍ଧ ଯେକୌଣସି ମୁହୂର୍ତ୍ତରେ ଆରମ୍ଭ ହୋଇପାରେ । ଇରାନର ସଶସ୍ତ୍ର ବାହିନୀ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ ଆମେରିକା ଆକ୍ରମଣ କଲେ ଏହାର ଭୟଙ୍କର ଜବାବ ଦିଆଯିବ । ଏହାସହିତ ଇରାନ ଅଭିଯୋଗ କରିଛି ଯେ ଆମେରିକା କୌଣସି ଅନ୍ତର୍ଜାତୀୟ ଚୁକ୍ତିକୁ ମାନୁନାହିଁ । ଆଜିର ସଂକଟ ପାଇଁ ଆମେରିକାକୁ ଦାୟୀ କରିଛି । ଇରାନ ସାମରିକ ମୁଖ୍ୟାଳୟର ଉପମୁଖ୍ୟ ମହମ୍ମଦ ଜାଫର ଅସାଦି କହିଛନ୍ତି ଯେ, ଆମେରିକା କୌଣସି କୂଟନୈତିକ ବୁଝାମଣା ରକ୍ଷା କରୁନାହିଁ । ଆମେରିକୀୟ ଅଧିକାରୀଙ୍କ କାର୍ଯ୍ୟକଳାପ କେବଳ ତେଲ ଦର ହ୍ରାସକୁ ରୋକିବା ଏବଂ ନିଜେ ସୃଷ୍ଟି କରିଥିବା ସମସ୍ୟାରୁ ବାହାରିବା ପାଇଁ ଏକ ମିଡିଆ-ପ୍ରେରିତ ପ୍ରୟାସ । ବର୍ତ୍ତମାନ ଇରାନ ସେନା ହାଇ-ଆଲର୍ଟରେ ଅଛି ଏବଂ ଆମେରିକାର ଯେକୌଣସି ଦୁଃସାହସିକ ପଦକ୍ଷେପ ବା ମୁର୍ଖାମୀର ଜବାବ ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଅସାଦି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଇରାନ ରାଷ୍ଟ୍ରପତି ମଧ୍ୟ କହିଛନ୍ତି ଯେ ଯୁଦ୍ଧ ଯେକୌଣସି ମୁହୂର୍ତ୍ତରେ ଆରମ୍ଭ ହୋଇପାରେ ।

ଅନ୍ୟପଟେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ସଦ୍ୟତମ ଆଲୋଚନା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଫ୍ଲୋରିଡା ଯିବା ସମୟରେ ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଇରାନ ଏମିତି କିଛି ରିହାତି ଚାହୁଁଛି ଯାହାକୁ ସେ ଗ୍ରହଣ କରିପାରିବେ ନାହିଁ । ଇରାନ ପ୍ରଶାସନର ବ୍ୟବହାର ପାଗଳଙ୍କ ଭଳି । ଏଭଳି ପାଗଳଙ୍କ ହାତରେ ପରମାଣୁ ଅସ୍ତ୍ର ଆଦୌ ସୁରକ୍ଷିତ ନୁହେଁ । ତେଣୁ ଇରାନକୁ ପରମାଣୁ କାର୍ଯ୍ୟକ୍ରମ ତ୍ୟାଗ କରିବାକୁ ପଡ଼ିବ । ହର୍ମୁଜରେ ଆମେରିକାର ନୌସେନା ଜଳଦସ୍ୟୁ ଭଳି ଜଗି ରହିଛନ୍ତି । ଇରାନ ବନ୍ଦର ଉପରେ ନଜର ରଖାଯାଇଛି । ଏହି ଅବରୋଧ ହଟାଯିବାର ପ୍ରଶ୍ନ ଉଠୁନାହିଁ । ଇରାନ ସହ ପରମାଣୁ ବୁଝାମଣା ନହେବା ପର୍ଯ୍ୟନ୍ତ ଆମେରିକାର ଅବରୋଧ ଜାରି ରହିବ ବୋଲି ସେ କହିଛନ୍ତି ।

# ପତ୍ନୀ ନିର୍ଯାତନା! ଯୁବ ବିଚାରପତିଙ୍କ ଆତ୍ମହତ୍ୟା



ନୂଆଦିଲ୍ଲୀ,୨।୫(ଏଜେନ୍ସି): ଦକ୍ଷିଣ ଦିଲ୍ଲୀର ଗ୍ରୀନ୍ ପାର୍କ ଅଞ୍ଚଳରେ ଜଣେ ୩୦ ବର୍ଷୀୟ ଯୁବ ବିଚାରପତି ଅମନ କୁମାର ଶର୍ମାଙ୍କ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ପତ୍ନୀ ନିର୍ଯାତନା ଅସହ୍ୟ ହେବାରୁ ସେ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ତାଙ୍କର ପତ୍ନୀ ମଧ୍ୟ ଜଣେ ବିଚାର ବିଭାଗୀୟ ଅଧିକାରୀ ବୋଲି ଜଣାପଡ଼ିଛି ।

ଶର୍ମା କରକରଡୁମା କୋର୍ଟର ଉତ୍ତର-ପୂର୍ବ ଜିଲ୍ଲାର ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଭାବେ କାର୍ଯ୍ୟ କରୁଥିଲେ । ପୁଲିସ ଏହାକୁ ଏକ ଆତ୍ମହତ୍ୟା ମାମଲା ବୋଲି ସନ୍ଦେହ କରିଛି । ଦିଲ୍ଲୀ ପୁଲିସର ସୂଚନା ଅନୁଯାୟୀ, ଅମନଙ୍କ ଶଳା ଶିବମ୍ ତାଙ୍କ ଭିଣୋଇ ଗାଧୁଆଘରେ ଆତ୍ମହତ୍ୟା କରିଥିବା ସୂଚନା ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଧୁଆଘରେ କବାଟ ଭିତରୁ ବନ୍ଦ ଥିବା ପାଇଥିଲେ । ପରେ ଝରକା କାଚ ଭାଙ୍ଗି ଭିତରକୁ ପ୍ରବେଶ କରାଯାଇଥିଲା । ଏହାପରେ ଅମନ ଏକ କପଡ଼ା ସାହାଯ୍ୟରେ ଝୁଲୁଥିବା ଅବସ୍ଥାରେ ମିଳିଥିଲେ । ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା । କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।

ପରିବାର ଲୋକଙ୍କ ଅନୁଯାୟୀ, ଗତ ଦୁଇ ମାସ ଧରି ଅମନ ଏବଂ ତାଙ୍କ ପତ୍ନୀ ସ୍ୱାତୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ଅମନଙ୍କ ପତ୍ନୀ ମଧ୍ୟ ଜଣେ ନ୍ୟାୟିକ ଅଧିକାରୀ ବୋଲି ଜଣାପଡିଛି । ମୃତ୍ୟୁର ପୂର୍ବ ରାତିରେ ଅମନ ତାଙ୍କ ପିତାଙ୍କୁ ଫୋନ୍ କରି ସେ ବହୁତ ଅସୁବିଧାରେ ରହିଥିବା କହିଥିଲେ । ଅମନ ଘରେ ମାନସିକ ନିର୍ଯାତନାର ଶିକାର ହେଉଥିବା ବାପାଙ୍କ ନିକଟରେ ଅଭିଯୋଗ କରିଥିଲେ । ଘଟଣା ପୂର୍ବରୁ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିବା ଏବଂ ଅମନ କାନ୍ଦୁଥିବା ପରିବାରର ଜଣେ ସମ୍ପର୍କୀୟ ସୂଚନା ଦେଇଛନ୍ତି । ବର୍ତ୍ତମାନ ପୁଲିସ ମୃତଦେହକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଛି । ସ୍ୱାତୀଙ୍କ ଭଉଣୀ ନିଧି ମଲ୍ଲିକ ଏହି ବିବାଦରେ ମୁଣ୍ଡ ପୂରାଇ ଏହାକୁ ବଢ଼ାଇଥିଲେ ବୋଲି କୁହାଯାଉଛି । ନିଧି ଜଣେ ଆଇଏଏସ୍ ଅଫିସର ।

## ଆପ୍ ଛାଡ଼ିବା ପରେ ସନ୍ଦୀପ ପାଠକଙ୍କ ଅଡୁଆ ବଢ଼ିଲା



ଚଣ୍ଡୀଗଡ଼, ୨।୫ (ଏଜେନ୍ସି): ଆମ୍ ଆଦମୀ ପାର୍ଟି (ଆପ୍) ଛାଡ଼ି ବିଜେପିରେ ସାମିଲ ହେବାର କିଛି ଦିନ ମଧ୍ୟରେ ରାଜ୍ୟସଭା ସାଂସଦ ସନ୍ଦୀପ ପାଠକଙ୍କ ପାଇଁ ଆଇନଗତ ସମସ୍ୟା ବଢ଼ିଛି । ପଞ୍ଜାବ ପୁଲିସ ତାଙ୍କ ବିରୋଧରେ ଦୁଇଟି ପୃଥକ ଜିଲ୍ଲାରେ ଦୁର୍ନୀତି ଏବଂ ମହିଳା ନିର୍ଯାତନା ଭଳି ଗୁରୁତର ଅଭିଯୋଗରେ ଏଫ୍ଆଇଆର୍ ରୁଜୁ କରିଛି । ସନ୍ଦୀପଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାରେ ଜାମିନ ବିହୀନ ଦଫା ଲଗାଯାଇଥିବାରୁ ତାଙ୍କର ଗିରଫଦାରୀ ହେବାର ସମ୍ଭାବନା ମଧ୍ୟ ରହିଛି । ସନ୍ଦୀପ ବିଜେପିରେ ସାମିଲ ହେବା ପରେ ପରେ ଏହି ମାମଲା ରୁଜୁ ହୋଇଥିବାରୁ ବିଜେପି ଏହାକୁ ରାଜନୈତିକ ପ୍ରତିଶୋଧ ବୋଲି କହିଛି । ସାଂସଦ ସନ୍ଦୀପ ମଧ୍ୟ ଏହି ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରିଛନ୍ତି । ଏହି ଏଫ୍ଆଇଆର୍ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ ବୋଲି ସେ କହିଛନ୍ତି ।

## ନିଆଁ ଲଗାଇଛି ଏଆଇ ଫଟୋ



ଜବଲପୁର,୨।୫(ଏଜେନ୍ସି): ମଧ୍ୟପ୍ରଦେଶର ଜବଲପୁରରେ ନୌକା ଦୁର୍ଘଟଣା ପରେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ମା' ଓ ପୁଅଙ୍କ ହୃଦୟବିଦାରକ ଫଟୋର ସତ୍ୟତା ଏବେ ସାମ୍ନାକୁ ଆସିଛି । ଜବଲପୁର ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ଯେ, ଲାଲ୍ ରଙ୍ଗର ଲାଇଫ୍ ଜ୍ୟାକେଟ୍ ପିନ୍ଧିଥିବା ମା'–ପୁଅଙ୍କ ସେହି ଚିତ୍ରଟି ପ୍ରକୃତରେ ଏଆଇ (କୃତ୍ରିମ ବୁଦ୍ଧିମତା) ନିର୍ମିତ । ଏହି ଫଟୋର ନୌକା ଦୁର୍ଘଟଣା ସହିତ କୌଣସି ସମ୍ପର୍କ ନାହିଁ । ତେବେ ପ୍ରକୃତ ଘଟଣାଟି ଭାଇରାଲ୍ ଫଟୋଠାରୁ ମଧ୍ୟ ଅଧିକ ଦୁଃଖଦାୟକ । ଉଦ୍ଧାରକାରୀ ଦଳ ଯେତେବେଳେ ପାଣି ଭିତରୁ ମୃତଦେହ ଉଦ୍ଧାର କରିଥିଲେ, ସେତେବେଳେ ସେମାନେ ୩୯ ବର୍ଷୀୟା ମାରିନା ମାସିଙ୍କୁ ତାଙ୍କର ୪ ବର୍ଷର ପୁଅ ତ୍ରିଶାନ୍‌ଙ୍କୁ ଜାବୁଡ଼ି ଧରିଥିବା ଅବସ୍ଥାରେ ପାଇଥିଲେ । କିନ୍ତୁ ଏହି ଫଟୋଟି ସଂପୂର୍ଣ୍ଣ ରୂପେ ମିଛ ।

# ମେ'ରେ ସ୍ୱାଭାବିକଠାରୁ ଅଧିକ ବର୍ଷା ସମ୍ଭାବନା



ନୂଆଦିଲ୍ଲୀ, ୨।୫ (ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ର ସଦ୍ୟତମ ପୂର୍ବାନୁମାନ ଅନୁଯାୟୀ, ଚଳିତ ବର୍ଷ ମେ ମାସରେ ସମଗ୍ର ଭାରତରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି । ଏହି ଅପ୍ରତ୍ୟାଶିତ ବର୍ଷା ଦେଶବାସୀଙ୍କୁ ଉତ୍ତପ୍ତ ତାପମାତ୍ରାରୁ ଆଶ୍ୱସ୍ତି ଦେଇପାରେ । କିନ୍ତୁ ଏହା ସହିତ ବନ୍ୟା ଏବଂ ଫସଲ ହାନି ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି । ପାଣିପାଗ ବିଭାଗ ଅନୁଯାୟୀ, ମେ'ରେ ଦୀର୍ଘକାଳୀନ ହାରାହାରି ବର୍ଷା (ଏଲ୍‌ପିଏ) ର ପରିମାଣ ହାରାହାରି ୧୧୦% ରୁ ଅଧିକ ହୋଇପାରେ । ଏହି ଅଧିକ ବର୍ଷା ଯୋଗୁଁ ଗ୍ରୀଷ୍ମ ପ୍ରବାହର ପ୍ରଭାବ କମିବାର ସମ୍ଭାବନା ରହିଛି । ଯଦିଓ ଦେଶର ଅଧିକାଂଶ ଭାଗରେ ପ୍ରଚୁର ବର୍ଷା ହେବ, ତଥାପି ପ୍ରଭାବ ସବୁଠି ସମାନ ହେବନାହିଁ । ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତର କିଛି ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ । ଅନ୍ୟପଟେ, ସବ୍-ହିମାଳୟ ପଶ୍ଚିମବଙ୍ଗ, ସିକିମ୍ ଏବଂ ଉତ୍ତର-ପୂର୍ବ ଭାରତର କିଛି ଅଞ୍ଚଳରେ ମେ ୫ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସହ ବଜ୍ରପାତ ଏବଂ ଘଣ୍ଟାପ୍ରତି ୪୦-୬୦ କିଲୋମିଟର ବେଗରେ ପବନ ବୋହିବା ନେଇ ବିଭାଗ ସତର୍କ କରିଛି ।

**ଉତ୍ତର-ପଶ୍ଚିମ ଭାରତରେ ପ୍ରବଳ ବର୍ଷା ଓ ଝଡ଼ ଆଶଙ୍କା**

ତେବେ ଆଇଏମ୍‌ଡି ଉତ୍ତର-ପଶ୍ଚିମ ଭାରତର ସମତଳ ଅଞ୍ଚଳ ଏବଂ କେନ୍ଦ୍ରୀୟ ଭାରତରେ ପ୍ରବଳ ବର୍ଷା ଓ ଝଡ଼ ନିମନ୍ତେ ଆଲର୍ଟ ଜାରି କରିଛି । ଉତ୍ତର-ପଶ୍ଚିମ ଭାରତର ଏକ ବିଶାଳ ଅଂଶରେ ବ୍ୟାପକ ବର୍ଷା ଏବଂ ଝଡ଼ବର୍ଷା ଜାରି ରହିଛି । ବିଶେଷ କରି ରାଜସ୍ଥାନରେ ଏହି ପ୍ରକ୍ରିୟା ଅଧିକ ଘନୀଭୂତ ହୋଇଥିବା ବେଳେ ସେଠାରେ ପ୍ରବଳ ବର୍ଷା, ବଜ୍ରପାତ ଏବଂ ଜୋରରେ ପବନ ବହୁଥିବା ସୂଚନା ମିଳିଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଏହି ସିଷ୍ଟମ୍ ବର୍ତ୍ତମାନ ହରିୟାଣା, ପଞ୍ଜାବ ଏବଂ ଉତ୍ତର ପ୍ରଦେଶ ଉପରେ ପ୍ରଭାବ ପକାଉଛି ଏବଂ ଧୀରେ ଧୀରେ ମଧ୍ୟପ୍ରଦେଶର ଉତ୍ତର ଭାଗ ଆଡ଼କୁ ଗତି କରୁଛି । ବର୍ତ୍ତମାନ ଦିଲ୍ଲୀ-ଏନସିଆର ଅଞ୍ଚଳରେ ଆକାଶ ପ୍ରାୟତଃ ନିର୍ମଳ ଥିଲେ ହେଁ ପାଣିପାଗ ବିଜ୍ଞାନୀମାନେ ଝଡ଼ବର୍ଷା ନେଇ ସତର୍କ କରିଛନ୍ତି । ଏକ ବିଶାଳ ଏବଂ ସକ୍ରିୟ 'ଟ୍ରଫ୍' ବା ବାୟୁମଣ୍ଡଳୀୟ ଚାପରେଖା ଏହି ଅଞ୍ଚଳରେ ଶକ୍ତିଶାଳୀ ହେବାରେ ଲାଗିଛି । ଯାହା ଆରବ ସାଗର ଏବଂ ବଙ୍ଗୋପସାଗରରୁ ପ୍ରଚୁର ଜଳୀୟବାଷ୍ପପୂର୍ଣ୍ଣ ବାୟୁକୁ ଆକର୍ଷିତ କରୁଛି । ଏହି କାରଣରୁ ମେ' ୪ ରୁ ମେ' ୭ ତାରିଖ ମଧ୍ୟରେ ଅନେକ ଶକ୍ତିଶାଳୀ ପଶ୍ଚିମା ଝଡ଼ ସୃଷ୍ଟି ହେବାର ସମ୍ଭାବନା ରହିଛି । ଫଳରେ ସମଗ୍ର ଉତ୍ତର-ପଶ୍ଚିମ ଭାରତରେ ବ୍ୟାପକ ବର୍ଷା ଓ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗର ଏହି ପରିବର୍ତ୍ତନ ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କୁ ସରକାରୀ ପାଣିପାଗ ପୂର୍ବାନୁମାନ ଉପରେ ନଜର ରଖିବାକୁ ଏବଂ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

# ଆଧୁନିକ ମ୍ୟୁଜିକ୍ ଭିଡିଓ ‘ଛମ୍ ଛମ୍ ପାଉଁଜି’



‘ମଞ୍ଜୟ ଏଣ୍ଟରଟେନମେଣ୍ଟ’ ପ୍ରସ୍ତୁତ ଆଧୁନିକ ମ୍ୟୁଜିକ ଭିଡିଓ ‘ଛମ୍ ଛମ୍ ପାଉଁଜି’ର ଖୁବ୍‌ଶୀଘ୍ର ଶୁଭମୁକ୍ତି ହେବାକୁ ଯାଉଛି। ଏହାର ଗୀତ ଲେଖିଛନ୍ତି ସୁରଭି ଭଟ୍ଟ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସୁବାସ ରାମ୍। କଣ୍ଠଦାନ କରିଛନ୍ତି ଅଭିଜିତ୍ ପାଢ଼ୀ। ଏଥିରେ ଅଭିନୟ କରିଥିଛନ୍ତି ନବାଗତ ଅଭିଜିତ୍ ଓ ଇଲିଆନା । ଏହାର ପ୍ରଯୋଜନା ଭାର ନନ୍ଦିତା ଦାସ, ହେମଲତା ପାଢ଼ୀ ଓ ଗାୟତ୍ରୀ ମିଶ୍ର ନେଇଥିବା ବେଳେ ଚିତ୍ର ନିର୍ଦ୍ଦେଶନା ଦେଇଛନ୍ତି ନିବେଦନ। ମ୍ୟୁଜିକ ଭିଡିଓଟିର ରଙ୍ଗ ବିନ୍ୟାସ କରିଛନ୍ତି ମାନସ। ଚଳଚ୍ଚିତ୍ର ନିର୍ଦ୍ଦେଶକ ଏସ୍. ଦିଲ୍ଲୀପ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମିତ ଏହି ମ୍ୟୁଜିକ ଭିଡିଓଟିର ପରିକଳ୍ପନା ଓ କାର୍ଯ୍ୟନିର୍ବାହୀ ପ୍ରଯୋଜନା କରିଛନ୍ତି ଚିତ୍ରଶିଳ୍ପୀ ଓ କଥାକାର ସଂଜୟ ଭଟ୍ଟ। ■



# ମେ’ ୮ରେ ‘ଇସ୍କ ଟ୍ରାଫିକ୍’

ଚଳିତ ମାସ ୮ ତାରିଖରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା ‘ଇସ୍କ ଟ୍ରାଫିକ୍’। ‘ଗ୍ରୀନ୍ ଚିଲିଜ୍ ଏଣ୍ଟରଟେନମେଣ୍ଟ’ ନିବେଦିତ ଏହି ଚଳଚ୍ଚିତ୍ରର କାହାଣୀ ଓ ସଂଳାପ ରଚନା କରିଛନ୍ତି ଶୁଭ୍ରାଂଶୁ ବିଶ୍ୱାଳ। ସିନେମାଟି ମା’ ପୁଅଙ୍କ କାହାଣୀ ଉପରେ ଗତିଶୀଳ। ସଙ୍ଗୀତ ନିର୍ଦ୍ଦେଶନାରେ ଅସଦ ନିଜାମ୍ ଥିବା ବେଳେ ଏହାର ୭ଟି ଯାକ ଗୀତ ଖୁବ୍ ମନଛୁଆଁ । ଗୀତ ରଚନା କରିଛନ୍ତି ତପୁ ନାୟକ, ରଞ୍ଜନ ନାୟକ, ପୁଷ୍ପକ ପରିଡ଼ା ଏବଂ ଅସଦ ନିଜାମ୍। ସେହିପରି ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, କୁଲଦୀପ ପଟ୍ଟନାୟକ, ମଣ୍ଟୁ ଛୁରିଆ, ଅବିନାଶ, ସତ୍ୟଜିତ ପ୍ରଧାନ ଓ ଅସୀମା ପଣ୍ଡା। ରୋହନଜିତ ଦାସଙ୍କ ନିର୍ଦ୍ଦେଶିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ଅଭିନୟ କରିଚନ୍ତି ପପୁ ପମ୍ ପମ୍। ସେହିପରି ନବାଗତ ନାୟକ ଭାବେ ସିନେମାରେ ପାଦ ରଖିଛନ୍ତି ପ୍ରେମ । ସେହିପରି ସିନେମାର ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ପୁଷ୍ପା ପଣ୍ଡା, ମନସ୍ୱିନୀ ପତି, ମହାପ୍ରସାଦ କର, ପ୍ରିୟଙ୍କା, ଅର୍ପିତା ପ୍ରମୁଖ କଳାକାର। ■

# ଟେଲିଭିଜନ ପ୍ରିମିୟର ‘ଚକ୍ରାନ୍ତ’

ଆଜି ଅର୍ଥାତ ମେ’ ୩ ତାରିଖ ସନ୍ଧ୍ୟା ୬ଟା ୩୦ ମିନିଟରେ ଜୀ ସାର୍ଥକରେ ଟେଲିଭିଜନ ପ୍ରିମିୟର ହେବ ନୂଆ ଓଡ଼ିଆ କ୍ରାଇମ୍-ଥ୍ରୀଲର ଚଳଚ୍ଚିତ୍ର ‘ଚକ୍ରାନ୍ତ’। ଏହା ଜଣେ ସରଳ ନିରୀହ ଝିଅ ନୈନାର ସଂଘର୍ଷ, ସାହସ ଓ ନାରୀ ସଶକ୍ତିକରଣର ଏକ ପ୍ରେରଣାଦାୟକ କାହାଣୀ। ନିଜର ସ୍ୱପ୍ନ ପୂରଣ କରିବାକୁ ଭୁବନେଶ୍ୱର ଆସିଥିବା ଜଣେ ନିରୀହ ଗାଁ ଝିଅ କିପରି ଏକ ହତ୍ୟା ମାମଲାରେ ଫସିଯାଏ ଏବଂ ନିଜ ପ୍ରେମିକ ଦ୍ୱାରା ପ୍ରତାରିତ ହୋଇ ଏକୁଟିଆ ହୋଇଯାଏ, ତାହା ଏହି ଫିଲ୍ମରେ ଦର୍ଶାଯାଇଛି। ହେଲେ ନୈନା ହାରିଯାଏ ନାହିଁ, ତେବେ କ’ଣ ସେ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିପାରିବ? ପ୍ରେମ, ପ୍ରତାରଣା, ଅପରାଧ ଏବଂ ମାନସିକ ଷଡ଼ଯନ୍ତ୍ରର ଏହି ରହସ୍ୟମୟ ତଥା ରୋମାଞ୍ଚକର କାହାଣୀ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ ଯେପରି ପୂର୍ବରୁ ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ଦର୍ଶକଙ୍କ ମନ ଜିତିଥିଲା। ଦିଶା ପାଢ଼ୀଙ୍କ କାହାଣୀ, ସୌରଭ ପାଢ଼ୀଙ୍କ ପ୍ରଯୋଜନା ଏବଂ ପିନ୍ନୁ ନାୟକଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଛନ୍ତି ଶୁଭାଶିଷ ଶର୍ମା ଏବଂ ଭୂମିକା ଦାଶ। ଶୁଭାଶିଷଙ୍କ ଦମଦାର ଅଭିନୟ ଏବଂ ଭୂମିକାଙ୍କ ଭାବପୂର୍ଣ୍ଣ ପ୍ରଦର୍ଶନ ଫିଲ୍ମର ମୁଖ୍ୟ ଆକର୍ଷଣ। ଅନ୍ୟ ପ୍ରମୁଖ ଭୂମିକାରେ ହରିହର ମହାପାତ୍ର, ଜୟପ୍ରକାଶ ଚୌଧୁରୀ, ଶୁଭମ୍ ପାଢ଼ୀ ଓ ପ୍ରଦ୍ୟୁମ୍ନ ଲେଙ୍କା ନଜର ଆସିଛନ୍ତି। ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସ୍ୱର୍ଗତଃ ଅଭିଜିତ ମଜୁମଦାର। ■



# ବୁଣାକାରଙ୍କ କାହାଣୀ ‘ମେହେରମୁଣ୍ଡା’

‘ଜିଆର ରେକର୍ଡସ’ ବ୍ୟାନ୍‌ରରେ ନିର୍ମିତ ବୁଣାକାରଙ୍କ କାହାଣୀକୁ ନେଇ ଆସୁଛି ନୂଆ ଓଡ଼ିଆ ସିନେମା ‘ମେହେରମୁଣ୍ଡା’। ମେ’ ୧୫ ତାରିଖରେ ସିନେମାଟି ପ୍ରେକ୍ଷାଳୟକୁ ଆସିବ। ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଜ୍ୟୋତି ରଞ୍ଜନ ନାୟକ। ରାକେଶ କୁମାର ପାଢ଼ୀଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନାରେ ନିକୁଞ୍ଜ ହୋତା ଓ ସିନେମାଟୋଗ୍ରାଫିରେ ଶ୍ରୀକାନ୍ତ ପଟ୍ଟନାୟକ ରହିଛନ୍ତି। ଏହି ସିନେମା ମାଧ୍ୟମରେ ଭାରତର ୨୬ ଲକ୍ଷ ବୁଣାକାରଙ୍କ ଜୀବନ, ଜୀବିକା, ସଂଘର୍ଷର କାହାଣୀକୁ ରୂପେଲି ପରଦାକୁ ଆଣିବାକୁ ପ୍ରୟାସ କରାଯାଇଛି। ଏଥିରେ ରାକେଶ କୁମାର ପାଢ଼ୀ, ସୁଶାନ୍ତ ଦାସ ମହାପାତ୍ର, ଅର୍ଲିନ ଅଙ୍କିତା ଏବଂ ଅନନ୍ୟା ଦିଗଜ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ସିନେମାଟିକୁ ଦର୍ଶକୀୟ ଆଦୃତି ମିଳିବା ଆଶା କରାଯାଉଛି। ■



## ସାକ୍ଷାତକାର

**ନିଶା ଥିଲା ମଡେଲିଂ କରିବା । ହେଲେ ମଡେଲିଂ କରିବା ଭିତରେ ଅଭିନୟ କରିବା ପେସା ପାଲଟିଗଲା। ତେବେ ଏଇ ଅଭିନୟ ତାଙ୍କୁ ଦେଇଛି ଏକ ନୂଆ ପରିଚୟ। ସାରା ଓଡ଼ିଶାର ଅଗଣିତ ଦର୍ଶକଙ୍କ ହୃଦୟ ଜିଣୁଥିବା ଏହି ଅଭିନେତା ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ରେମୁଣାର ଜ୍ୟୋତି ପ୍ରକାଶ ପଣ୍ଡା। ‘ଆଶାର ଆକାଶ’ ଧାରାବାହିକ ଜରିଆରେ ଅଭିନୟରେ ପାଦ ଥାପିଥିବା ଜ୍ୟୋତି ଏଯାବତ୍ ୭ଟି ଧାରାବାହିକ, ୫୦ଟି ମ୍ୟୁଜିକ୍ ଭିଡିଓ ଏବଂ ତିନିଟି ଓଡ଼ିଆ ସିନେମାରେ କାମ କରିଛନ୍ତି। ଜ୍ୟୋତିଙ୍କ ଅଭିନୟ ଯାତ୍ରା ସଂପର୍କରେ ଜାଣିବା ତାଙ୍କ ମୁହଁରୁ।**

# “ଅଭିନେତା ହେବା ପାଇଁ ନିଷ୍ଠା ଦରକାର”

**ଜ୍ୟୋତିପ୍ରକାଶ ପଣ୍ଡା, ଅଭିନେତା**



**ମଡେଲିଂରୁ ଅଭିନୟ। ନୂଆ ଦିଗକୁ କାହିଁକି ବାଛିଲେ?**

● ଭବିଷ୍ୟତରେ କେବେ ଅଭିନେତା ହେବି ବୋଲି ଭାବି ନ ଥିଲି। ମଡେଲିଂ କରୁଥିଲି। ଏ କ୍ଷେତ୍ରରେ ବହୁତ ସାରା ନାଁ କରିଛି। ସେହି ସମୟରେ କିଛି ଜଣ ମୋତେ ଆତ୍ମବିଶ୍ୱାସ ଦେଲେ ଯେ, ମୁଁ ଭଲ ଅଭିନୟ କରିପାରିବି। ତେଣୁ ଅଭିନେତା ହେବା ଉଦ୍ଦେଶ୍ୟରେ ଅଡିସନ୍ ଦେଇଥିଲି। ପ୍ରଥମେ ଗୋଟିଏ ସିନେମାରେ ଛୋଟ ଭୂମିକାରେ ଅଭିନୟ କରିଥିଲି। ଦୁର୍ଭାଗ୍ୟବଶତଃ ସେହି ସିନେମା ଏତେ ଚାଲି ନଥିଲା। ‘ଆଶାର ଆକାଶ’ ମୋର ପ୍ରଥମ ଧାରାବାହିକ। ଏଥିରେ ମୁଁ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲି। ୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ ମୁଁ କାମ କରିଛି। ସେଥିମଧ୍ୟରୁ ‘ଅନୁତାପ’, ‘ପ୍ରେମ ଫଗୁଣ’, ‘ହେ ଈଶ୍ୱର’ ଆଦି ମ୍ୟୁଜିକ୍ ଭିଡିଓ ଲୋକପ୍ରିୟ ହୋଇଛି। ଅଭିନୟ ଜଗତରେ ତିଷ୍ଠି ରହିବାକୁ ବହୁତ ସଂଘର୍ଷ କରିବାକୁ ପଡ଼ିଛି।

**କେଉଁ ଧାରାବାହିକ ଆପଣଙ୍କୁ ପରିଚୟ ଦେଇଛି?**

● ଆଜି ପର୍ଯ୍ୟନ୍ତ ମୁଁ ସାତଟି ଧାରାବାହିକରେ ଅଭିନୟ କରିଛି। ତନ୍ମଧ୍ୟରୁ ‘ତୋ ଅଗଣାର ତୁଳସୀ ମୁଁ’ ଧାରାବାହିକର ‘ଆୟୁଷ’ ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି। ବର୍ତ୍ତମାନ ‘ମୁଁ ନୁହେଁ ମୁଁ ତୁମ ବିନା’ ଧାରାବାହିକରେ ‘ସାଇ’ ଚରିତ୍ରରେ ଅଭିନୟ କରୁଛି। ଏହା ସମ୍ପୂର୍ଣ୍ଣ ଏକ ପ୍ରେମ କାହାଣୀ। ଏବେ ନୂଆ ନୂଆ ଆରମ୍ଭ ହୋଇଛି। ଏଥିରେ ମୋ ବିପକ୍ଷରେ ଅଛନ୍ତି ମାନ୍‌ସୀ ପାଲ। ଦର୍ଶକ ଭଲ ପାଇବା ଦେଉଛନ୍ତି ଆଗକୁ ମଧ୍ୟ ଦେବେ।

**ପ୍ରଥମ ପାରିଶ୍ରମିକରେ କ’ଣ କରିଥିଲେ?**

● ପ୍ରଥମ ପାରିଶ୍ରମିକରେ ମା’ଙ୍କୁ ଶାଢ଼ି ଉପହାର ଦେଇଥିଲି।

**କେଉଁ ଅଭିନେତ୍ରୀଙ୍କ ସହ କାମ କରିବାକୁ ଭଲ ଲାଗେ?**

● ଯେତେ ଅଭିନେତ୍ରୀଙ୍କ ସହିତ କାମ କରିଛି କୌଣସି ସମସ୍ୟା ହୋଇନାହିଁ। ହେଲେ ମାନ୍‌ସୀଙ୍କ ସହ ୩ଟି ପ୍ରୋଜେକ୍ଟରେ କାମ କରିଥିବାରୁ ତାଙ୍କ ସହିତ ମୁଁ ବେଶୀ କମ୍ଫର୍ଟ ଅନୁଭବ କରେ।

**ଖରାଦିନେ ଆଉଟ୍‌ଡୋର୍ ସୁଟିଂ ପାଇଁ ସମସ୍ୟା ହୁଏ?**

● ଜଣେ କଳାକାର ପାଇଁ ଖରା, ବର୍ଷା କିଛି ମାନେ ରଖେନି। ଖରାଦିନେ ଆଉଟ୍‌ଡୋର୍ ହେଉ କି ଘର ଭିତରେ ବ୍ଲେଜର ସୁଟ୍ ଆଦି ପିନ୍ଧି ସୁଟିଂ କରିବାକୁ ପଡ଼ିଥାଏ। ଗରମ ସାଙ୍ଗକୁ ଟେକ୍ ଭାରି କଷ୍ଟ ଲାଗେ।

**ଜ୍ୟୋତିଙ୍କ ଫିଟ୍‌ନେସ୍ ରାଜ୍ କ’ଣ?**

● ସୁସ୍ଥ ରହିବାକୁ ମୁଁ ପିଜା, ବର୍ଗର, ଜଙ୍କଫୁଡ୍ ନ ଖାଇ ଘରୋଇ ସନ୍ତୁଳିତ ଖାଦ୍ୟ ଖାଏ। ପ୍ରଚୁର ପରିମାଣର ପାଣି ପିଏ। ସମୟ ମିଳିଲେ ଶାରୀରିକ ବ୍ୟାୟାମ କରେ। ଏହି ଲାଇନ୍‌ରେ କାମ କଲେ କେତେବେଳେ ସୁଟିଂ ଯାଉ ଆଉ ଆସୁ ତାହା ଜଣା ପଡ଼େନି। ତେଣୁ ଯେବେ ବି ସମୟ ମିଳେ ମୁଁ ମୋ ନିଜକୁ ସମୟ ଦିଏ।

**ଅଭିନୟ ଓ ମଡେଲିଂକୁ ବାଦ୍ ଦେଲେ ଆଉ କେଉଁଥିରେ ରୁଚି ରହିଛି?**

● ବ୍ୟବସାୟ।

**ଆଗାମୀ ଯୋଜନା?**

● ‘ସନମ ତୁ ସୁହାନା’, ‘ତୃଷ୍ଣା’ ପରି କିଛି ସିନେମାରେ କରିଥିଲି। କିନ୍ତୁ ଭବିଷ୍ୟତରେ ବଡ଼ ପ୍ରୋଜେକ୍ଟ ସିନେମାରେ ଅଭିନୟ କରିବାକୁ ଇଚ୍ଛା ଅଛି।

**ଅନେକ ପ୍ରତିଭାଶାଳୀ ପିଲା ଅଭିନୟ ଜଗତକୁ ଆସିବା ପାଇଁ ଚାହୁଁଛନ୍ତି ସେମାନଙ୍କୁ କ’ଣ କହିବେ?**

● କାହାର କେତେବେଳେ ଭାଗ୍ୟ ଫିଟିବ କିଛି କହିହେବ ନାହିଁ। ତେଣୁ କାମକୁ ଗୁରୁତ୍ୱ ଦେଇ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିବ। ଯଦି କଳାକାର ହେବାକୁ ଅଛି ଜିଦ୍ ରଖନ୍ତୁ। ବାରମ୍ବାର ଅଡିସନ୍‌ରୁ ବିଫଳ ହେଲେ ବି ଆଉ ଥରେ ଅଡିସନ୍ ଦିଅନ୍ତୁ। ନିଜ କାମ ପାଇଁ ନିଷ୍ଠା ଆଉ ପାଗଳାମି ଗୁଣ ରହିବା ନିହାତି ଆବଶ୍ୟକ। ଏହାଦ୍ୱାରା ଜଣେ ତା’ର ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବ। ■

ପରଦା ପଛର କାହାଣୀ

# ଗାଳି ପାଇଁ ଜଳଖିଆ ନ ଖାଇ ସପ୍ତାହେ ସୁଟିଂ

୨୦୦୧ ମସିହାରେ ମୁକ୍ତିଲାଭ କରିଥିଲା ସୁପରହିଟ୍ ଫିଲ୍ମ ‘ଲଗାନ’। ବଲିଉଡ୍‌ର କ୍ଲଟ୍ କ୍ଲାସିକ୍ ଫିଲ୍ମ ମଧ୍ୟରୁ ଏହା ଅନ୍ୟତମ। ଏହି ଚଳଚ୍ଚିତ୍ରରେ ଅମିର ଖାନ୍ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ଏହାର ପ୍ରଯୋଜକ ମଧ୍ୟ ସେ ଥିଲେ। ନିକଟରେ ଅମିର ଖାନ୍ ‘ଲଗାନ’କୁ ନେଇ ରୋଚକୀୟ କଥା ପ୍ରକାଶ କରିଛନ୍ତି। ଏହି ଫିଲ୍ମ ପାଇଁ ନିୟମିତ ସହ ନିର୍ଦ୍ଦେଶିକା ରୀମା କାଗତୀଙ୍କଠାରୁ ତାଙ୍କୁ ଗାଳି ଶୁଣିବାକୁ ପଡୁଥିଲା। ଏପରିକି ସେ ସପ୍ତାହେ ପର୍ଯ୍ୟନ୍ତ ଜଳଖିଆ ନ ଖାଇ ସୁଟିଂ କରିଥିଲେ। ଅମିରଙ୍କ କହିବାନୁଯାୟୀ ତାଙ୍କ କ୍ୟାରିୟରରେ ସବୁଠୁ ସ୍ମରଣୀୟ ଘଟଣା ମଧ୍ୟରୁ ଏହା ଗୋଟିଏ। ଆଶୁତୋଷ ଗୋବାରିକରଙ୍କ ନିର୍ମିତ ଫିଲ୍ମରେ ସେ ଷ୍ଟାର୍‌ଡମ୍‌ଠୁ ଅଧିକ ସମୟ ଏବଂ ନିୟମକୁ ଗୁରୁତ୍ୱ ଦେଉଥିଲେ। ତେଣୁ ବଡ଼ ଷ୍ଟାର୍‌କାଷ୍ଟ ଥିବାରୁ କଳାକାରଙ୍କ ସମୟକୁ ନେଇ ଅଧିକ କଡ଼ାକଡ଼ି କରାଯାଉଥିଲା। ରୀମା ଏହି ଫିଲ୍ମରେ ଦ୍ୱିତୀୟ ସହ ନିର୍ଦ୍ଦେଶିକା ଥିଲେ। ସେଟ୍‌ରେ କିଏ କେତେବେଳେ ପହଞ୍ଚିବେ, ପ୍ରସ୍ତୁତ ହେବେ, ଜଳଖିଆ କରିବେ ଆଦି ଟିଖିନିଖି ସେ କଥା ବୁଝୁଥିଲେ। ନିଜ ଧିମା କାର୍ଯ୍ୟଶୈଳୀ ଯୋଗୁଁ ତାଙ୍କଠୁ ଅମିରଙ୍କୁ ଅନେକ ଥର ଗାଳି ଶୁଣୁଥିଲେ। ତେଣୁ ଜଳଖିଆ ଖାଇବା ପାଇଁ ତାଙ୍କୁ ୧୫ ମିନିଟ୍ ଆଗରୁ ଡକାଯାଉ ବୋଲି ସେ ରୀମାଙ୍କୁ କହିଥିଲେ। ହେଲେ ରୀମା ତାଙ୍କୁ ସଫା ସଫା ମନା କରି ଦେଇଥିଲେ। କେବଳ ଅମିରଙ୍କ ପାଇଁ ହେୟାର୍ ଏବଂ ମେକ୍‌ଅପ୍ ଟିମ୍ ୧୫ ମିନିଟ୍ ଆଗୁଆ ଆସିପାରିବେନି ବୋଲି କହିଥିଲେ। ସେ ସମୟରେ ଅମିରଙ୍କୁ ସାମାନ୍ୟ ଖରାପ ଲାଗିଥିଲା। ଜଣେ ଦ୍ୱିତୀୟ ସହ ନିର୍ଦ୍ଦେଶିକା ହୋଇ ରୀମା ତାଙ୍କୁ ଏଭଳି କିପରି ଗାଳି କରିପାରିବେ। ହେଲେ ରୀମାଙ୍କ ପାଇଁ ଅମିର କେବଳ ଜଣେ କଳାକାର ହିଁ ଥିଲେ। ତେଣୁ ଠିକ୍ ସମୟ ଅନୁସାରେ ସେ ପ୍ରସ୍ତୁତ ହୁଅନ୍ତୁ ବୋଲି ରୀମା ଚାହୁଁଥିଲେ। ତେବେ ଅମିର ଖାନ୍ ରାଗି ଜଳଖିଆ ଖାଇବା ଛାଡ଼ି ଦେବେ ବୋଲି କହିଥିଲେ। ଏହା ସତ୍ତ୍ୱେ ରୀମା ରୋକ୍‌ଠୋକ୍ ଜବାବ ଦେଇ ମିଷ୍ଟର୍ ପରଫେକ୍ଟନିଷ୍ଟଙ୍କୁ କହିଥିଲେ “ଭଲ ହେବ ତୁମେ ସମୟ ଅନୁସାରେ ପ୍ରସ୍ତୁତ ହୋଇଗଲେ।” ଏଥିପାଇଁ ଅମିର ଏକ ସପ୍ତାହ ସୁଟିଂ ସାରି ଜଳଖିଆ ଖାଇବାକୁ ପହଞ୍ଚୁ ଥିଲେ। ଅବଶ୍ୟ ଏହାପରେ ସେ ପୁଣି ନିଜ ପୂର୍ବାବସ୍ଥାକୁ ଫେରିଥିଲେ। ■



## ମହିଳା ଟି-୨୦ ବିଶ୍ୱକପ୍: ଜୁନ୍ ୧୨ରୁ ଜୁଲାଇ ୫

# ଭାରତୀୟ ଦଳରେ ନବାଗତା ନନ୍ଦିନୀ




ମୁମ୍ବଇ,୨।୫(ଏଜେନ୍ସି): ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନଥିବା ଫାଷ୍ଟ ବୋଲର ନନ୍ଦିନୀ ଶର୍ମାଙ୍କୁ ମହିଳା ଟି-୨୦ ବିଶ୍ୱକପ୍ ଲାଗି ଘୋଷିତ ଭାରତୀୟ ଦଳରେ ସାମିଲ କରାଯାଇଛି। କ୍ରମାଗତ ୫ମଥର ଲାଗି ହରମନପ୍ରୀତ କୌର ଭାରତୀୟ ଦଳର ନେତୃତ୍ୱ ନେଉଥିଲାବେଳେ ଘୋଷଣା କରାଯାଇଥିବା ୧୫ ଜଣିଆ ଦଳରେ ୱିକେଟ ରକ୍ଷକ ଯାସ୍ତିକା ଭାଟିଆ ଓ ସ୍ପିନ୍ ବୋଲିଂ ଅଲରାଉଣ୍ଡର ରାଧା ଯାଦବଙ୍କୁ ସାମିଲ କରାଯାଇଛି। ଇଂଲଣ୍ଡରେ ଏହି ବିଶ୍ୱକପ୍ ଚଳିତବର୍ଷ ଜୁନ୍ ୧୨ରୁ ଜୁଲାଇ ୫ ତାରିଖଯାଏ ଖେଳାଯିବ। ଚଣ୍ଡିଗଡର ଏହି ୨୪ ବର୍ଷିୟା ବୋଲର ନନ୍ଦିନୀ ମହିଳା ପ୍ରିମିୟର ଲିଗ୍‌ର ପ୍ରଥମ ସିଜନରେ ସର୍ବାଧିକ ୧୭ଟି ୱିକେଟ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିକଟରେ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ ୧-୪ରେ ଶୋଚନୀୟ ଭାବେ ସିରିଜ୍‌ରେ ପରାଜିତ ହୋଇଥିବା ଭାରତୀୟ ଦଳରୁ ୪ଜଣ ଖେଳାଳିଙ୍କୁ ବାଦ୍ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ଫାଷ୍ଟ ବୋଲି କାଶଭୀ ଗୌତମ ଆହତ ହୋଇଥିବାରୁ ତାଙ୍କ ନାମ ବିଚାରକୁ ନିଆଯାଇନାହିଁ। ଅନୁଷ୍କା ଶର୍ମା ଓ ୱିକେଟରକ୍ଷକ ଉମା ଛେତ୍ରୀଙ୍କୁ ସ୍ଥାନ ମିଳିନାହିଁ।

ମୁମ୍ବଇରେ ଆଜି ଅନୁଷ୍ଠିତ ଜାତୀୟ ସିନିଅର ଚୟନ କମିଟି ବୈଠକ ପରେ ଏହା ଆଜି ଘୋଷଣା କରାଯାଇଛି। ଏହି ଦଳ ମଧ୍ୟ ବିଶ୍ୱକପ୍ ପୂର୍ବରୁ ଖେଳାଯିବାକୁ ଥିବା ଟି-୨୦ ସିରିଜ୍‌ରେ ଖେଳିବେ ବୋଲି ଚୟନ କମିଟି ଅଧ୍ୟକ୍ଷା ଅମିତା ଶର୍ମା ଘୋଷଣା କରିଛନ୍ତି। ଅଲରାଉଣ୍ଡର ରାଧା ଯାଦବଙ୍କୁ ସାମିଲ କରାଯିବା ପରେ ଭାରତର ସ୍ପିନ୍ ଆକ୍ରମଣ ଶକ୍ତ ହୋଇଛି। ଏବେ ଦଳରେ ୪ଜଣ ସ୍ପିନର ରହିଛନ୍ତି। ଅନ୍ୟ ୩ଜଣ ହେଲେ ଦୀପ୍ତି ଶର୍ମା, ଶ୍ରୀ ଚରଣି ଓ ଶ୍ରେୟଙ୍କା ପାଟିଲ। ଏହି ୩ଜଣ ଯାକ ସ୍ପିନର ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ରେ ସଫଳ ହୋଇଥିଲେ।

୫୦ ଓଭର ବିଶିଷ୍ଟ କ୍ରିକେଟରେ ଏବେ ଭାରତ ଚାମ୍ପିଅନ ହୋଇଛନ୍ତି। କିନ୍ତୁ ଟି-୨୦ କ୍ରିକେଟରେ ଭାରତର ପ୍ରଦର୍ଶନ ଏତେ ଭଲ ହୋଇପାରି ନାହିଁ। ଗତ ଟି-୨୦ ବିଶ୍ୱକପ୍ ପରଠାରୁ ଭାରତ ଏଯାଏ ୨୧ଟି ମ୍ୟାଚ୍ ଖେଳି ମାତ୍ର ୧୩ଟିରେ ବିଜୟୀ ହୋଇଛି। ଏହାମଧ୍ୟରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ୍ ବିଜୟ ରହିଛି। କିନ୍ତୁ ଚଳିତବର୍ଷ ୮ଟି ମ୍ୟାଚ୍ ଖେଳି ମାତ୍ର ୩ଟିରେ ଜିତିଛି। ଏହା ମଧ୍ୟରୁ ନିକଟରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ଭାରତ ୪ଟି ମ୍ୟାଚ୍‌ରେ ହାରିଛି। ଚଳିତ ବିଶ୍ୱକପ୍‌ରେ ଭାଗ ନେଇଥିବା ୧୨ଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ଅନ୍ୟ ସହ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ଏହା ପରେ ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଭାରତ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଜୁନ୍ ୧୪ରେ ପାକିସ୍ତାନ ସହ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଏହି ଗ୍ରୁପ୍‌ରେ ନେଦରଲାଣ୍ଡସ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ଅଷ୍ଟ୍ରେଲିଆକୁ ସ୍ଥାନ ମିଳିଛି।

**ଘୋଷିତ ଭାରତୀୟ ଦଳ:** ହରମନ୍‌ପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ୍, ଦୀପ୍ତି ଶର୍ମା, ରିଚା ଘୋଷ (ୱିକେଟରକ୍ଷକ), ଯାସ୍ତିକା ଭାଟିଆ (ୱିକେଟରକ୍ଷକ), ଅରୁନ୍ଧତି ରେଡ୍ଡୀ, ରେଣୁକା ଠାକୁର, କ୍ରାନ୍ତି ଗୌଡ଼, ଶ୍ରୀ ଚରଣି, ଶ୍ରେୟଙ୍କା ପାଟିଲ, ରାଧା ଯାଦବ, ଭାରତୀ ଫୁଲମାଳି ଓ ନନ୍ଦିନୀ ଶର୍ମା।

**ଭାରତର ଖେଳସୂଚୀ:** ୧୪।୬ ବନାମ ପାକିସ୍ତାନ, ଏଜ୍‌ବାଷ୍ଟନ, ୧୭।୬ ବନାମ ନେଦରଲାଣ୍ଡସ, ଲିଡ୍ସ, ୨୧।୬ ବନାମ ଦକ୍ଷିଣ ଆଫ୍ରିକା, ଓଲ୍ଡ ଟ୍ରାଫୋର୍ଡ, ୨୫।୬ ବନାମ ବାଂଲାଦେଶ, ଓଲ୍ଡ ଟ୍ରାଫୋର୍ଡ, ୨୮।୬ ବନାମ ଅଷ୍ଟ୍ରେଲିଆ।

# ମୁମ୍ବଇକୁ ପୁଣି ହରାଇଲା ସିଏସ୍‌କେ



ଚେନ୍ନଇ, ୨।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ମୁମ୍ବଇ ଇଣ୍ଡିଆନ୍ସକୁ ପୁଣିଥରେ ମାତ୍ ଦେଇଛି ଘରୋଇ ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସକେ)। ଶନିବାର ରାତିରେ ସ୍ଥାନୀୟ ଏମ୍ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ଲିଗ୍‌ର ୪୪ତମ ମ୍ୟାଚରେ ଚେନ୍ନଇ ୮ ୱିକେଟରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ମୁମ୍ବଇକୁ ପରାସ୍ତ କରିଛି। ଏଥିପୂର୍ବରୁ ଦୁଇଦଳ ମଧ୍ୟରେ ଏପ୍ରିଲ ୨୩ରେ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ମଧ୍ୟ ଚେନ୍ନଇ ୧୦୩ ରନରେ ଜିତିଥିଲା। ଆଜିର ବିଜୟ ସହ ଚେନ୍ନଇ ୯ମ ମ୍ୟାଚରୁ ୮ ପଏଣ୍ଟ ପାଇ ୬ଷ୍ଠ ସ୍ଥାନକୁ ଉଠିଛି। ଅପରପକ୍ଷରେ ମୁମ୍ବଇ ୯ମ ମ୍ୟାଚରୁ ୭ମ ପରାଜୟବରଣ ସହ ୯ମ ସ୍ଥାନରେ ସ୍ଥିର ରହିଛି।

**ଗାଏକୱାଡ-କାର୍ତ୍ତିକ ଜିତାଇଲେ:** ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବଇ ୭ ୱିକେଟରେ ୧୫୯ ରନର ଛୋଟିଆ ସ୍କୋର କରିଥିଲା। ଏହି ଲକ୍ଷ୍ୟକୁ ପିଛା କରିଥିବା ସୁପର୍ କିଙ୍ଗ୍‌ସ ଅଧିନାୟକ ତଥା ଓପନର୍ ଋତୁରାଜ ଗାଏକୱାଡ ଓ କାର୍ତ୍ତିକ ଶର୍ମାଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ବଳରେ ୧୮.୧ ଓଭରରେ ୨ ୱିକେଟ୍ ହରାଇ ବିଜୟ ଲାଭ କରିଥିଲା। ଅଧିନାୟକ ଗାଏକୱାଡ ୪୮ ବଲରେ ୬୭ ରନ (୫ ଚୌକା ଓ ୨ ଛକା) ଓ କାର୍ତ୍ତିକ ୪୦ ବଲରେ ୫୪ ରନ କରିଥିଲେ। ପ୍ରଥମ ଆଇପିଏଲ୍ ଅର୍ଦ୍ଧଶତକ ହାସଲ କରିଥିବା କାର୍ତ୍ତିକ ଏହି ପାଳିରେ ୪ଚୌକା ଓ ୩ ଛକା ମାରିଥିଲେ। ଅସମାପ୍ତ ୩ୟ ୱିକେଟ ଭାଗୀଦାରିରେ ଏହି ଦୁଇ ବ୍ୟାଟର୍ ୭୫ ବଲରୁ ୯୮ ରନ ଉଠାଇ ବିଜୟ ସହଜ କରିଦେଇଥିଲେ। ପୂର୍ବରୁ ଓପନର୍ ସଞ୍ଜୁ ସାମସନ ୯ ବଲରେ ୧୧ ରନ ଓ ଉର୍ବିଲ ପଟେଲ ୧୨ ବଲରେ ୨୪ ରନ କରି ଆଉଟ୍ ହୋଇଥିଲେ। ଯଶପ୍ରୀତ୍ ବୁମରା ଓ ଆଲ୍ଲା ଗଜନଫର ଗୋଟିଏ ଲେଖାଏ ୱିକେଟ ପାଇଥିଲେ। ପୂର୍ବରୁ ଟସ୍ ଜିତି ବ୍ୟାଟିଂ କରିଥିବା ମୁମ୍ବଇ ପାଇଁ ଏକମାତ୍ର ବ୍ୟାଟର୍ ଭାବେ ନମନ ଧୀର ୫୭ ରନର ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିୟାନ ରିକ୍ଲେଟନ ୩୭, ସୂର୍ଯ୍ୟକୁମାର ଯାଦବ ୨୧, ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟ ୨୩ ବଲରେ ୧୮, ତିଲକ ବର୍ମା ଓ ରବିନ ମିଞ୍ଜ ୫ ରନ ଲେଖାଏ କରି ଆଉଟ୍ ହୋଇଥିଲେ।

**ଆଜିର ଆଇପିଏଲ୍ ମ୍ୟାଚ୍**

| ହାଇଦରାବାଦ ବନାମ କୋଲକାତା | ଗୁଜରାଟ ବନାମ ପଞ୍ଜାବ |
|---|---|
| ଭେନ୍ୟୁ-ହାଇଦରାବାଦ | ଭେନ୍ୟୁ-ଅହମ୍ମଦାବାଦ |
| ଖେଳ ଆରମ୍ଭ : ଅପରାହ୍ନ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

# ହାଇସ୍କୋରିଂ ଗେମ୍‌ରେ ହାରିଲା ରାଜସ୍ଥାନ

ଜୟପୁର,୨।୫(ଏଜେନ୍ସି): ଘରୋଇ ମାଟିରେ ରାଜସ୍ଥାନ ରୟାଲ୍ସ ଦ୍ୱିତୀୟଥର ହାଇସ୍କୋରିଂ ମ୍ୟାଚ୍‌ରେ ପରାଜିତ ହୋଇଛି। ମେ ୧ ତାରିଖ ଏଠାରେ ଖେଳାଯାଇଥିବା ୪୩ତମ ଲିଗ୍ ମ୍ୟାଚ୍‌ରେ ଲୋକେଶ ରାହୁଲଙ୍କ ବିସ୍ଫୋରକ ୭୫ ରନ୍ ସହାୟତାରେ ଦିଲ୍ଲୀ କ୍ୟାପିଟାଲ୍ସ ୨୨୬ ରନ୍‌ର ଟାର୍ଗେଟ୍‌କୁ ୫ଟି ବଲ ଓ ୭ଟି ୱିକେଟ ବାକିଥାଇ ହାସଲ କରିନେଇଥିଲା। ସୱାଇ ମାନସିଂ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଧିନାୟକ ରିୟାନ ପରାଗ ୫୦ବଲ୍‌ରେ ୯୦ ଓ ଡୋନୋଭାନ ଫେରେରାଙ୍କ ୧୪ବଲ୍‌ରେ ଅପରାଜିତ ୪୭ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ୬ ୱିକେଟରେ ୨୨୫ ରନ୍ କରିଥିଲା। ପ୍ରତିପକ୍ଷ ଦଳର ମିଚେଲ ଷ୍ଟାର୍କଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୯.୧ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୨୨୬ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ପାଥୁମ୍ ନିଶାଙ୍କା ଓ ରାହୁଲ ପ୍ରଥମ ୱିକେଟରେ ୫୭ବଲ୍‌ରୁ ୧୧୦ ରନ୍ ଉଠାଇ ବିଜୟର ମୂଳଦୁଆ ପକାଇଥିଲେ। ନିଶାଙ୍କା ୩୩ ବଲ୍‌ରେ ୬୨ ରନ୍ ଉଠାଇ ଆରମ୍ଭରୁ ଆକ୍ରମଣ କରିଥିଲେ। ନିଶାଙ୍କା, ରାହୁଲ ଓ ରାଣା ୧୭୭ ରନ୍‌ରେ ଆଉଟ ହେବା ପରେ ଟ୍ରିଷ୍ଟାନ ଷ୍ଟବସ୍ ଓ ଆଶୁତୋଷ ଶର୍ମା ଅବିଭକ୍ତ ୪ର୍ଥ ୱିକେଟରେ ୨୩ ବଲ୍‌ରୁ ୪୯ ରନ୍ ଉଠାଇ ଦଳକୁ ହଜ ବିଜୟ ଦେଇଥିଲେ। ଏଠାରେ ରାଜସ୍ଥାନ ଖେଳିଥିବା ପୂର୍ବ ମ୍ୟାଚ୍‌ରେ ମଧ୍ୟ ୨୨୮ ରନ୍‌ର ଟାର୍ଗେଟ୍‌କୁ ଡିଫେଣ୍ଡ କରିପାରି ନ ଥିଲା। ଏହି ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍ ଇଶାନ କିଶାନଙ୍କ ୩୧ ବଲ୍‌ରେ ୭୪ ରନ୍‌ର ଇନିଂସ ବଳରେ ଏହି ମ୍ୟାଚ୍ ଜିତିଥିଲା। ସୂର୍ଯ୍ୟବଂଶୀଙ୍କ ୩୭ବଲ୍‌ରେ ୧୦୩ ରନ୍ କିଛି କାମ ଦେଇ ନ ଥିଲା।

**ଆଇପିଏଲ୍ ପଏଣ୍ଟ ଟେବଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆରଆର୍ |
|---|---|---|---|---|---|---|
| ପଞ୍ଜାବ | ୮ | ୬ | ୧ | ୧ | ୧୩ | +୧.୦୪୩ |
| ବେଙ୍ଗାଲୁରୁ | ୯ | ୬ | ୩ | ୦ | ୧୨ | +୧.୪୨୦ |
| ହାଇଦରାବାଦ | ୯ | ୬ | ୩ | ୦ | ୧୨ | +୦.୮୩୨ |
| ରାଜସ୍ଥାନ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ | ୯ | ୫ | ୪ | ୦ | ୧୦ | -୦.୧୯୨ |
| ଚେନ୍ନଇ | ୯ | ୪ | ୫ | ୦ | ୮ | +୦.୦୦୫ |
| ଦିଲ୍ଲୀ | ୯ | ୪ | ୫ | ୦ | ୮ | -୦.୮୯୫ |
| କୋଲକାତା | ୮ | ୨ | ୫ | ୧ | ୫ | -୦.୭୫୧ |
| ମୁମ୍ବଇ | ୯ | ୨ | ୭ | ୦ | ୪ | -୦.୮୦୩ |
| ଲକ୍ଷ୍ନୌ | ୮ | ୨ | ୬ | ୦ | ୪ | -୧.୨୦୬ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

## ଓସିଏ ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

# ଖୋର୍ଦ୍ଧାକୁ ହରାଇ ଭୁବନେଶ୍ୱର-ଏ ଚାମ୍ପିଅନ




ଭୁବନେଶ୍ୱର, ୨।୫ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ରେଭେନସା ଗ୍ରାଉଣ୍ଡରେ ଖେଳାଯାଇଥିବା ଲୋ-ସ୍କୋରିଂବିଶିଷ୍ଟ ଫାଇନାଲ ମ୍ୟାଚରେ ଭୁବନେଶ୍ୱର-ଏ ୧୦ ୱିକେଟ୍‌ରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଖୋର୍ଦ୍ଧା ପ୍ରତିପକ୍ଷ ଶୁଭମ ପରିଡ଼ାଙ୍କ ବୋଲିଂକୁ ସାମ୍ନା କରି ନ ପାରି ୨୮.୧ ଓଭରରେ ମାତ୍ର ୬୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସାରାଂଶ ତିୱାରୀ ସର୍ବାଧିକ ୧୭ ରନ କରିଥିଲେ। ଶୁଭମ ୧୬ ରନ ବ୍ୟୟରେ ୬ଟି ୱିକେଟ୍ ନେଇ ଖୋର୍ଦ୍ଧାର ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଜବାବରେ ଭୁବନେଶ୍ୱର-ଏ ୯.୪ ଓଭରରେ କୌଣସି ୱିକେଟ ନ ହରାଇ ସହଜରେ ବିଜୟୀ ହୋଇଥିଲା।

ବିଜୟୀ ଦଳର ଶ୍ରେୟାଂଶ ବିଧାର ୨୪ଟି ବଲରେ ୪୫ ରନର ଉପଯୋଗୀ ପାଳି ଖେଳିଥିଲେ। ଶୁଭମ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସଦସ୍ୟ ଡ. ଅଞ୍ଜନ କୁମାର ଖୁଣ୍ଟିଆ, ଶୁଭକାନ୍ତ ମହାନ୍ତି, ଅମିତ୍ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏପ୍ରିଲ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ୩୭ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲକୁ ମିଶାଇ ମୋଟ୍ ୧୦୩ଟି ମ୍ୟାଚ୍ ଖେଳାଯାଇଥିଲା।

## ଶେଷ ଟି-୨୦ ଜିତି ସିରିଜ ଡ୍ର' ରଖିଲା ନ୍ୟୁଜିଲାଣ୍ଡ

ଢାକା, ୨।୫ (ଏଜେନ୍ସି): ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ତିନି ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଶେଷରେ ୧-୧ରେ ଡ୍ର'ରେ ସମାପ୍ତ ହୋଇଛି। ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଥିଲା। ବର୍ଷା ବାଧାପ୍ରାପ୍ତ ଏହି ମୁକାବିଲାକୁ ନ୍ୟୁଜିଲାଣ୍ଡ ଡିଏଲ୍ ପଦ୍ଧତିରେ ୬ ୱିକେଟ୍‌ରେ ବିଜୟୀ ହୋଇଥିଲା। ପୂର୍ବରୁ ଘରୋଇ ବାଂଲାଦେଶ ପ୍ରଥମ ଟି-୨୦କୁ ୬ ୱିକେଟ୍‌ରେ ଜିତିଥିବାବେଳେ ଦ୍ୱିତୀୟ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ଶନିବାର ଅନୁଷ୍ଠିତ ଶେଷ ଟି-୨୦ ବର୍ଷା ଲାଗି ୧୫ ଓଭରବିଶିଷ୍ଟ ହୋଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ୧୪.୨ ଓଭରରେ ୧୦୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ତୋହିଦ ହ୍ରିଦୟ ୩୩ ଓ ଅଧିନାୟକ ଲିଟନ ଦାସ ୨୬ ରନ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡର ଜୋଶ କ୍ଲାର୍କସନ ୩ ଏବଂ ନାଥମ ସ୍ମିଥ ଓ ବେନ୍ ସିଅର୍ସ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ବେଭାନ ଜ୍ୟାକବ୍ସ (୩୧ ବଲରେ ଅପରାଜିତ ୬୨ ରନ)ଙ୍କ ଅର୍ଦ୍ଧଶତକ ବଳରେ ୧୧.୪ ଓଭରରେ ୪ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

## ୯ ବର୍ଷରୁ କମ୍ ରାଜ୍ୟ ଚେସ୍ : ସ୍ନେହସ୍ମିତା, ପ୍ରଜ୍ଞାନ ଓ ରିୟାଂଶ ଅଗ୍ରଣୀ



ଭୁବନେଶ୍ୱର,୨।୫ (ସମିସ): କଟକର ସ୍ନେହସ୍ମିତା ରାମ ବାଳିକା ବିଭାଗରେ ଏକକ, ଖୋର୍ଦ୍ଧାର ପ୍ରଜ୍ଞାନ ମିଶ୍ର ଓ ସୁନ୍ଦରଗଡ଼ର ରିୟାଂଶ ଅଗରୱାଲ ମିଳିତ ଭାବେ ବାଳକ ବିଭାଗ ରାଜ୍ୟ ୯ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ଅଗ୍ରଣୀ ନେଇଛନ୍ତି। ସ୍ନେହସ୍ମିତା ପ୍ରଥମ ୬ ରାଉଣ୍ଡରୁ ୬ ପଏଣ୍ଟ ପାଇଥିଲାବେଳେ ତାଙ୍କ ପଛକୁ ୨ଜଣ ଖେଳାଳି ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେମାନେ ହେଲେ ଖୋର୍ଦ୍ଧାର ଦେବାଂଶୀ ସାହୁ ଓ ଏଲିନା ମିଶ୍ର। ବାଳକ ବା ଓପନ କାଟାଗୋରୀରେ ପ୍ରଜ୍ଞାନ ଓ ରିୟାଂଶ ୬ ରାଉଣ୍ଡରୁ ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ତାଙ୍କ ପଛକୁ ଖୋର୍ଦ୍ଧାର ଦୁଇ ଖେଳାଳି ପ୍ରତ୍ୟୁଷ କୁମାର ଓ ଅର୍ପଣ ସାହୁ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଭୟ ବିଭାଗରେ ଲଢ଼େଇ ଜୋରଦାର ହୋଇଥିଲାବେଳେ ଆସନ୍ତାକାଲି ଫାଇନାଲ ମୁକାବିଲା ହେବ। କେଟି ଗ୍ଲୋବାଲ ସ୍କୁଲ ପରିସରରେ ଏହି ଟୁର୍ଣ୍ଣାମେଣ୍ଟ ମାଷ୍ଟର୍ସ ଚେସ୍ ଫାଉଣ୍ଡେସନ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ମିଳିତ ସହଯୋଗରେ ଆୟୋଜିତ ହେଉଛି। ଅଲଓଡ଼ିଶା ଚେସ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଏହି ଟୁର୍ଣ୍ଣାମେଣ୍ଟ ସ୍ୱୀକୃତପ୍ରାପ୍ତ।

## ଜାତୀୟ ଜିମ୍ନାଷ୍ଟିକ୍ସ: ସିନିଅର ଟିମ୍ ଚାମ୍ପିଅନସିପରେ ରେଳବାଇର ବାଜିମାତ୍

ଭୁବନେଶ୍ୱର, ୨।୫ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିଅର ଓ ସିନିଅର ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ୍‌ର ତୃତୀୟ ଦିବସ ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶନିବାର ମହିଳା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି)ର ଜୁନିଅର ଇଣ୍ଡିଭିଜୁଆଲ ଅଲ୍-ରାଉଣ୍ଡ ପ୍ରତିଯୋଗିତାରେ ମହାରାଷ୍ଟ୍ରର ପାହେଲ ଶାହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେ ୪୧.୩୬୬ ସ୍କୋର କରି ପ୍ରଥମ ସ୍ଥାନରେ ରହିଥିଲେ। ପଶ୍ଚିମବଙ୍ଗର ପାରମିତା ବେରା (୪୧.୧୬୭) ଓ ଶ୍ରେୟା ଘୋଷ (୪୦.୬୬୭) ଯଥାକ୍ରମେ ରୌପ୍ୟ ଓ କାଂସ୍ୟରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ସିନିଅର ଟିମ୍ ଚାମ୍ପିଅନସିପ୍‌ରେ ରେଲୱେ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡ (ଆର୍‌ଏସ୍‌ପିବି) ବାଜିମାତ୍ କରିନେଇଛି। ଆର୍‌ଏସପିବି ୧୩୦.୮୯୯ ସ୍କୋର କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲା। ଏହି ଇଭେଣ୍ଟରେ ପଶ୍ଚିମବଙ୍ଗ ଦ୍ୱିତୀୟ (୧୨୪.୦୦) ଓ ମହାରାଷ୍ଟ୍ର (୧୨୩.୧୬୬) ତୃତୀୟ ସ୍ଥାନରେ ରହିଥିଲେ।

## ନୀଳାଚଳ ଟ୍ରଫି କ୍ରିକେଟ୍‌ର ଉଦ୍‌ଯାପନ ଆଜି

# ୟୁନିଅନ ବନାମ ପ୍ରଗତି ସ୍ପୋର୍ଟିଂ ଫାଇନାଲ




ପୁରୀ,୨।୫(ସମିସ): କଟକର ୟୁନିଅନ ସ୍ପୋର୍ଟିଂ ଓ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ୧୭ତମ ଜଗଦୀଶ ରାଉତରାୟ ସ୍ମାରକୀ ନୀଳାଚଳ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମୁକାବିଲା ଆସନ୍ତାକାଲି ଖେଳାଯିବ। ସ୍ଥାନୀୟ ପାୟୋନିୟର କ୍ଲବ୍ ଆନୁକୂଲ୍ୟରେ ଶ୍ରୀ ଜଗନ୍ନାଥ ଷ୍ଟାଡିୟମ୍‌ରେ ଆଜି ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ପ୍ରଗତି ସ୍ପୋର୍ଟିଂ ୭ ୱିକେଟରେ ଦିଲ୍ଲୀର ପାଲାମ ବିହାର କ୍ଲବ୍‌କୁ ପରାସ୍ତ କରିଥିଲା। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ କଟକର ୟୁନିଅନ ସ୍ପୋର୍ଟିଂ ମାତ୍ର ୭ରନ୍‌ରେ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଆଜି ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ୨୬ରନ୍ ଦେଇ ୪ଟି ୱିକେଟ ନେଇଥିବା ମିଳନ ସାମଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପରାଜିତ ଦିଲ୍ଲୀ ଟିମ୍‌ର ସିମରନଜିତ ସିଂହଙ୍କୁ ଇମ୍ପାକ୍ଟ ପ୍ଲେୟର ବିବେଚିତ ହୋଇଥିଲେ। ଆଜିର ଅତିଥିଭାବେ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍‌ର ଓଡ଼ିଶା ମୁଖ୍ୟ ଅଜିତ ରଥ, ଟୁର୍ଣ୍ଣାମେଣ୍ଟ ଆୟୋଜନ ସଚିବ ହରେଶ ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ପାଲାମ ବିହାର କ୍ଲବ୍ ୩୧.୫ ଓଭରରେ ମାତ୍ର ୧୧୨ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସିମରନ ଜିତ ସିଂ ସର୍ବାଧିକ ୪୦ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର ଅଭିଜିତ ରାଉତ ଓ ମିଳନ ସାମଲ ୪ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୧୪.୧ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳର ଆୟୂଷ ଚାନ୍ଦ ସର୍ବାଧିକ ୪୧ଳ ଆୟୁଷ ୩୮ ଓ ରଣଜୀ ଖେଳାଳି ଶାନ୍ତନୁ ମିଶ୍ର ୧୫ ରନ୍ କରିଥିଲେ। ନିଶାନ୍ତ ନିଶିକେରଙ୍କୁ ୨ଟି ୱିକେଟ ମିଳିଥିଲା।

ଆଜିର ମ୍ୟାଚ୍‌କୁ ଅମ୍ପାୟାର ଦେବବ୍ରତ ଦାଶ ଓ ଚନ୍ଦ୍ରମୋହନ ବରାଳ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ୍ ଆସନ୍ତାକାଲି ଅନୁଷ୍ଠିତ ହେବ।

## ବିସିସିଆଇର ଜାତୀୟ ଯୁବ ବାଳିକା ଶିବିରରେ ଅନ୍ୱେଷା



ଭୁବନେଶ୍ୱର, ୨।୫ (ସମିସ): ବିସିସିଆଇ ଆନୁକୂଲ୍ୟରେ ବେଙ୍ଗାଲୁରୁସ୍ଥିତି ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ୧୫ ବର୍ଷରୁ କମ୍ ବାଳିକା ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶାର ଯୁବ କ୍ରିକେଟର ଅନ୍ୱେଷା ସ୍ୱାଇଁ ମନୋନୀତ ହୋଇଛନ୍ତି। ପାରାଦୀପ ଜନ୍ମିତ ଅନ୍ୱେଷା ଜଣେ ଲେଗ୍-ସ୍ପିନର ସହ ଉପଯୋଗୀ ବ୍ୟାଟର ମଧ୍ୟ। ବିସିସିଆଇର ମହିଳା ଚୟନ କମିଟି ଏହି ଶିବିର ଲାଗି ଖେଳାଳି ମନୋନୟନ କରିଥିଲା। ମେ ୧୮ରୁ ଜୁନ ୧୧ ତାରିଖ ପର୍ଯ୍ୟନ୍ତ ଶିବିର ଆୟୋଜିତ ହେବ। ଜାତୀୟ ଶିବିରରେ ସ୍ଥାନ ପାଇଥିବାରୁ ଏହି ଅବସରରେ ଅନ୍ୱେଷାଙ୍କୁ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)ର ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ପ୍ରଥମ ଇଣ୍ଡିଆନ ଇନ୍‌ଡୋର୍ ଓପନ୍

# ପୋଲ୍‌ଭଲ୍ଟରେ ଜାତୀୟ ରେକର୍ଡ କଲେ କୁଳଦୀପ



ଭୁବନେଶ୍ୱର, ୨।୫ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଇଣ୍ଡିଆନ ଇନଡୋର ଓପନ୍ କମ୍ବାଇନଡ୍ ଇଭେଣ୍ଟ ଓ ପୋଲ୍ ଭଲ୍ଟ ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ପୋଲ୍ ଭଲ୍ଟରେ ଜାତୀୟ ରେକର୍ଡ ପ୍ରତିଷ୍ଠା ହୋଇଛି। ମଧ୍ୟପ୍ରଦେଶର କୁଳଦୀପ କୁମାର ୫.୪୧ ମିଟର ଉଚ୍ଚକୁ ଡେଇଁ ପୋଡିୟମର ପ୍ରଥମ ସ୍ଥାନରେ ରହିବା ସହ ନୂତନ ଜାତୀୟ ରେକର୍ଡ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୂର୍ବରୁ ପୋଲ୍ ଭଲ୍ଟରେ ଜାତୀୟ ରେକର୍ଡ ସାଥୀ ମଧ୍ୟପ୍ରଦେଶ ଆଥଲେଟ ଦେବ ମୀନାଙ୍କ ନାମରେ ରହିଥିଲା। ଦେବ ମୀନା ୫.୪୦ ମିଟର ଡେଇଁ ଏହି ରେକର୍ଡର ଅଧିକାରୀ ରହିଥିଲେ। ଆଜି କଳିଙ୍ଗରେ ଦେବ ଭାଗନେଇଥିଲେ ମଧ୍ୟ ତାଙ୍କୁ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ଦେବ ଆଜି ୫.୨୦ ମିଟର ଡେଇଁଥିଲେ। ସେହିଭଳି ତାମିଲନାଡୁର ଜି. ରୀଗାନ ୫.୨୫ ମିଟର ଡେଇଁ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ଜିତିଥିଲେ।

ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ ମଧ୍ୟ ଦେବ ମୀନା ଆଗାମୀ ଏସିଆନ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛନ୍ତି। ଯୋଗ୍ୟତା ଅର୍ଜନ ଲାଗି ମାନଦଣ୍ଡ ୫.୪୫ ମିଟର ରହିଥିଲା। ଦେବ ଅବଶ୍ୟ ୫.୪୬ ମିଟର ଡେଇଁବାକୁ ପ୍ରୟାସ କରି ବିଫଳ ହୋଇଥିଲେ। ଆଥ୍ଲେଟିକ ଫେଡେରେସନ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରଥମଥର ଲାଗି କଳିଙ୍ଗ ଷ୍ଟାଡିୟମସ୍ଥିତ ଆଇକନିକ ଇନଡୋର ଷ୍ଟାଡିୟମରେ ଆୟୋଜିତ ଏହି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS